

ଡେଭନ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ
▶ଖେଳ ପୃଷ୍ଠା ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-259 WEDNESDAY 18 MARCH 2026 PAGE-12 ₹ 7.00 | PANIKOILI | ବର୍ଷ-୪୩ ସଂଖ୍ୟା-୨୫୯ ବୁଧବାର ୧୮ ମାର୍ଚ୍ଚ ୨୦୨୬ ପୃଷ୍ଠା-୧୨ ଟ.୭.୦୦


# କାବୁଲ ହସ୍ପିଟାଲ ଉପରେ ପାକିସ୍ତାନର ବୋମାମାଡ଼; ୪୦୦ ମୃତ

■ କାବୁଲ/ଇସ୍‌ଲାମାବାଦ୍/ନୂଆଦିଲ୍ଲୀ, ୧୭।୩(ଏଜେନ୍ସି): ଆଫଗାନିସ୍ତାନ ରାଜଧାନୀ କାବୁଲରେ ଥିବା ଏକ ନିଶା ନିବାରଣ ହସ୍ପିଟାଲ ଉପରେ ପାକିସ୍ତାନୀ ବାୟୁସେନା ଭୟଙ୍କର ବିମାନ ଆକ୍ରମଣ କରିଛି। ଆକ୍ରମଣରେ ଅତିକମ୍‌ରେ ୪୦୦ ରୋଗୀ ପ୍ରାଣ ହରାଇଥିବା ବେଳେ ୨୫୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆଫଗାନିସ୍ତାନ ତାଲିବାନ ସରକାରଙ୍କ ସୂଚନା ଅନୁଯାୟୀ ଗତକାଲି ରାତି ପ୍ରାୟ ୯ଟା ସମୟରେ ପାକିସ୍ତାନୀ ଯୁଦ୍ଧ ବିମାନ କାବୁଲର ଏହି ହସପିଟାଲ ଉପରେ ବୋମାମାଡ଼ କରିଥିଲା। ଡାକ୍ତରଖାନାର ଏକ ବଡ଼ ଅଂଶ ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି। ତାଲିବାନ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ୍ ଏହାକୁ ଏକ 'ମାନବିକତା ବିରୋଧୀ ଅପରାଧ' ବୋଲି କହିଛନ୍ତି। ପାକିସ୍ତାନ ବାରମ୍ବାର ଆଫଗାନିସ୍ତାନର ଆକାଶପଥ ଉଲ୍ଲଂଘନ କରି ସାଧାରଣ ନାଗରିକ ଓ ଚିକିତ୍ସାଳୟକୁ ଟାର୍ଗେଟ କରୁଥିବା ସେ ଅଭିଯୋଗ କରିଛନ୍ତି। କିନ୍ତୁ ପାକିସ୍ତାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛି। ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାର କହିଛନ୍ତି ଯେ, ସେମାନେ କେବଳ କାବୁଲର ଓ ନଙ୍ଗରହାର ପ୍ରଦେଶରେ ଆତଙ୍କବାଦୀ ସଂଗଠନକୁ ସହାୟତା କରୁଥିବା ସାମରିକ ପ୍ରତିଷ୍ଠାନ ଓ ଗୋଳାବାରୁଦ ଭଣ୍ଡାର ଉପରେ ହିଁ ଆକ୍ରମଣ କରିଛନ୍ତି। କୌଣସି ହସ୍ପିଟାଲକୁ ଟାର୍ଗେଟ କରାଯାଇନାହିଁ। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଘୋଷଣା କରିଛନ୍ତି ଯେ, ପାକିସ୍ତାନ ବର୍ତ୍ତମାନ ଆଫଗାନିସ୍ତାନ ସହିତ 'ଖୋଲା ଯୁଦ୍ଧ' ସ୍ଥିତିରେ ରହିଛି। ଗତ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ସୀମା ବିବାଦକୁ ନେଇ ସଂଘର୍ଷ ଜାରି ରହିଛି, ଯାହା ଗତ ତିନି ସପ୍ତାହ ହେବ ଅଧିକ ଭୟଙ୍କର ରୂପ ଧାରଣ କରିଛି।

### ଆକ୍ରମଣକୁ ଭାରତର ତୀବ୍ର ନିନ୍ଦା



କାବୁଲ ମେଡିକାଲରେ ପାକିସ୍ତାନର ବିମାନ ଆକ୍ରମଣକୁ ଭାରତ କଡ଼ା ଭାଷାରେ ନିନ୍ଦା କରିଛି। ଏହି ଆକ୍ରମଣକୁ ଭାରତ ବର୍ବର ଓ କାପୁରୁଷୋଚିତ ବୋଲି କହିବା ସହ ଏହା ଆଞ୍ଚଳିକ ଶାନ୍ତି ପ୍ରତି ସିଧାସଳଖ ବିପଦ ବୋଲି ବର୍ଣ୍ଣନା କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଚିକିତ୍ସାଳୟରେ ସାଧାରଣ ନାଗରିକଙ୍କୁ ହତ୍ୟା କରିବା ଏକ ଅକ୍ଷମଣୀୟ ଅପରାଧ। କିନ୍ତୁ ପାକିସ୍ତାନ ଏହି ନରସଂହାରକୁ ସାମରିକ ଅପରେସନର ରୂପ ଦେବାକୁ ଚେଷ୍ଟା କରିଛି। ଭାରତ ଏହାକୁ ଆଫଗାନିସ୍ତାନର ସାର୍ବଭୌମତ୍ୱ ଉପରେ ଏକ ଖୋଲଖୋଲି ଆକ୍ରମଣ ବୋଲି କହିଛି। ପାକିସ୍ତାନ ନିଜର ଅଭ୍ୟନ୍ତରୀଣ ବିଫଳତାକୁ ଲୁଚାଇବା ପାଇଁ ସୀମା ବାହାରେ ଏଭଳି ଅମାନବୀୟ କାର୍ଯ୍ୟ କରୁଛି। ପବିତ୍ର ରମଜାନ ମାସରେ ହସ୍ପିଟାଲ ଓ ରୋଗୀଙ୍କୁ ଟାର୍ଗେଟ କରିବା ଅତ୍ୟନ୍ତ ନିନ୍ଦନୀୟ। ଏଭଳି କାର୍ଯ୍ୟକୁ କୌଣସି ଧର୍ମ ସମର୍ଥନ କରେନାହିଁ ବୋଲି ଭାରତ ସ୍ପଷ୍ଟ କରିଛି।

---

## ଏସ୍‌ସିବିରେ ନିଆଁ
# କମ୍ପିଲା ବିଧାନସଭା

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

■ ଭୁବନେଶ୍ୱର,୧୭।୩(ସମିସ): ଏସସିବି ମେଡିକାଲ ଅଗ୍ନିକାଣ୍ଡରେ ୧୨ ଜଣଙ୍କ ମୃତ୍ୟୁ ଘଟଣାରେ ମଙ୍ଗଳବାର ବିଧାନସଭା ଅଚଳ କରିଛନ୍ତି ବିରୋଧୀ। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ଦାବିରେ ବିରୋଧୀ ଗୃହକୁ କମ୍ପମାନ କରିଛନ୍ତି। ଫଳରେ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୨୨ ମିନିଟ ଚାଲିପାରିଛି ଓ

### ରୋଗୀ ମୃତ୍ୟୁ ସମୟରେ ମନ୍ତ୍ରୀ ନାଚୁଛନ୍ତି: ବିରୋଧୀ

ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟରେ ବିରୋଧୀ ଭାଗ ନେଇ ନାହାନ୍ତି। ଅପରାହ୍ନରେ ବିନା ବିରୋଧୀରେ ଦୁଇ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

ମଙ୍ଗଳବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ହାତରେ ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବିଭିନ୍ନ ପୋଷ୍ଟର ପ୍ରଦର୍ଶନ କରି ଗୃହରେ ନାରାବାଜି କରିଥିଲେ। କଂଗ୍ରେସର ବିଧାୟକମାନେ ସମାନ ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗରେ ପ୍ରବଳ ହୋ ହଲ୍ଲା କରିଥିଲେ। ପ୍ରଶ୍ନକାଳ ଅଚଳ ହୋଇ ଯାଇଥିଲା। ଫଳରେ ବାଚସ୍ପତି ୧୦ଟା



୩୭ରୁ ୧୨ଟା ଯାଏଁ ମୁଲତବୀ ରଖିଥିଲେ। ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଉଭୟ ଦଳର ସଦସ୍ୟ ଗୃହ ମଧ୍ୟରେ ତୁମୁଳ ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ୧୨ଟା ୧୫ରୁ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ସମାନ ଭାବରେ ଗୃହରେ ହଟ୍ଟଗୋଳ, ନାରାବାଜି କରିବା ସହ ଖଣି ଓ ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ଖର୍ଚ୍ଚଦାବୀ ଆଲୋଚନାରେ ▶ପୃଷ୍ଠା-୭

### ଇସ୍ତଫା ଦିଅନ୍ତୁ ସ୍ୱାସ୍ଥ୍ୟମନ୍ତ୍ରୀ: ନବୀନ

■ ଭୁବନେଶ୍ୱର,୧୭।୩(ସମିସ): କଟକ ଏସସିବି ମେଡିକାଲ କଲେଜରେ ଭୟାବହ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମଙ୍ଗଳବାର

- ଭୟଙ୍କର ବ୍ୟବସ୍ଥାଗତ ତ୍ରୁଟି
- 'ତଦନ୍ତ' ଆଳରେ ନିଜକୁ ଲୁଚାଇ ପାରିବନି ସ୍ୱାସ୍ଥ୍ୟ ବିଭାଗ
- ମୃତକଙ୍କ ପରିବାର ପାଇଁ ଦିଆଯାଉ ୫୦ ଲକ୍ଷ ଟଙ୍କା ସହାୟତା



ବିଧାନସଭାର ଶୂନ୍ୟକାଳରେ ନବୀନ କହିଛନ୍ତି ଯେ ଏସ୍‌ସିବି ମେଡିକାଲ କଲେଜ ଭୟାବହ ଅଗ୍ନିକାଣ୍ଡ ଘଟଣା ମୋତେ ବ୍ୟଥିତ କରିଛି। ଗତକାଲି ମୁଁ କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଥିଲି। ସେଠାରେ ମୁଁ ଯାହା ଦେଖିଲି, ତାହା କେବଳ ଏକ ଦୁଃଖଦ ଦୁର୍ଘଟଣାର ଦୃଶ୍ୟ ନ ଥିଲା, ବରଂ ଆମ ରାଜ୍ୟର ଏହି ପ୍ରମୁଖ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ବିପର୍ଯ୍ୟସ୍ତ ସୁରକ୍ଷା ବ୍ୟବସ୍ଥାର ଏକ ନଗ୍ନ ଚିତ୍ର ଥିଲା। ସୋମବାର ଭୋର ସମୟରେ ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଅନେକ ମୂଲ୍ୟବାନ ଜୀବନ ନେଇଛି। ଏଠାକୁ ରୋଗୀମାନେ ସୁସ୍ଥ ହେବାର ଆଶା ନେଇ ଡାକ୍ତରଖାନାକୁ ଆସିଥିଲେ; କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ସେମାନଙ୍କୁ ଏଭଳି ଏକ ଭୟଙ୍କର ▶ପୃଷ୍ଠା-୭

## ଇରାନ ଯୁଦ୍ଧର ପ୍ରତିବାଦ
# ଟ୍ରମ୍ପଙ୍କୁ ଝଟକା ଦେଲେ ଘନିଷ୍ଠ ସହଯୋଗୀ

■ ୱାସିଂଟନ, ୧୭।୩(ଏଜେନ୍ସି): ଇସ୍ରାଏଲ କଥାରେ ପଡ଼ି ଇରାନ ଉପରେ ଆକ୍ରମଣ କରି ସଙ୍କଟରେ ପଡ଼ିଯାଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆକ୍ରମଣ ହେଲେ ଆମେରିକା ଉପରେ ଇରାନ ଏମିତି ପାଲଟା ଆକ୍ରମଣ କରିବ ବୋଲି ସେ କେବେହେଲେ କଳ୍ପନା କରିନଥିଲେ। ଆଜି ଏହା ସ୍ୱୀକାର କରିଛନ୍ତି ଟ୍ରମ୍ପ। ଏଭଳି ସଙ୍କଟରେ ଇରାନର ମୁକାବିଲା ପାଇଁ ସେ ଆମେରିକାର



- କାଉଣ୍ଟର ଟେରୋରିଜମ୍ ମୁଖ୍ୟ ପଦରୁ ଯୋଶେଫଙ୍କ ଇସ୍ତଫା
- ୟୁରୋପୀୟ ଦେଶ ମଧ୍ୟ ସମର୍ଥନ କରିବାକୁ ମନାକଲେ
- ଆମକୁ କାହାର ସାହାଯ୍ୟ ଦରକାର ନାହିଁ: ଟ୍ରମ୍ପ

ସହଯୋଗୀ ଦେଶ ଏବଂ ବିଶେଷ କରି ୟୁରୋପୀୟ ଦେଶଙ୍କ ଠାରୁ ସହାୟତା ଲୋଡ଼ିଥିଲେ। କିନ୍ତୁ ସହାୟତା କରିବାକୁ ସେମାନେ ରୋକଠୋକ ମନା କରିଦେଇଛନ୍ତି। ଏହାକୁ ନେଇ ଭୀଷଣ ବ୍ୟସ୍ତ ଓ ବିବ୍ରତ ଥିବା ଟ୍ରମ୍ପଙ୍କୁ ଆଜି ଆଉ ଏକ ଝଟକା ଲାଗିଛି। ଏହି ଝଟକା ଦେଇଛନ୍ତି ତାଙ୍କର ଘନିଷ୍ଠ ସହଯୋଗୀ ତଥା ଆମେରିକାର ଜାତୀୟ ଆତଙ୍କବାଦ ମୁକାବିଲା କେନ୍ଦ୍ର (କାଉଣ୍ଟର ଟେରୋରିଜମ୍ ସେଣ୍ଟର)ର ମୁଖ୍ୟ ଯୋଶେଫ କେଣ୍ଟ। ଇରାନ ଯୁଦ୍ଧର ପ୍ରତିବାଦ କରି ସେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି ଯେ ଇରାନ କେବେହେଲେ ଆମେରିକା ପ୍ରତି ବିପଦ ନଥିଲା ଏବଂ ଇସ୍ରାଏଲ ଚାପରେ ପଡ଼ି ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରି ଭୁଲ କରିଛନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ ପ୍ରଶାସନକୁ ସହାୟତା କରିବାରେ ବିବେକ ତାଙ୍କୁ ବାଧା ଦେଉଛି। ତେଣୁ ସେ ଇସ୍ତଫା ଦେବାକୁ ବାଧ ହେଉଛନ୍ତି ବୋଲି ଇସ୍ତଫା ପତ୍ରରେ ଯୋଶେଫ ଉ।।ଲ୍ଲେଖ କରିଛନ୍ତି।

ଅନ୍ୟପଟେ ଇରାନ ଦ୍ୱାରା ଅବରୋଧ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ତୈଳ ▶ପୃଷ୍ଠା-୭

---

# କ୍ରସ୍‌ଭୋଟିଂ ପରେ ତାତିଲା କଂଗ୍ରେସ

■ ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ୍ ବିରୋଧରେ ଯାଇ କ୍ରସ୍ ଭୋଟିଂ କରିଥିବା ୩ କଂଗ୍ରେସ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦାବି କରିଛନ୍ତି। ଏନେଇ ଶ୍ରୀ କାଡାମ ବାଚସ୍ପତି ସୂରମା ପାଢ଼ୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ ବିଧାୟକ ଦାଶରଥି ଗୋମାଙ୍ଗୋ, ସୋଫିଆ ଫିରୋଦସ ଏବଂ ରମେଶ ଜେନା ଭାରତୀୟ ଜାତୀୟ କଂଗ୍ରେସ ପ୍ରତିନିଧିତ୍ୱ କରି ଓଡ଼ିଶା ବିଧାନସଭାକୁ ସଦସ୍ୟ ଭାବେ ନିର୍ବାଚିତ

- ୩ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଚିଠି
- ନିଲମ୍ବିତ ବିଧାୟକଙ୍କ ଆସନ ବଦଳାଇବାକୁ ନିବେଦନ

ହୋଇଛନ୍ତି। ସେମାନେ କଂଗ୍ରେସ ବିଧାୟକ ଦଳର ଅଂଶ ରହିଛନ୍ତି। ମାତ୍ର ଗତ ୧୬ ତାରିଖ ରାଜ୍ୟସଭା ନିର୍ବାଚନରେ ସେମାନେ କ୍ରସ୍ ଭୋଟିଂରେ ସଂଶ୍ଳିଷ୍ଟ ହୋଇଛନ୍ତି। ଏଭଳି କାର୍ଯ୍ୟ ଦଳୀୟ ହ୍ୱିପ୍‌ର ସ୍ପଷ୍ଟ ଉଲ୍ଲଘଂନ ଓ ଭାରତ ସମ୍ବିଧାନର ଦଶମ ଅନୁଚ୍ଛେଦ (ଦଳବଦଳ ନିଷେଧ ଆଇନ୍)ର ବ୍ୟବସ୍ଥା ଅନୁଯାୟୀ ଦଳବଦଳ ବୋଲି ଗଣାଯାଏ। ସେମାନଙ୍କର ଏହି ଆଚରଣ କେବଳ ଦଳୀୟ ଅନୁଶାସନକୁ ଦୁର୍ବଳ କରିନାହିଁ ବରଂ ଗଣତାନ୍ତ୍ରିକ ବ୍ୟବସ୍ଥା ବିରୋଧୀ। ତେଣୁ ବାଚସ୍ପତି ଏହି ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରି ଉକ୍ତ ସଦସ୍ୟମାନଙ୍କୁ ଦଳବଦଳ ନିଷେଧ ଆଇନର ▶ପୃଷ୍ଠା-୭

### ରମେଶ, ଦାଶରଥୀ, ସୋଫିଆ ନିଲମ୍ବିତ

■ ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ୩ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗୋ ଓ



ସୋଫିଆ ଫିରଦୋସଙ୍କୁ ଦଳରୁ ନିଲମ୍ବିତ କରିଛି କଂଗ୍ରେସ। ଦଳୀୟ ହୁଇପ୍ ଭଙ୍ଗ ଯୋଗୁଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେମାନଙ୍କୁ ନିଲମ୍ବନ କରାଯାଇଥିବା ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୁଜିତ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ଅନୁରୂପ ଭାବରେ ଦଳୀୟ ଅନୁଶାସନ ଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ କଟକ ନଗର ସଭାନେତ୍ରୀ ଗିରିବାଳା ବେହେରାଙ୍କୁ ଦଳରୁ ବହିଷ୍କାର କରାଯାଇଛି।

ଶ୍ରୀ ପାଢ଼ୀଙ୍କ ସୂଚନା ଅନୁସାରେ କଂଗ୍ରେସର ସମସ୍ତ ବିଧାୟକଙ୍କୁ ୧୩ ତାରିଖରୁ ୧୬ ତାରିଖ

### କଟକ ନଗର ସଭାନେତ୍ରୀ ଗିରିବାଳା ବେହେରା ବହିଷ୍କୃତ

ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହି ଯୋଗାଯୋଗରେ ରହିବାକୁ ହୁଇପ ଜାରି କରାଯାଇଥିଲା। ଏହାସହିତ ଦଳର ନିର୍ଦ୍ଦେଶକ୍ରମେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ▶ପୃଷ୍ଠା-୭

## ଏସସିବି ଅଗ୍ନିକାଣ୍ଡ ପଛର ଭୟାବହ ସତ୍ୟ
# କାଗଜରେ ସୁରକ୍ଷା, ବାସ୍ତବରେ ମୃତ୍ୟୁଯନ୍ତା

କଟକ,୧୭।୩(ସମିସ): ରାଜ୍ୟର ସର୍ବବୃହତ୍ ସରକାରୀ ଚିକିତ୍ସାଳୟ କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଘଟିଥିବା ହୃଦୟବିଦାରକ ଅଗ୍ନିକାଣ୍ଡ ଏକ ସାଧାରଣ ଦୁର୍ଘଟଣା ନୁହେଁ, ବରଂ ଏହା ଏକ ଶୋଚନୀୟ ସଂସ୍ଥାଗତ ବିଫଳତାର ଜ୍ୱଳନ୍ତ ନମୁନା। ଯେଉଁ ସ୍ଥାନରେ ଜୀବନ ବଞ୍ଚାଇବା ପାଇଁ ରୋଗୀ ଓ ସେମାନଙ୍କ ପରିବାର ଆଶା ବାନ୍ଧି ଆସିଥିଲେ, ସେହି ସ୍ଥାନରେ ଅବହେଳା ଓ ଅସୁରକ୍ଷାର ଚକ୍ରବ୍ୟୂହରେ ୧୨ ଜଣ ଗୁରୁତର ରୋଗୀଙ୍କ ଜୀବନ ଦୀପ ଲିଭିଯିବା ସମଗ୍ର ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ନ୍ୟାସନାଲ ବିଲ୍ଡିଂ କୋଡ୍ ଏବଂ ଓଡ଼ିଶା ଫାୟାର ସର୍ଭିସ ଆକ୍ଟ ଅନୁଯାୟୀ ହସ୍ପିଟାଲଗୁଡ଼ିକରେ କଡା ଅଗ୍ନି ସୁରକ୍ଷା ବ୍ୟବସ୍ଥା ରହିବା ଅନିବାର୍ଯ୍ୟ ହୋଇଥିବା ବେଳେ ଏସସିବି ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହେବା ▶ପୃଷ୍ଠା-୭






---

## ବିଶ୍ୱବ୍ୟାଙ୍କର ଋଣୀ ଦେଶ ସୂଚୀ ଶୀର୍ଷରେ ଭାରତ
# ଭାରତ ଉପରେ ଋଣ ପରିମାଣ ୩.୬୩ଲକ୍ଷ କୋଟି

■ ନୂଆଦିଲ୍ଲୀ,୧୭।୩(ଏଜେନ୍ସି): ଦେଶ ଉପରେ ଦିନକୁ ଦିନ ବଢୁଛି କରଜ ବୋଝ। ଅନ୍ୟାନ୍ୟ ସୂତ୍ରରୁ ଓ ଖୋଲା ବଜାରରୁ କେନ୍ଦ୍ର ସରକାର ଯାହା ଋଣ ସହ ଭାରତ ବିଶ୍ୱବ୍ୟାଙ୍କରୁ ବିପୁଳ ଋଣ କରିଛି। ଗତବର୍ଷ ଭାରତ ଏହି ଋଣୀ ଦେଶ ସୂଚୀରେ ଶୀର୍ଷରେ

- ବର୍ଷକରେ ଋଣ ଆସିଛି ୧.୩୮ ଲକ୍ଷ କୋଟି ଟଙ୍କା
- ଚୀନଠାରୁ ଭାରତ ଉପରେ ଅଢ଼େଇଗୁଣ ଋଣ
- ପାକିସ୍ତାନ, ବାଂଲାଦେଶ, ବ୍ରାଜିଲଠୁ ଆଗରେ ଭାରତ

ଥିଲା ଓ ଚଳିତ ବର୍ଷ ମଧ୍ୟ ପୂର୍ବ ପରି ଶୀର୍ଷରେ ରହିଛି। ତେବେ କୌତୂହଳର କଥା ହେଉଛି ଗତ ବର୍ଷକ ମଧ୍ୟରେ ଭାରତର ଋଣ ପରିମାଣ ପ୍ରାୟ ୧.୩୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇଛି। ଗତବର୍ଷ ଭାରତ ଉପରେ ୨୪.୪ ବିଲିଅନ ଡ଼ଲାର ଋଣ ଥିବା ସମୟରେ ଏବେ ତାହା ବୃଦ୍ଧି ପାଇ ୩୯.୩ ବିଲିଅନ ଡ଼ଲାର ବା ୩.୬୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ବିଶ୍ୱବ୍ୟାଙ୍କ ସୂଚୀ ଅନୁସାରେ ତୁର୍କୀ, ମେକ୍ସିକୋ, ଚୀନ ଓ ଯୁଦ୍ଧ ବିଧ୍ୱଂସ ତୁର୍କୀ ପରି ଦେଶଗୁଡ଼ିକର ଋଣ ପୂର୍ବାପେକ୍ଷା ହ୍ରାସ ପାଇଛି ବା ସ୍ଥିର ରହିଛି। ସେହିପରି ପାକିସ୍ତାନ, ବ୍ରାଜିଲ୍, ବାଂଲାଦେଶ ପରି ଦେଶଗୁଡ଼ିକର ବିଶ୍ୱବ୍ୟାଙ୍କ ଋଣ ପରିମାଣ ଭାରତଠାରୁ ଯଥେଷ୍ଟ କମ୍ ରହିଛି।



ପରିସଂଖ୍ୟାନ ଅନୁଯାୟୀ ଭାରତ ବିଶ୍ୱ ବ୍ୟାଙ୍କର ସବୁଠାରୁ ବଡ଼ ଋଣଗ୍ରସ୍ତ ରାଷ୍ଟ୍ର ଭାବରେ ଉଭା ହୋଇଛି। ଭାରତର ମୋଟ ଋଣ ପରିମାଣ ୨୦୨୬ ପ୍ରାରମ୍ଭରେ ୩୯.୩ ବିଲିୟନ୍ ଡଲାର (୩.୬୩ ଲକ୍ଷ କୋଟି ଟଙ୍କାରୁ ଅଧିକ) ରହିଛି। ୨୦୨୫ରେ ଭାରତର ମୋଟ ଋଣ ପରିମାଣ ୨୪.୪ ବିଲିୟନ୍ ଡଲାର (୨.୨୫ ଲକ୍ଷ କୋଟି ଟଙ୍କା) ରହିଥିଲା। ଭାରତ ବିଶ୍ୱ ବ୍ୟାଙ୍କରୁ ନେଇଥିବା ଏହି ଅର୍ଥ ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ବିକାଶ ପ୍ରକଳ୍ପ କ୍ଷେତ୍ରରେ ବ୍ୟବହାର କରୁଥିବା କୁହାଯାଉଥିଲେ ହେଁ ବାସ୍ତବତଃ ଏହାକୁ ମାଗଣା ବଣ୍ଟନ, ତୁଷ୍ଟୀକରଣ ଓ ଭୋଟ ପାଇଁ ବ୍ୟବହାର କରାଯାଉଥିବା ଅର୍ଥନୀତିଜ୍ଞମାନେ ମନେ କରୁଛନ୍ତି। ଏହି ଋଣ ଭାରତ ଉଭୟ ଅନ୍ତର୍ଜାତୀୟ ପୁନର୍ଗଠନ ଓ ବିକାଶ ବ୍ୟାଙ୍କ (ଆଇବିଆର୍‌ଡି) ଏବଂ ଆନ୍ତର୍ଜାତୀୟ ବିକାଶ ସଂଘ (ଆଇଡିଏ)ରୁ ନେଇଛି। ବିଶ୍ୱ ବ୍ୟାଙ୍କରୁ ଋଣ ନେବାରେ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ଇଣ୍ଡୋନେସିଆ। ଏହି ▶ପୃଷ୍ଠା-୭





# ୮ ଲୋକସଭା ସାଂସଦଙ୍କ ନିଲମ୍ବନ ପ୍ରତ୍ୟାହାର

ନୂଆଦିଲ୍ଲୀ, ୧୭ ।୩(ଏଜେନ୍ସି): ଲୋକସଭାରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ନିଲମ୍ବିତ ହୋଇଥିବା ୮ ଜଣ ବିରୋଧୀ ସାଂସଦଙ୍କ ଉପରୁ ସସ୍‌ପେନ୍ସସନ ଉଠାଇ ଦିଆଯାଇଛି। ଏମାନଙ୍କ ମଧ୍ୟରେ କଂଗ୍ରେସର ୭ ଓ ବାମପନ୍ଥୀ ଦଳର ଜଣେ ସାଂସଦ ରହିଛନ୍ତି। ଗତ ଫେବୃଆରୀ ୪ରେ ବଜେଟ ଅଧିବେଶନ ସମୟରେ ଏହି ସାଂସଦମାନଙ୍କୁ ନିଲମ୍ବିତ କରାଯାଇଥିଲା। ସେହି ସମୟରେ ରାହୁଲ ଗାନ୍ଧୀ ପୂର୍ବ ଲଦାଖରେ ଭାରତ- ଚୀନ୍ ସୀମା ବିବାଦ ପ୍ରସଙ୍ଗ ଉଠାଇଥିଲେ।

## ପୋଷ୍ଟର, ଏଆଇ ଫଟୋ ନଦେଖାଇବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ହଙ୍ଗାମା ସମୟରେ ଏହି ସାଂସଦମାନେ ବାଚସ୍ପତିଙ୍କ ଆସନ ଆଡ଼କୁ ମାଡ଼ିଯିବା ସହ କାଗଜ ଫିଙ୍ଗିଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର କଂଗ୍ରେସ ସାଂସଦ କେ ସୁରେଶ ଓ ଅନ୍ୟ ଦୁଇଜଣ ସାଂସଦ ନିଲମ୍ବନ ଆଦେଶ ପାଇଁ ପ୍ରସ୍ତାବ ଆଣିଥିଲେ। ଧ୍ୱନି ମତରେ ଏହି ପ୍ରସ୍ତାବ ପାରିତ ହେବା ପରେ ସେମାନଙ୍କ ଉପରୁ କଟକଣା ହଟାଇ ଦିଆଯାଇଛି। ସମାଜବାଦୀ ପାର୍ଟି ସାଂସଦ ଧର୍ମେନ୍ଦ୍ର ଯାଦବ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ନିଲମ୍ବନ ପ୍ରତ୍ୟହାର ସମୟରେ ବାଚସ୍ପତି ଓମ୍ ବିର୍ଲା ସମସ୍ତ ସାଂସଦଙ୍କୁ ଗୃହର ମର୍ଯ୍ୟାଦା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ପୁଣି ସଦନ ମଧ୍ୟରେ କୌଣସି ପ୍ରକାର ପୋଷ୍ଟର କିମ୍ବା ପ୍ଲାକାର୍ଡ ପ୍ରଦର୍ଶନ କରାଯାଇପାରି ନାହିଁ ବୋଲି ସେ କହିଥିଲେ।

# ପଞ୍ଚାୟତ ବୈଠକରେ ଶାଶୁ, ଶଳାକୁ ହତ୍ୟା କଲା ଜ୍ୱାଇଁ

## ପୁଲିସ ଏନ୍‌କାଉଣ୍ଟରରେ ମୃତ

ବରେଲି, ୧୭ ।୩(ଏଜେନ୍ସି): ଉତ୍ତର ପ୍ରଦେଶର ବରେଲି ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହର ସମାଧାନ ପାଇଁ ବସିଥିବା ପଞ୍ଚାୟତ ବୈଠକରେ ଜଣେ ବ୍ୟକ୍ତି ନିଜ ଶାଶୁ ଓ ଶଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ଅଭିଯୁକ୍ତ ଜଣକ ପୁଲିସ ଏନକାଉଣ୍ଟରରେ ପ୍ରାଣ ହରାଇଥିବା ସୂଚନା ମିଳିଛି। ଅଭିଯୁକ୍ତ ଅଫସର ଖାନ (୪୦) ଓ ସାଇମା (୨୮)ଙ୍କର ୯ ବର୍ଷ ପୂର୍ବେ ବିବାହ ହୋଇଥିଲା। ପାରିବାରିକ କଳହ ଯୋଗୁଁ ୫ ଦିନ ତଳେ ସାଇବା ନିଜ ବାପଘରକୁ ଚାଲିଆସିଥିଲେ। ସେମାନଙ୍କ ମଧ୍ୟ ବୁଝାମଣା କରିବା ପାଇଁ ସୋମବାର ପଞ୍ଚାୟତ ବୈଠକ ବସିଥିଲା। କିନ୍ତୁ ବୈଠକ ଚାଲିଥିବା ସମୟରେ ଅଫସର ହଠାତ ଉତ୍ୟକ୍ତ ହୋଇ ନିଜ ଶାଶୂ ଆସମା (୫୪) ଓ ଶଳା ଆଦିଲ (୨୦)ଙ୍କୁ ଛୁରୀ ଭୁସି ହତ୍ୟା କରିଥିଲେ। ସେ ନିଜ ପତ୍ନୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ, ସେ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ହତ୍ୟା ପରେ ଅଫସର ଫେରାର ହୋଇଯାଇଥିଲା। ମଙ୍ଗଳବାର ସକାଳେ ପୁଲିସ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆତ୍ମସମର୍ପଣ କରିବା ବଦଳରେ ସେ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପୁଲିସର ପାଲଟା ଗୁଳିମାଡ଼ରେ ଅଫସର ଗୁରୁତର ଆହତ ହୋଇ ପ୍ରାଣ ହରାଇଛି। ଦୁଇ ପୁଲିସ କର୍ମଚାରୀ ମଧ୍ୟ ଏହି ଗୁଳି ବିନିମୟରେ ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଅଫସର ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଥିଲା। ୨୦୦୯ରେ ସେ ନିଜର ମାମୁଁଙ୍କୁ ହତ୍ୟା ଅଭିଯୋଗରେ କାରାଦଣ୍ଡ ଭୋଗୁଥିଲା ଓ କୋର୍ଟରୁ ଜାମିନ ପାଇଁ ବାହାରକୁ ଆସିଥିଲା।

# ରିଲ୍ସ ପାଇଁ ଗଲା ଜୀବନ

## ହସି ହସି ନିଜ ଛାତିକୁ ଗୁଳି କଲେ ଯୁବକ



ନୂଆଦିଲ୍ଲୀ, ୧୭ ।୩(ଏଜେନ୍ସି): ପୂର୍ବର ଦିଲ୍ଲୀର ଦଲ୍ଲୁପୁରା ଅଞ୍ଚଳରେ ଏକ ଅତ୍ୟନ୍ତ ଦୁଃଖଦାୟକ ଘଟଣା ଘଟିଛି। ସୋସିଆଲ ମିଡ଼ିଆ ରିଲ୍ସ ପାଇଁ ପ୍ରସ୍ତୁତ କରିବା ସମୟରେ ଜଣେ ଯୁବକ ନିଜ ଛାତିକୁ ଗୁଳି କରି ପ୍ରାଣ ହରାଇଛନ୍ତି। ମୃତ ଯୁବକଙ୍କ ନାମ ହେଉଛି ପବନ। ପବନ ଏକ ବନ୍ଧୁକ ଷ୍ଟଣ୍ଟ ପ୍ରଦର୍ଶନ କରୁଥିବା ବେଳେ ତାଙ୍କ ସାଙ୍ଗ ଏହାର ଭିଡ଼ିଓ ରେକର୍ଡିଂ କରୁଥିଲେ। ଭିଡ଼ିଓରେ ଦେଖିବାକୁ ମିଳିଛି ଯେ ପବନ ହସି ହସି ବନ୍ଧୁକଟିକୁ ନିଜ ଛାତିରେ ଲଗାଇଥିଲେ। ପବନ ଭାବିଥିଲେ ଯେ ବନ୍ଧୁକଟି ଲକ୍ ଅଛି, କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ହୋଇ ନଥିଲା। ଗୁଳିଟି ସିଧା ପବନଙ୍କ ଛାତିରେ ବାଜିଥିଲା। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲେ ହେଁ ଚିକିତ୍ସାଧିନୀ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଭିଡ଼ିଓ କରୁଥିବା ସାଙ୍ଗ ଜଣକ ପବନଙ୍କୁ ବନ୍ଧୁକ କିପରି ଲୋଡ୍ କରାଯାଏ ସେ ନେଇ ଟିପ୍ସ ଦେଉଥିଲେ ଓ ଗୁଳି ନ ଚଳାଇବାକୁ ଚେତାବନି ମଧ୍ୟ ଦେଉଥିଲେ। ପୁଲିସ ସୂଚନା ଅନୁଯାୟୀ, ବ୍ୟବହୃତ ପିସ୍ତଲଟି ଲାଇସେନ୍ସପ୍ରାପ୍ତ ଓ ତାହା ଭିଡ଼ିଓ ସୁଟିଂ କରୁଥିବା ସାଙ୍ଗଙ୍କର ଥିଲା। ପୁଲିସ ପ୍ରାଥମିକ ତଦନ୍ତ ପରେ କହିଛି ଯେ ବନ୍ଧୁକ ସହ ଷ୍ଟଣ୍ଟ୍ କରିବା ପବନଙ୍କ ପାଇଁ କାଳ ହେଲା। ପୁଲିସ ଏହି ଘଟଣା ଅଧିକ ତଦନ୍ତ ଜାରି ରଖିଛି ଓ ସାଙ୍ଗଙ୍କ ବୟାନ ରେକର୍ଡ କରାଯାଇଛି।

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଇରାନ ଆକ୍ରମଣ ଅପ୍ରତ୍ୟାଶିତ ଥିଲା: ଟ୍ରମ୍ପ

ୱାଶିଂଟନ/ତେହରାନ, ୧୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସନ୍ତୋଷକୁ ପଦାରେ ପକାଇଛି। ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ଦ୍ୱାରା ଉପସାଗରୀୟ ଦେଶଗୁଡ଼ିକ ଉପରେ ହୋଇଥବା ପ୍ରତିଶୋଧମୂଳକ ଆକ୍ରମଣ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। କିନ୍ତୁ ଗୁପ୍ତଚର ରିପୋର୍ଟ ଓ ବିଶେଷଜ୍ଞମାନେ ତାଙ୍କୁ ପୂର୍ବରୁ ଚେତାବନୀ ଦେଇଥିଲେ ଯେ ତେହେରାନ ଆଞ୍ଚଳିକ ଦେଶଗୁଡ଼ିକୁ ଲକ୍ଷ୍ୟ କରି ଏହି ବିବାଦକୁ ବଢ଼ାଇପାରେ। ବୁଦ୍ଧିଜୀବୀ ଓ ସାମରିକ ବିଶେଷଜ୍ଞମାନେ ଏହାକୁ ଖଣ୍ଡନ କରି କରିଛନ୍ତି ଯେ ସେମାନେ ଏଭଳି ପରିସ୍ଥିତି ସୃଷ୍ଟି ହେବା ନେଇ ରାଷ୍ଟ୍ରପତିଙ୍କୁ ଆଗୁଆ ସତର୍କ କରାଇଥିଲେ। ଟ୍ରମ୍ପ କହିଛନ୍ତି ଯେ କେହିବି ଭାବି ନଥିଲେ ଯେ ଇରାନ ଅନ୍ୟ ମଧ୍ୟ-ପ୍ରାଚ୍ୟ ଦେଶଗୁଡ଼ିକ ଉପରେ ଆକ୍ରମଣ କରିବାରେ ଆମେ ସମସ୍ତେ ସ୍ତବ୍ଧ ହୋଇଥିଲୁ। ଏହା ଆମପାଇଁ ଏକ ବଡ଼ ଧକ୍କା ସଦୃଶ ଥିଲା। ଇରାନ ସହିତ ଥିବା ସମ୍ପର୍କ କ୍ଷେତ୍ରରେ ଏହି ଦେଶଗୁଡ଼ିକ ନିରପେକ୍ଷ ବୋଲି ବର୍ଣ୍ଣନା କରିଥିଲେ। ଜଣାଶୁଣା ନ୍ୟୁଜ୍ ଏଜେନ୍ସି ରଏଟର୍ସର ରିପୋର୍ଟ ଅନୁଯାୟୀ, ଯୁଦ୍ଧ ପୂର୍ବରୁ ଗୁପ୍ତଚର ବିଭାଗ ରିପୋର୍ଟ ଦେଇଥିଲା ଯେ ଇରାନ ସାଉଦି ଆରବ, କାତାର, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), ବାହାରିନ ଓ କୁଏତ ଭଳି ଦେଶଗୁଡ଼ିକୁ ଟାର୍ଗେଟ କରିପାରେ, କାରଣ ସେଠାରେ ଆମେରିକୀୟ ଘାଟି ରହିଛି। ଟ୍ରମ୍ପ ଏହି ଦେଶଗୁଡ଼ିକୁ ନିରପେକ୍ଷ ବୋଲି ବର୍ଣ୍ଣନା କରିଥିଲେ ଓ ସେମାନଙ୍କ ଉପରେ ଆକ୍ରମଣ ହେବ ବୋଲି କେହି ଆଶା କରି ନଥିଲେ। ଆମେରିକା ବୈଦେଶିକ ବିଭାଗର ପୂର୍ବତନ ଅଧିକାରୀ ନେଟ୍ ସ୍ୱାନସନ ଆକ୍ରମଣର ୪ ଦିନ ପୂର୍ବରୁ ଏକ ପ୍ରବନ୍ଧରେ ଲେଖିଥିଲେ ଯେ ଇରାନ ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ଅଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିପାରେ। ଟ୍ରମ୍ପ ଇରାନର ସ୍ଥିତି ବୁଝିବାରେ ବିଫଳ ହୋଇଛନ୍ତି ବୋଲି ସେ ମତ ଦେଇଥିଲେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଯେଉଁ ବିଶେଷଜ୍ଞମାନେ ଆଗୁଆ ସତର୍କବାଣୀ ଶୁଣାଇଥିଲେ, ସେମାନଙ୍କ ମଧ୍ୟରୁ କେତେକଙ୍କୁ ଟ୍ରମ୍ପ ଗତବର୍ଷ ଚାକିରିରୁ ବାହାର କରିଦେଇଥିଲେ। ବିଶେଷଜ୍ଞମାନେ ପୂର୍ବରୁ ଚେଦାବନୀ ଦେଇଥିଲେ ଯେ ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିଦେବ, ଯାହା ବିଶ୍ୱ ଅର୍ଥନୀତି ଉପରେ ଗୁରୁତର ପ୍ରଭାବ ପକାଇବ। ଟ୍ରମ୍ପ ଅବଶ୍ୟ ପରବର୍ତ୍ତୀ ସମୟରେ ଏହି ମାର୍ଗକୁ ମୁକ୍ତ କରିବା ପାଇଁ ସହଯୋଗୀ ଦେଶମାନଙ୍କ ସାହାଯ୍ୟ ମାଗିଥିଲେ।

## ଆମେ ଆଗୁଆ ସତର୍କ କରାଇଥିଲୁ ବୋଲି କହିଲେ ବିଶେଷଜ୍ଞ

# ଆମେରିକୀୟ ସେନା ଉପରେ ଆକ୍ରମଣ ପାଇଁ ତଥ୍ୟ ଦେଉଛି ରୁଷ ଉପଗ୍ରହ



ୱାଶିଂଟନ/ତେହେରାନ, ୧୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ମହାକାଶରୁ ନିୟନ୍ତ୍ରିତ ହେଉଛି। ଆମେରିକୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରୁଷିଆ ଏବେ ଇରାନକୁ ଗୁରୁତ୍ୱପୂର୍ଣ୍ଣ ଉପଗ୍ରହ ତଥା ସାଟେଲାଇଟ୍ ଗୁପ୍ତଚର ତଥ୍ୟ ପ୍ରଦାନ କରୁଛି। ଯାହା ଫଳରେ ଇରାନ ଆମେରିକାର ଯୁଦ୍ଧ ଜାହଜା ଓ ସାମରିକ ଘାଟି ଉପରେ ଅତି ସଠିକ ଭାବେ ଟାର୍ଗେଟ କରିବାକୁ ସକ୍ଷମ ହେଉଛି। ଜଣାଶୁଣା ଖବର କାଗଜ 'ଦି ୱାସିଂଟନ ପୋଷ୍ଟ' ଅନୁଯାୟୀ, ରୁଷିଆ ନିଜର ସାଟେଲାଇଟ୍ ନେଟୱର୍କ ମାଧ୍ୟମରେ ଆମେରିକୀୟ ସୈନ୍ୟ ଓ ଜାହାଜର ଗତିବିଧି ସମ୍ପର୍କିତ ତଥ୍ୟ ଇରାନ ସହ ସେୟାର କରୁଛି। ଯଦିଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହାକୁ ଅସ୍ୱୀକାର କରିଛନ୍ତି, ତଥାପି ମସ୍କୋ ଓ ତେହେରାନ ମଧ୍ୟରେ ବଢ଼ୁଥିବା ସାମରିକ ବନ୍ଧୁତା ଏହାକୁ ସ୍ପଷ୍ଟ କରୁଛି। ନିକଟରେ କୁଏତରେ ଥିବା ଏକ ଆମେରିକୀୟ ସାମିରକ ଘାଟି ଉପରେ ଇରାନର ଡ୍ରୋନ ଆକ୍ରମଣରେ ୬ ଜଣ ସୈନ୍ୟ ମୃତ୍ୟୁବରଣ କରିଛନ୍ତି। ଏହି ଆକମଣରେ ଯେଉଁ ପ୍ରକାର ସଠିକତା ଦେଖିବାକୁ ମିଳିଛି, ତାହା ରୁଷର ସାଟେଲାଇଟ୍ ଡାଟାର ବ୍ୟବହାର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅନ୍ୟପଟେ ଚୀନ୍ ଏହି ସଂଘର୍ଷରେ ଅତି ସତର୍କତା ଅବଲମ୍ବନ କରୁଛି। ଚୀନ ଇରାନକୁ ଆର୍ଥିକ ସହାୟତା ଓ ମିସାଇଲ ଅଂଶ ଯୋଗାଇବାକୁ ପ୍ରସ୍ତୁତ ହେଉଥିଲେ ମଧ୍ୟ ହର୍ମୁଜ ପ୍ରଣାଳୀରେ ତେଲ ପରିବହନ ବାଧାପ୍ରାପ୍ତ ହେବା ଭୟରେ କୌଣସି ବଡ଼ ପଦକ୍ଷେପ ନେବାରୁ ଦୂରେଇ ରହିଛି। ସୂଚନାଯୋଗ୍ୟ ଯେ, ଗତ କିଛିବର୍ଷ ଧରି ଇରାନ ରୁଷିଆକୁ ୟୁକ୍ରେନ ଯୁଦ୍ଧ ପାଇଁ ଡ୍ରୋନ ଓ ମିସାଇଲ ଯୋଗାଇ ଆସୁଛି। ବର୍ତ୍ତମାନ ରୁଷିଆ ଏହାର ପ୍ରତିବଦଳରେ ଇରାନକୁ ଉନ୍ନତ ସାମରିକ ସୂଚନା ଦେଇ ଆସୁଛି। ଫଳରେ ଆମେରିକା ପାଇଁ ନିଜର ସମ୍ପତ୍ତି ଓ ସୈନ୍ୟଙ୍କୁ ରକ୍ଷା କରିବା ଏକ ବଡ଼ ଆହ୍ୱାନ ପାଲଟିଛି।



# ଇରାନର ସୁରକ୍ଷା ମୁଖ୍ୟ ଲାରିଜାନୀଙ୍କୁ ହତ୍ୟା କରିଛୁ: ଇସ୍ରାଏଲ

ତେହେରାନ/ଜେରୁଜେଲମ୍, ୧୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକ- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯଦ୍ଧ ମଙ୍ଗଳବାର ଅଷ୍ଟାଦଶ ଦିବସରେ ପହଞ୍ଚିଛି। ଇସ୍ରାଏଲ ସେନା ଦାବି କରିଛି ଯେ ସେମାନେ ଇରାନର ଶୀର୍ଷ ସୁରକ୍ଷା ମୁଖ୍ୟ ଅଲି ଲାରିଜାନୀଙ୍କୁ ଟାର୍ଗେଟ କରିଛନ୍ତି। ତେବେ ସେ ଏହି ଆକ୍ରମଣରେ ମୃତ କିମ୍ବା ଆହତ, ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ ଇରାନ ଇସ୍ରାଏଲର ଏହି ଦାବିକୁ ଅସ୍ୱୀକାର କରିଛି ଓ ଲାରିଜାନୀଙ୍କ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଏକ ହାତଲେଖା ଚିଠି ସେୟାର କରିଛି। ଇସ୍ରାଏଲର ଏହି ଗୁରୁତ୍ୱପୂର୍ଣ୍ଣ ଦାବି ମଧ୍ୟରେ ଲାରିଜାନୀଙ୍କ 'ଏକ୍ସ' ଆକାଉଣ୍ଟରେ ଏକ ନୋଟ୍ ପ୍ରକାଶ ପାଇଛି। ଏଥିରେ ସେ ନିକଟରେ ଆମେରକା ଆକ୍ରମଣରେ ସହିଦ ହୋଇଥିବା ଇରାନୀ ନାବିକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଯଦି ଏହି ଖବର ସତ୍ୟ ହୁଏ, ତେବେ ଯୁଦ୍ଧର ପ୍ରଥମ ଦିନରେ ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଖାମନେଇଙ୍କ ମୃତ୍ୟୁପରେ ଲାରିଜାନୀ ହେଉଛନ୍ତି ସବୁଠାରୁ ବଡ଼ ଇରାନୀ ନେତା ଯିଏ ଏହି ସଂଘର୍ଷରେ ପ୍ରାଣ ହରାଇଛନ୍ତି। ଲାରିଜାନୀଙ୍କ ସହ ବାସିଜ୍ ପାରାମିଲିଟାରୀ ଫୋର୍ସର କମାଣ୍ଡର ଗୋଲାମରେଜା ସୋଲମାନି ଓ ଅନ୍ୟ କେତେକ ବରିଷ୍ଠ ଅଧିକାରୀ ମଧ୍ୟ ନିହତ ହୋଇଥିବା ଇସ୍ରାଏଲ ଦାବି କରିଛି। ଇସ୍ରାଏଲ ଅଧିକାରୀଙ୍କ ଅନୁଯାୟୀ, ଲାରିଜାନୀ ନିଜ ପୁଅ ସହ ଏକ ଗୁପ୍ତ ଆପାର୍ଟମେଣ୍ଟରେ ଲୁଚି ଥିବା ବେଳେ ଏହି ଆକ୍ରମଣ କରାଯାଇଥିଲା। ଗୁପ୍ତଚର ସୂଚନା ପାଇବା ମାତ୍ରେ ସଠିକ ସମୟରେ ବୋମା ମାଡ଼ କରାଯାଇଥିଲା। ଲାରିଜାନୀ ଦଶନ୍ଧି ଧରି ଇରାନ ସଂସଦର ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ପରମାଣୁ ଚୁକ୍ତି ଆଲୋଚନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୦୨୫ରେ ତାଙ୍କୁ ପୁଣିଥରେ ଜାତୀୟ ସୁରକ୍ଷା ପରିଷଦର ସଚିବ ଭାବେ ନିଯୁକ୍ତି କରାଯାଇଥିଲା। ଖାମନେଇଙ୍କ ମୃତ୍ୟୁ ପରେ ସେ ଇରାନର ଯୁଦ୍ଧ ରଣନୀତି ପ୍ରସ୍ତୁତ କରିବାରେ ପ୍ରମୁଖ ବ୍ୟକ୍ତି ଥିଲେ। ଲାରିଜାନୀଙ୍କ ଭଳି ୧୦ ଜଣ ଶୀର୍ଷ ଇରାନୀ ଅଧିକାରୀଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଆମେରିକା ୧ କୋଟି ଡଲାରର ପୁରସ୍କାର ରାଶି ଘୋଷଣା କରିଥିଲା। ଯୁଦ୍ଧ ଆରମ୍ଭରୁ ଏପର୍ଯ୍ୟନ୍ତ ଇସ୍ରାଏଲ ଇରାନର ପ୍ରାୟ ୧୦ଜଣ ଅଧିକାରୀଙ୍କୁ ହତ୍ୟା କରି ସାରିଲାଣି। ଏଥିରେ ଖାମନେଇଙ୍କ ବ୍ୟକ୍ତିଗତ ପରାମର୍ଶ ଦାତା ଅଲି ଶାମଖାନି ମଧ୍ୟ ସାମିଲ ଅଛନ୍ତି।

ମଙ୍ଗଳବାର ଇସ୍ରାଏଲ ସେନା (ଆଇଡିଏଫ୍) ଇରାନ ରାଜଧାନୀ ତେହରାନ ଉପରେ ଏକ ବଡ଼ ଧରଣର ବିମାନ ଆକ୍ରମଣ କରିଛି। ଇରାନ ସରକାରଙ୍କ ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଧ୍ୱଂସ କରିବା ଏହି ଆକ୍ରମଣ ଲକ୍ଷ୍ୟ ବୋଲି ଇସ୍ରାଏଲ କହିଛି। ସେପଟେ ଶ୍ରୀଲଙ୍କା ନିକଟରେ ଆମେରିକାର ଟର୍ପିଡ଼ୋ ଆକ୍ରମଣରେ ବୁଡ଼ି ଯାଇଥିବା ଇରାନର ଯୁଦ୍ଧ ଜାହାଜ 'ଆଇଆରଆଇଏସ୍ ଡେନା'ର ୮୪ ଜଣ ମୃତ ନାବିକଙ୍କ ଅନ୍ତିମ ସଂସ୍କାର ମଙ୍ଗଳବାର କରାଯାଉଛି। ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ତେହରାନବାସୀଙ୍କୁ ଏହି ଶୋଭାଯାତ୍ରାରେ ସାମିଲ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟପଟେ ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଭାରତ ଏହି ଅଞ୍ଚଳରେ ନିଜର ଦୁଇଟି ଯୁଦ୍ଧ ଜାହାଜ ମୁତୟନ କରିଛି। ଏହି ଜାହାଜଗୁଡ଼ିକ ଭାରତକୁ ତେଲ ଓ ଗ୍ୟାସ ଆଣୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବ।





# ହର୍ମୁଜରେ ଜାହାଜକୁ ଏମିତି ସୁରକ୍ଷା ଦେଉଛି ଭାରତୀୟ ନୌସେନା

ନୂଆଦିଲ୍ଲୀ, ୧୭ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ହର୍ମୁଜ ପ୍ରଣାଳୀକୁ ପ୍ରଭାବିତ କରିଛି। ଫଳରେ ବିଶ୍ୱରେ ତୈଳ ଯୋଗାଣ ଉପରେ ଗଭୀର ପ୍ରଭାବ ପଡ଼ିଛି। ଏହି ପଥ ଦ୍ୱାରା ପ୍ରାୟ ୨୦-୨୫ ପ୍ରତିଶତ ତେଲ ରାପ୍ତାନୀ ହୋଇଥାଏ। କେବଳ ଭାରତ ତା'ର ୮୦ ପ୍ରତିଶତ ତୈଳ, ଇନ୍ଧନ ତଥା ଶକ୍ତି ଏହି ପ୍ରଣାଳୀ ଉପରେ ହିଁ ନିର୍ଭର କରେ। ଏହି ଜଟିଳ ପରିସ୍ଥିତରେ ଭାରତୀୟ ନୌସେନା ଏହି ପ୍ରଣାଳୀରେ ଅପରେସନ ସଂକଳ୍ପ ଚାଲୁ ରଖିଛି ଓ ଯୁଦ୍ଧ ଜାହାଜ ମୁତୟନ କରିଛି। ଏହି ଯୁଦ୍ଧ ଜାହଜାଗୁଡ଼ିକ ଭାରତକୁ ଆସୁଥିବା ବାଣିଜ୍ୟିକ ଜାହଜମାନଙ୍କୁ ସୁରକ୍ଷା ଦେଇ ବାହାର କରୁଛି। ଆଇଏନ୍‌ଏସ ସୁରତ ଭଳି ଆଧୁନିକ ମିସାଇଲ ଡେଷ୍ଟ୍ରୟର ମଧ୍ୟ ଉପସାଗରୀୟ ଅଞ୍ଚଳରେ ମୁତୟନ ହୋଇଛି। ଏଥିରେ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ। ଅଧିକାରୀମାନଙ୍କ କହିବା ଅନୁଯାୟୀ, ଏବେ ୨୨ଟି ଭାରତୀୟ ଜାହାଜ ହର୍ମୁଜର ପଶ୍ଚିମ ପଟେ ଅଟକି ରହିଛି ଓ ଏଗୁଡିକରେ ୬୧୧ ଜଣ ନାବିକ ଅଛନ୍ତି। ଇତିମଧ୍ୟରେ ଶିବାଲିକ, ଜଗ୍ ଲଡ଼କି, ନନ୍ଦାଦେବୀ ଭାରତୀୟ ବନ୍ଦରଗୁଡ଼ିକରେ ପହଞ୍ଚିଛନ୍ତି। ଏଥିସହ ଭାରତୀୟ ନୌସେନା ଏଡେନ ଉପସାଗରରେ ପାଇରେସି ବିରୋଧରେ ଅଭିଯାନ ଜାରି ରଖିଛି। ନୌସେନା କେବଳ ଉପସାଗରୀୟ ଅଞ୍ଚଳ ନୁହେଁ, ବରଂ ଆରବ ସାଗର, ବଙ୍ଗୋପସାଗର, ମଳଦ୍ୱୀପ- ସେସେଲ୍ସ ଅଞ୍ଚଳରେ ମଧ୍ୟ ନଜର ରଖିଛି। ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ, ହର୍ମୁଜ ପ୍ରଣାଳୀ ଦେଇ ଜାହଜା ଚଳାଚଳ ପାଇଁ ଇରାନ ସହିତ ଭାରତର କୌଣସି ସାଧରଣ ବୁଝାମଣା ହୋଇନାହିଁ।

# ଭବାନୀପୁରରେ ମମତା-ଶୁଭେନ୍ଦୁ ଲଢ଼େଇ



- ଗତ ଥର ନନ୍ଦିଗ୍ରାମରୁ ହାରିଥିଲେ ମୁଖ୍ୟମନ୍ତ୍ରୀ
- ପ୍ରଥମ ତାଲିକା ଜାରି କଲା ଟିଏମସି

କୋଲକାତା, ୧୭।୩ (ଏଜେନ୍ସି): ନିର୍ବାଚନ କମିଶନ (ଇସି)ଙ୍କ ତାରିଖ ଘୋଷଣା ପରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପାଇଁ ଲଢ଼େଇ ଆରମ୍ଭ ହୋଇଯାଇଛି। ବିରୋଧୀ ବିଜେପି ପ୍ରଥମ ପ୍ରାର୍ଥୀ ତାଲିକା ଜାରି କରିବାର ଦିନକ ପରେ ଶାସକ ଟିଏମସି ମଧ୍ୟ ସମାନ ପଦକ୍ଷେପ ଗ୍ରହଣ କରିଛି। ମୋଟ ୨୯୪ ଆସନରୁ ୨୯୧ଟି ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅନ୍ୟ ତିନୋଟି ଆସନ ସହଯୋଗୀ ବିଜିପିଏମ ପାଇଁ ଟିଏମସି ଛାଡ଼ି ଦେଇଛି। ଗତ ବିଧାନସଭା ନିର୍ବାଚନ ପରି ଚଳିତ ଥର ମଧ୍ୟ ଦୁଇ ପୂର୍ବତନ ସହଯୋଗୀଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ନିଜର ପୂର୍ବତନ ସହଯୋଗୀ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ବିରୋଧରେ ଲଢ଼ିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଷ୍ପତ୍ତି ନେଇଛନ୍ତି। ମମତା ଭବାନିପୁରରୁ ଲଢ଼ିବେ। ସାମ୍ବାଦିକ ସମ୍ମିଳନୀରେ ମମତା କହିଥିଲେ ଯେ ବିଜେପି କାହିଁକି ଡରୁଛି? ଯଦି ଲଢ଼ିବାକୁ ଚାହୁଛ ତେବେ ଗ୍ୟାସ ସଙ୍କଟ ସୃଷ୍ଟି କରନାହିଁ। ମୈଦାନକୁ ଓହ୍ଲାଇ ସଠିକ ଭାବେ ମୁକାବିଲା କର। ଏହି ବିଧାନସଭା ନିର୍ବାଚନ ରାଜ୍ୟ ଅସ୍ତିତ୍ୱର ଲଢ଼େଇ। ଏଥିରେ ପଶ୍ଚିମବଙ୍ଗ ହିଁ ଜିତିବ। ଦିଲ୍ଲୀର ଲଡୁ ପରାଜିତ ହେବ।

ଚଳିତ ଥର ଟିଏମସିର ସେଲିବ୍ରିଟିଙ୍କୁ ବିଶେଷ ପ୍ରାଧାନ୍ୟ ଦେଇନାହିଁ। ତୃଣମୂଳସ୍ତରର ନେତା ଏବଂ କର୍ମୀଙ୍କ ଉପରେ ଦଳ ଭରସା ପ୍ରକଟ କରିଛି। ୨୦୨୧ରେ ଟିଏମସି ୧୫ ସେଲିବ୍ରିଟିଙ୍କୁ ଟିକଟ ଦେଇଥିଲା। ମାତ୍ର ଚଳିତ ଥର କେବଳ ୨ ଜଣଙ୍କୁ ଟିକଟ ମିଳିଛି। ସେହିପରି ୪୨ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ୪୭ ପ୍ରାର୍ଥୀ ସଂଖ୍ୟାଲଘୁ ସମ୍ପ୍ରଦାୟରୁ ଆସୁଛନ୍ତି। ଏହା ବ୍ୟତୀତ ଏସ୍‌ସି/ ଏସ୍‌ଟି ବର୍ଗର ୯୫ ପ୍ରାର୍ଥୀଙ୍କୁ ଟିକଟ ଦିଆଯାଇଛି।

ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ବିଜେପିକୁ ବଡ଼ ଝଟ୍‌କା ଲାଗିଛି। ବରିଷ୍ଠ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ତଥା ବିଜେପି ପଞ୍ଚାୟତ ମୁଖ୍ୟ ପବିତ୍ର କର ମଙ୍ଗଳବାର ପୁଣି ଟିଏମସିରେ ସାମିଲ ହୋଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ସେ ନନ୍ଦୀଗ୍ରାମରୁ ବିରୋଧୀ ଦଳ ନେତା ଶୁଭେନ୍ଦୁଙ୍କ ବିରୋଧରେ ଲଢ଼ିବେ ବୋଲି କୁହାଯାଉଛି। ପୂର୍ବ ମେଦିନିପୁର ଜିଲ୍ଲା ନନ୍ଦୀଗ୍ରାମ-୨ ବ୍ଲକ ଅନ୍ତର୍ଗତ ବୋୟାଲ-୧ ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ମୁଖ୍ୟ ପବିତ୍ର କର ଟିଏମସିର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ମମତାଙ୍କ ଦଳକୁ ଫେରିଛନ୍ତି। ବିଜେପିର ଜନବିରୋଧୀ ଆଭିମୁଖ୍ୟ ପାଇଁ ସେ ଅସନ୍ତୁଷ୍ଟ ଥିଲେ ବୋଲି ଟିଏମସି ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ପବିତ୍ର ୨୦୨୦ ନଭେମ୍ବରରେ ଟିଏମସି ଛାଡି ବିଜେପିରେ ଯୋଗ ଦେଇଥିଲେ। ବୋୟାଲ-୧ ଅଞ୍ଚଳରେ ବିଜେପି ସଂଗଠନକୁ ମଜବୁତ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୨୦୨୧ ବିଧାନସଭା ନିର୍ବାଚନରେ ଏହି ଅଞ୍ଚଳରେ ବିଜେପିକୁ ଅଗ୍ରଣୀ କରାଇବାରେ ତାଙ୍କର ବଡ଼ ହାତ ଥିଲା ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଗତ ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମରୁ ମମତାଙ୍କୁ ୧,୯୦୦ରୁ ଅଧିକ ଭୋଟ୍‌ର ପରାସ୍ତ କରିଥିଲେ।

# ଶିଶୁ ପୋଷ୍ୟ ନେଲେ ବି ମିଳିବ ସମ୍ପୂର୍ଣ୍ଣ ମାତୃତ୍ୱ ଛୁଟି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୩ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯେକୌଣସି ବୟସର ଶିଶୁଙ୍କୁ ପୋଷ୍ୟ କଲେ ମହିଳାଙ୍କୁ ୧୨ ସପ୍ତାହର ମାତୃତ୍ୱ ଛୁଟି ମିଳିବ। କେବଳ ତିନି ମାସରୁ କମ୍ ବୟସର ଶିଶୁକୁ ପୋଷ୍ୟ କଲେ ମାତୃତ୍ୱ ଛୁଟି ଦେବାର ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ଭୁଲ୍ ବୋଲି କହିଛନ୍ତି। ସୋସିଆଲ ସିକ୍ୟୁରିଟି କୋଡ-୨୦୨୦ ସମ୍ବନ୍ଧିତ ମାମଲାର ଶୁଣାଣି କରି ଜଷ୍ଟିସ ଜେପି ପାରଦିୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଧାରା ୬୦(୪)କୁ ଖଣ୍ଡପୀଠ ଅସାମ୍ବିଧାନିକ କହିଛନ୍ତି। ଏଥି ସହିତ ୩ ମାସର ଶିଶୁ ପୋଷ୍ୟ ନେଲେ ଥିବା ଛୁଟିର ବ୍ୟବସ୍ଥାକୁ ରଦ୍ଦ କରିଦେଇଛନ୍ତି।



ଏହି ମାମଲାକୁ ନେଇ ହଂସାନନ୍ଦିନୀ ନନ୍ଦୁରୀ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ସେ କହିଥିଲେ ଯେ ବୟସ ଆଧାରରେ ଛୁଟି ଦେବା ଭୁଲ୍ ଏବଂ ଏହା ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତା ଅଧିକାର) ର ଉଲ୍ଲଂଘନ କରୁଛି।ଏହା ବ୍ୟତୀତ କୋର୍ଟ କେନ୍ଦ୍ର ସରକାରଙ୍କୁ ପିତୃତ୍ୱ ଛୁଟିକୁ ମଧ୍ୟ ଆଇନରେ ଅନ୍ତର୍ଭୁକ୍ତ କରବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହାର ଅବଧି ପିତାମାତା ଏବଂ ସନ୍ତାନର ଆବଶ୍ୟକତା ଅନୁଯାୟୀ ସ୍ଥିର କରାଯିବା ଉଚିତ। ପିତୃତ୍ୱ ଅବକାଶ ମଧ୍ୟ ଜରୁରୀ। କାରଣ ଶିଶୁର ପ୍ରାରମ୍ଭିକ ପର୍ଯ୍ୟାୟରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହା ଦ୍ୱାରା ଶିଶୁର ଯତ୍ନ ନେବାରେ ମାତାପିତାଙ୍କ ସକ୍ରିୟ ସହଯୋଗ ରହିଥାଏ। ଲାଳନପାଳନରେ ସେ ମାଆଙ୍କୁ ସହଯୋଗ କରିଥାନ୍ତି। ପିତୃତ୍ୱ ଅବକାଶକୁ ସାମାଜିକ ସୁରକ୍ଷା ଲାଭ ଭାବରେ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରନ୍ତୁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ। ସୂଚନାଯୋଗ୍ୟ ଯେ ଏବେ କେବଳ ୩ ମାସରୁ କମ୍ ବୟସର ଶିଶୁକୁ ପୋଷ୍ୟ ନେଉଥିବା ମାଆଙ୍କୁ ଛୁଟି ଦିଆଯାଉଛି।

# ହରିୟାଣାରେ ବିଜେପି ରଣନୀତି: ଫେଲ୍ କ୍ରସ୍ ଭୋଟିଂ ସତ୍ତ୍ୱେ କଂଗ୍ରେସର ବିଜୟ



ଚଣ୍ଡିଗଡ଼, ୧୭ ।୩(ଏଜେନ୍ସି): ହରିୟାଣାର ଦୁଇଟି ରାଜ୍ୟସଭା ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ କରମବୀର ସିଂହ ବୌଦ୍ଧ ଅତି କଷ୍ଟରେ ବିଜୟୀ ହୋଇଛନ୍ତି। କଂଗ୍ରେସର ୫ ଜଣ ବିଧାୟକ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ (କ୍ରସ ଭୋଟିଂ) ଭୋଟ ଦେଇଥିବା ବେଳେ ୪ ଜଣଙ୍କ ଭୋଟ ଅସିଦ୍ଧ ଘୋଷଣା ହୋଇଥିଲା। ବିଜେପିର ସଞ୍ଜୟ ଭାଟିଆ ୩୯ଟି ପ୍ରଥମ ପସନ୍ଦ ଭୋଟ ପାଇ ସହଜରେ ବିଜୟୀ ହୋଇଥିବା ବେଳେ, ଦ୍ୱିତୀୟ ଆସନ ପାଇଁ କଂଗ୍ରେସର ବୌଦ୍ଧ ବିଜେପି ସମର୍ଥିତ ପ୍ରାର୍ଥୀ ସତୀନ ନନ୍ଦଲଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ବୌଦ୍ଧଙ୍କୁ ୨୮ଟି ଭୋଟ ମିଳିଥିବା ବେଳେ ନନ୍ଦଲଙ୍କୁ ୧୬ଟି ଭୋଟ ମିଳିଥିଲା। ୯୦ ଜଣିଆ ବିଧାନସଭାରେ ୮୮ଟି ଭୋଟ ପଡ଼ିଥିଲା। ୨ ଜଣ ଆଇଏନ୍‌ଏଲ୍‌ଡି ବିଧାୟକ ଅନୁପସ୍ଥିତ ଥିଲେ। ୫ଟି ଭୋଟ ଅସିଦ୍ଧ ବୋଲି ଘୋଷଣା କରାଯାଇଥିଲା। କଂଗ୍ରେସର ୫ ଜଣ ବିଧାୟକ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ନନ୍ଦଲଙ୍କୁ ଭୋଟ୍ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇଜଣ ମେଓ- ମୁସଲିମ, ଜଣେ ଶିଖ ଏବଂ ଉତ୍ତର ହରିୟାଣାର ଦୁଇଜଣ ମହିଳା ବିଧାୟକ ସାମିଲ ଥିଲେ। ୫ଟି ଭୋଟ ନାକଚ ହୋଇଥିଲା। ଯେଉଁଥିରେ କଂଗ୍ରେସର ୪ଟି ଓ ବିଜେପିର ଗୋଟିଏ ଭୋଟ ସାମିଲ ରହିଛି। ଗୁପ୍ତ ବାଲଟ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ନର୍ବାଚନ କମିଶନ କଂଗ୍ରେସ ବିଧାୟକ ପରମବୀର ସିଂହଙ୍କ ଭୋଟ୍‌କୁ ରଦ୍ଦ କରିଥିଲେ। ସୂଚନାଯୋଗ୍ୟ ଯେ, ସୋମବାର ଅପରାହ୍ଣ ୪ଟାରେ ଭୋଟ୍ ଗଣତି ହେବାର ଥିଲା, କିନ୍ତୁ ବିଜେପି ଓ କଂଗ୍ରେସ ମଧ୍ୟରେ ଚାଲିଥିବା ଅଭିଯୋଗ- ପ୍ରତିଅଭିଯୋଗ ଯୋଗୁଁ ଏହା ୯ ଘଣ୍ଟା ବିଳମ୍ବ ହୋଇଥିଲା। ଶେଷରେ ରାତି ୧ଟା ସମୟରେ ଫଳାଫଳ ଘୋଷଣା କରାଯାଇଥିଲା। ହରିୟାଣା କଂଗ୍ରେସର ନେତା ଭୂପିନ୍ଦର ସିଂ ହୁଡ୍ଡା କହିଛନ୍ତି ଯେ, ବିଜେପି ଷଡ଼ଯନ୍ତ୍ର ସତ୍ତ୍ୱେ ଗଣତନ୍ତ୍ରର ବିଜୟ ହୋଇଛି। କିନ୍ତୁ ଦଳ ମଧ୍ୟରେ ହୋଇଥିବା ବିଦ୍ରୋହ କଂଗ୍ରେସ ପାଇଁ ଏକ ଚିନ୍ତାର ବିଷୟ ପାଲଟି ବୋଲି ସେ ସ୍ୱୀକାର କରିଛନ୍ତି।

ବୈତରଣୀରେ ବାରୁଣୀ ମେଳା

# ବୁଡ଼ ପକାଇଲେ ୫୦ ହଜାର ଶ୍ରଦ୍ଧାଳୁ





ଯାଜପୁର, ୧୭।୩ (ସମିସ): ଯାଜପୁରର ପୌରାଣିକ ଓ ଆଧ୍ୟାତ୍ମିକ ମାହାତ୍ମ୍ୟର ପ୍ରତୀକ ପବିତ୍ର ବାରୁଣୀ ସ୍ନାନ ମେଳା ଅବସରରେ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଆଜି ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ ବୈତରଣୀ ନଦୀରେ ସ୍ନାନ କରିବା ସହ ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି କାମନା କରି ପିଣ୍ଡଦାନ କରିଥିଲେ। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ପୌର ପରିଷଦ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଯାନବାହାନ ପାର୍କିଂ, ଟ୍ରାଫିକ୍ ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ସ୍ଥାନରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ନଦୀରେ ସ୍ନାନ ବେଳେ ଅଘଟଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡିଂ କରାଯାଇଥିଲା ଏବଂ ଅଗ୍ନିଶମ ବାହିନୀର ଉଦ୍ଧାରକାରୀ ଟିମ୍ ମୋଟର ବୋଟ ଯୋଗେ ପଇଁତରା କରିଥିଲେ।

ଲୋକଙ୍କ ସୁବିଧା ଏବଂ ସୂଚନା ପ୍ରଦାନ ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା କେନ୍ଦ୍ର ଏବଂ ପୌର ପରିଷଦ ପକ୍ଷରୁ ନିୟନ୍ତ୍ରଣ କକ୍ଷ ରହିଥିଲା। ପୌର ପରିଷଦ ଏବଂ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଖରାକୁ ଦୃଷ୍ଟିରେ ରଖି ଜଳଛତ୍ର ବ୍ୟବସ୍ଥା କରିଥିଲେ। ନଦୀଜଳକୁ ସ୍ୱଚ୍ଛ ରଖିବା ପାଇଁ କର୍ମଚାରୀ ନିୟୋଜିତ ଥିଲେ। ଏହାସହ ମହିଳାଙ୍କ ପାଇଁ ଅସ୍ଥାୟୀ ସେଡ୍ ନିର୍ମାଣ କରାଯାଇଥିଲା। ବୈତରଣୀ ନଦୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ନିକଟରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର, ସପ୍ତମାତୃକା ମନ୍ଦିର ଏବଂ ବରାହ ପୀଠ ଦର୍ଶନ କରିଥିଲେ। ଏହି ଅବସରରେ ଦଶାଶ୍ୱମେଧ ଘାଟରେ ଭକ୍ତି, ଶ୍ରଦ୍ଧା ଓ ପାରମ୍ପରିକ ରୀତିନୀତିର ଏକ ସୁନ୍ଦର ସମନ୍ୱୟ ଘଟିଥିଲା। ଏହା ଅଞ୍ଚଳର ଆଧ୍ୟାତ୍ମିକ ପରମ୍ପରାକୁ ଅଧିକ ସମୃଦ୍ଧ କରିଛି। ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ତହସିଲଦାର ରବୀନ୍ଦ୍ର କୁମାର ପାଢ଼ୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟମାନେ ବାରୁଣୀ ମେଳାର ସୁପରିଚାଳନା ଥିଲେ।

## ଶଳାକୁ ପିଟିପିଟି ହତ୍ୟା

ଭେଡେନ, ୧୭।୩ (ସମିସ): ସାମାନ୍ୟ ବଚସାରୁ ଶଳାକୁ ପିଟିପିଟି ମାରିଦେଲା। ବରଗଡ଼ ଜିଲ୍ଲା ଭେଡେନ୍ ବ୍ଲକ୍ ଚିଟିଣ୍ଡା ହାଇସ୍କୁଲପଡ଼ାରେ ମଙ୍ଗଳବାର ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ସୁଦୀପ ବାଗ(୨୮)। ଖବର ପାଇ ସାଇଣ୍ଟିଫିକ୍ ଟିମ୍ ସହ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଓ ଭେଡେନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ, ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଭିଶୋଇ ଶୁକଦେବ ମହାନନ୍ଦ ଥାନାରେ ଆତ୍ମସମର୍ପଣ କରିଛି। ଶୁକଦେବର ଘର ଶାଳନା ଗାଁରେ।



ପୁଲିସ୍ ସୂଚନାନୁଯାୟୀ, ଶୁକଦେବ ୫ବର୍ଷ ହେବ ନିଜ ସ୍ତ୍ରୀ, ପିଲାଙ୍କ ସହ ଶ୍ୱଶୁରଘରେ ରହି ଆସୁଥିଲା। ଆଜି ପରିବାରର ଅନ୍ୟ ବୟସ୍କ ସଦସ୍ୟ ବାହାରକୁ ଯାଇଥିବା ବେଳେ ଶଳା-ଭିଣୋଇଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏଥିରେ ରାଗିଯାଇ ଶୁକଦେବ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ସୁଦୀପକୁ ପିଟିପିଟି ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ଘର ସମ୍ମୁଖରେ ମୃତଦେହ ପକାଇ ଫେରାର୍ ହୋଇଯାଇଥିଲା। ଘରେ ଥିବା ଅଭିଯୁକ୍ତର ନାବାଳିକା ଝିଅ ଏହା ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲା। ପାଖ ଲୋକ ତୁରନ୍ତ ପୁଲିସକୁ ଜଣାଇଥିଲେ।

## ହାତୀ ଗୋଇଠାରେ କାନ୍ଥ ପଡ଼ି ଶିଶୁ ମୃତ

ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୧୭।୩ (ସମିସ): ହାତୀ ଗୋଇଠାରେ କାନ୍ଥ ପଡ଼ି ଦୁଇ ବର୍ଷର ଶିଶୁ ମୃତ। ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଖୁଆଡ଼ ପଞ୍ଚାୟତ କେନ୍ଦୁଖୁଣ୍ଡା ଗ୍ରାମରେ ଏପରି ଏକ ଅଘଟଣ ଘଟିଛି। ମୃତ ଶିଶୁଟି ହେଲା ଉଦ୍ଧବ ବେଶ୍ରାଙ୍କ ପୁଅ ନାରାୟଣ ବେଶ୍ରା (୨)।



ସୋମବାର ରାତିରେ ଉଦ୍ଧବ, ତାଙ୍କ ସ୍ତ୍ରୀ ଚାରି ବେଶ୍ରା ଓ ୩ ଶିଶୁ ଘରେ ଶୋଇଥିବା ବେଳେ ରାତି ପ୍ରାୟ ଗୋଟାଏରେ ଏକ ଗୋଠଛଡ଼ା ଦନ୍ତା ହାତୀ ଆସି ଘରର କବାଟ ଓ ମାଟି କାନ୍ଥ ଭାଙ୍ଗିଥିଲା। କାନ୍ଥଟି ଭାଙ୍ଗି ଶୋଇଥିବା ସମସ୍ତ ସଦସ୍ୟଙ୍କ ଉପରେ ପଡ଼ି ଯାଇଥିଲା। ଖବର ପାଇ ରାଇବଣିଆ ବନ ଅଧିକାରୀ ପ୍ରହ୍ଲାଦ ନାୟକ, ଦିଲ୍ଲୀପ ସିଂ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ।।

ଗୋଠଛଡ଼ା ଦନ୍ତା ହାତୀ ଜଙ୍ଗଲରୁ ବାହାରି ପ୍ରଥମେ ବରଡିହା ପଞ୍ଚାୟତ ଲୁହାପଡ଼ା ଗ୍ରାମର ହାପ୍ନା ମାରାଣ୍ଡିଙ୍କ ଦୋକାନ ଘର ଭାଙ୍ଗିବା ସହିତ ଏବଂ ପଞ୍ଚୁରାମ ବାସ୍କେଙ୍କ ଘର କାନ୍ଥ ଭାଙ୍ଗିଥିଲା। ପଞ୍ଚୁରାମ ହାତୀ ଦେଖି ଘରୁ ବାହାରକୁ ଜୀବନ ବିକଳରେ ଦୌଡ଼ି ଯିବାରୁ ଜୀବନ ବଞ୍ଚିଯାଇଥିଲା। ହାତୀର ଗତିବିଧିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ଦେଖାଦେଇଛି। ବନ ବିଭାଗ ହାତୀ ଘଉଡ଼ାଇବା ସହ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ

## ସୁବାସିନୀଙ୍କ କୁଶପୁତ୍ତଳିକା ଦାହ କଲା ବିଜେଡି



ବାଲେଶ୍ୱର, ୧୭।୩ (ସମିସ): ଦଳୀୟ ନିର୍ଦ୍ଦେଶ ନମାନି ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କୁ ବିରୋଧ କରି ମଙ୍ଗଳବାର ବାଲେଶ୍ୱର ଷ୍ଟେସନ୍ ଛକରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ପୂର୍ବତନ ବିଧାୟକ ସ୍ୱରୂପ ଦାସ କହିଛନ୍ତି, ରାଜ୍ୟସଭା ନିର୍ବାଚନରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଦଳୀୟ ବିଧାୟକ ମନୋନୀତ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିର୍ଦ୍ଦେଶ ରହିଥିଲା। ହେଲେ ବସ୍ତା ବିଧାୟକା ଏହି ନିୟମକୁ ନ ମାନି କ୍ରସ୍ ଭୋଟିଂ କରିଥିଲେ। ସେ ଦଳକୁ ଧୋକା ଦେଇଛନ୍ତି।

ଏହି ପ୍ରତିବାଦ ସଭାରେ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ଉପନଗରପାଳ ମନୋଜ କୁମାର ରାଉତ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ଦାଶ, ବରିଷ୍ଠ ନେତା ରଞ୍ଜନ ବାଗ, ଟାଉନ ସଭାପତି ମନୋଜ ରାଉତ, କାଉନସିଲର ଶେଖ ଆୟୁବ, ମିତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ସବିତା ଦାସ, ରିତ୍ୱିକ ଜୀ, ପୂର୍ବତନ କାଉନସିଲର୍ ସଞ୍ଜୟ ବେହେରା, କାଉନସିଲର ଶଶୀରେଖା ମହାନ୍ତି, ଶେଖ ଆଲାମ, ଦେବାଶିଷ ଦାସ, ସୁବୋଧ ମହାନ୍ତି, ଅଶୋକ ଆଢ୍ୟ, ବିଭୁଦତ୍ତ ପରିଡ଼ା, ପୂର୍ବତନ କାଉନସିଲର୍ ଅବଦୁଲ ସାକିର ଖାନ, ଭରତ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

ପରୀକ୍ଷା ପାଇଁ ସାଇବର ଠକେଇ ଅଭିଯୁକ୍ତ ଛାତ୍ରଙ୍କୁ ଆଶ୍ୱସ୍ତି

## ଗିରଫଦାରୀ ଉପରେ ହାଇକୋର୍ଟଙ୍କ ଅଙ୍କୁଶ

କଟକ, ୧୭।୩ (ସମିସ): ସାଇବର୍ ଠକେଇ ମାମଲାରେ ସଂପୃକ୍ତ ଥିବା ଜଣେ ଅଭିଯୁକ୍ତ ଛାତ୍ରଙ୍କୁ ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ପକ୍ଷରୁ ସାମୟିକ ଆଶ୍ୱସ୍ତି ମିଳିଛି। ଛାତ୍ରଜଣଙ୍କୁ ନିଜର ସ୍ନାତକ(+୩) ପ୍ରଥମ ସେମିଷ୍ଟାର୍ ପରୀକ୍ଷାରେ ଅବତୀର୍ଣ୍ଣ ହେବା ପାଇଁ ଆସନ୍ତା ମାର୍ଚ୍ଚ ୩୦ ତାରିଖ ପର୍ଯ୍ୟନ୍ତ ତାଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ରୋକ୍ ଲଗାଇଛନ୍ତି। ମହମ୍ମଦ ସାଦିକ ହାମଦାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପରୀକ୍ଷା ଶେଷ ହେବା ପର୍ଯ୍ୟନ୍ତ ଏହି ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀ ଯୁବକଙ୍କ ନାମରେ ମାଲଗୋଦାମ ଥାନା ଏବଂ ସାଇବର ଥାନାରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ବିଭିନ୍ନ 'ମ୍ୟୁଲ୍ ଆକାଉଣ୍ଟ' ଖୋଲି ଠକେଇ ଜରିଆରେ ସଂଗୃହୀତ ଟଙ୍କା କାରବାର କରୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ମାମଲାରେ ନିଜର ଗିରଫଦାରୀ ଏଡ଼ାଇବା ସେ ହାଇକୋର୍ଟରେ ଏକ ଆଗୁଆ ଜାମିନ ଆବେଦନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ +୩ ପ୍ରଥମ ସେମିଷ୍ଟାର ବାଣିଜ୍ୟ ପରୀକ୍ଷା ଦେଉଛନ୍ତି ଆବେଦନକାରୀ। ମାର୍ଚ୍ଚ ୧୮ରୁ ଏହି ପରୀକ୍ଷା ଆରମ୍ଭ ହେଉଛି। ତାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତାଙ୍କୁ ଗିରଫ ନ କରିବା ସହ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିବାକୁ ସେ ପ୍ରାର୍ଥନା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପିଲାଚୋର ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

ନବରଙ୍ଗପୁର, ୧୭।୩ (ସମିସ): ପିଲାଚୋର ସନ୍ଦେହରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା। ନବରଙ୍ଗପୁର ସଦର ଥାନା ଅଞ୍ଚଳ ଖଣ୍ଡିଗୁଡ଼ା ଗ୍ରାମରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ନବରଙ୍ଗପୁର ପୁଲିସ ନିଜ ଆଡୁ ଏକ ହତ୍ୟା ମାମଲା ରୁଜୁ କରିବା ସହ ଗ୍ରାମର ୪ଜଣଙ୍କୁ ଅଟକ ରଖି ପଚାରାଉଚରା କରୁଛି।



ପୁଲିସ ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ବୃଦ୍ଧଜଣଙ୍କ ସଦର ଥାନା ଅନ୍ତର୍ଗତ ଖଣ୍ଡିଗୁଡ଼ା ଗାଁ ଓ ଆଖପାଖ ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ କିଛି ଗ୍ରାମବାସୀ ତାଙ୍କୁ ପିଲାଚୋର ସନ୍ଦେହରେ ଆକ୍ରମଣ କରିଥିଲେ। ଖବର ପାଇ ନବରଙ୍ଗପୁର ପୁଲିସ ଆହତ ବୃଦ୍ଧଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସା ଲାଗି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୃଦ୍ଧଙ୍କ କେହି ସମ୍ପର୍କୀୟ ବର୍ତ୍ତମାନ ଯାଏଁ ଏନେଇ ଅଭିଯୋଗ କରି ନଥିବାରୁ ପୁଲିସ ନିଜଆଡୁ ମାମଲା(୯୪/୨୬) ରୁଜୁ କରି ତଦନ୍ତ ଚଳାଇଛି। ବୃଦ୍ଧଙ୍କ ଶବକୁ ଶବ ସଂରକ୍ଷିତ ଗୃହରେ ରଖାଯାଇଛି। କେହି ଦାବିଦାର ନ ମିଳିଲେ ପରବର୍ତ୍ତୀ ସମୟରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ନବରଙ୍ଗପୁର ଏସଡିପିଓ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି।

● ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣା

## ଦୀପକ କିଣ୍ଡୋଙ୍କ ଜାମିନ ଆବେଦନ ଖାରଜ

କଟକ, ୧୭।୩ (ସମିସ): ଜମାକାରୀଙ୍କ ୧୦୯କୋଟି ଟଙ୍କା ଠକେଇ ଅଭିଯୋଗରେ ଗିରଫ ହୋଇଥିବା ସମ୍ବୃଦ୍ଧ ଫିନସର୍ଭ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଏଫ୍‌ପିଏଲ)ର ପରିଚାଳନା ନିର୍ଦ୍ଦେଶକ ଦୀପକ କିଣ୍ଡୋଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଆସନ୍ତା ୬ ମାସ ମଧ୍ୟରେ କଟକ ଓପିଆଇଡି ଅଦାଲତ ଏହି ମାମଲାରେ ସମସ୍ତ ସାକ୍ଷୀଙ୍କୁ ଜେରା ପ୍ରକ୍ରିୟା ଶେଷ କରିବେ। ଏହା ପରେ ଆବେଦନକାରୀ ସାନି ଜାମିନ ଆବେଦନ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଶ୍ରୀ କିଣ୍ଡୋଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶଥପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଅନ୍ୟ ରାଜ୍ୟଗୁଡ଼ିକରେ ୬ଟି ଫୌଜଦାରୀ ମାମଲାରେ ୧୪୧.୮୮କୋଟି ଟଙ୍କା ଠକେଇ ଘଟଣାରେ ସମ୍ପୃକ୍ତ ଥିବାରୁ ତାଙ୍କୁ ଜାମିନ୍ ପ୍ରଦାନ ପାଇଁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଭୁବନେଶ୍ୱର ଇଓଡବ୍ଲୁରେ ରୁଜୁ ମାମଲା ଆଧାରରେ ଶ୍ରୀ କିଣ୍ଡୋ ଗତ ୨୦୨୨ ଜାନୁଆରୀରେ ଗିରଫ ହୋଇଥିଲେ। ଏଏଫପିଏଲ୍ (ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ ଲିମିଟେଡ୍) ନାମକ ଅନ୍ୟ ଏକ ସଂସ୍ଥାଠାରୁ ୫ କୋଟି ଟଙ୍କା ଋଣ ନେଇ ଏସ୍‌ଏଚ୍‌ଜିମାନଙ୍କୁ ପ୍ରଦାନ ସହ ସହଭାଗିତାରେ କାର୍ଯ୍ୟ କରିବାକୁ ଏସ୍‌ଏଫ୍‌ପିଏଲ୍ ଆଗ୍ରହ ପ୍ରକାଶ କରିଥିଲା। ଋଣ ଗ୍ରହଣ ବେଳେ ସମ୍ପୃକ୍ତ ସଂସ୍ଥାର ବ୍ୟାଙ୍କ ଜମା ରାଶି କମ ଥିଲେ ସୁଦ୍ଧା ଅଧିକ ଥିବା ଜାଲିଆତି ପୂର୍ବକ ଦର୍ଶାଯାଇଥିଲା। ଋଣ ଟଙ୍କା ପରିଶୋଧ ନ କରିବାରୁ ଏଏଫ୍‌ପିଏଲ୍ ପକ୍ଷରୁ ଇଓଡବ୍ଲ୍ୟୁରେ ଅଭିଯୋଗ କରାଯାଇଥିଲା। ଏସ୍‌ଏଫ୍‌ପିଏଲ୍ ବିଭିନ୍ନ ରାଜ୍ୟରେ ବିଭିନ୍ନ ସଂସ୍ଥା ଓ ଜମାକାରୀଙ୍କୁ ୧୦୯କୋଟି ଟଙ୍କା ଠକିଥିବା ନେଇ ତଦନ୍ତକାରୀ ସଂସ୍ଥା ଜାଣିବାକୁ ପାଇଥିଲା ଓ ସମାନ ଠକେଇ ଘଟଣାରେ ଅନ୍ୟ ୭ଟି ଏତଲା ରୁଜୁ ହୋଇଥିଲା।

## ଦାରିଙ୍ଗବାଡ଼ିରେ କୁଆପଥର ବର୍ଷା



ଦାରିଙ୍ଗବାଡ଼ି, ୧୭।୩(ସମିସ): କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରବଳ କୁଆପଥର ବର୍ଷା ହୋଇଛି। ଫଳରେ ଚାରିଆଡ଼େ କୁଆପଥର ଧଳା ରଙ୍ଗର ଚାଦର ଘୋଡ଼େଇ ହୋଇଥିବା ଭଳି ଦେଖାଯାଉଥିଲା। ରାସ୍ତାଘାଟ ସବୁ ଧଳା ଦେଖାଯାଉଥିବା ବେଳେ ଅଞ୍ଚଳରେ ପ୍ରାୟ ଘଣ୍ଟାଏରୁ ଅଧିକ ସମୟ ଧରି ଏଭଳି କୁଆପଥର ବର୍ଷା ହୋଇଥିଲା। ବର୍ଷା ଯୋଗୁଁ ପାଗରେ ପରିବର୍ତ୍ତନ ହୋଇ ଶୀତ ଅନୁଭୂତ ହେଉଛି। ଚଳିତବର୍ଷର ଏହା ପ୍ରଥମ କୁଆପଥର ବର୍ଷା ହୋଇଥିବାରୁ ହଳଦୀ ଚାଷୀ ସହିତ ଅନ୍ୟ ପରିବା ଚାଷୀ ଖୁସିଥିବା ବେଳେ କୁଆପଥର ବର୍ଷା ଯୋଗୁ ଆମ୍ବ ବଉଳ ଝଡ଼ି ଯାଇଥିବା ଜଣାପଡ଼ିଛି।

## ମୃତ୍ୟୁ ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଜାରି ରହିପାରିବ ନାହିଁ

କଟକ, ୧୭।୩ (ସମିସ): ଜଣେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଜାରି ରହିପାରିବ ନାହିଁ। ମୃତ୍ୟୁ ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱତଃ ବନ୍ଦ ହୋଇଯିବ ବୋଲି ସୁପ୍ରିମକୋର୍ଟଙ୍କ ଏକ ପୂର୍ବ ନିଷ୍ପତ୍ତିକୁ ଆଧାର କରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ହାଇକୋର୍ଟ। ମୀନା ମହାନ୍ତଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ମୃତ କର୍ମଚାରୀଙ୍କର ସମସ୍ତ ଅବସରକାଳୀନ ପ୍ରାପ୍ୟ ଏବଂ ଆବେଦନକାରୀଙ୍କ ପରିବାର ପେନସନ୍ ଆସନ୍ତା ୪ମାସ ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଯେଉଁ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହି ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମାମଲା ଦୀର୍ଘ ୧୭ ବର୍ଷ ଧରି ପଡ଼ିରହିଥିଲା, ସେମାନଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ, ପୂର୍ତ୍ତ ବିଭାଗ କେନ୍ଦୁଝରେ ଏନଏଚ୍ ଡିଭିଜନ୍‌ରେ କାର୍ଯ୍ୟରତ ଥିବା ସହକାରୀ ଯନ୍ତ୍ରୀ ସ୍ୱର୍ଗତ ଗୌରହରି ମହାନ୍ତଙ୍କ ବିରୋଧରେ ଏକ ଅନିୟମିତତା ଘଟଣାରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗତ ୨୦୦୩ରେ ଆରମ୍ଭ ହୋଇଥିଲା। ଗୌରହରି ୨୦୨୦ ସେପ୍ଟେମ୍ବର ୭ରେ ଚାକିରିରେ ଥିବା ସମୟରେ ମୃତ୍ୟୁବରଣ କରିଥିଲେ। ହେଲେ ସ୍ୱାମୀଙ୍କ ମୃତ୍ୟୁ ପରେ ମଧ୍ୟ ବିଭାଗ ପକ୍ଷରୁ ମାମଲାକୁ ବନ୍ଦ କରାଯାଇ ନଥିଲା କିମ୍ବା ତାଙ୍କର ଅବସରକାଳୀନ ସୁବିଧା ଓ ପରିବାର ପେନସନ୍ ପ୍ରଦାନ କରାଯାଇନଥିଲା। ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମୃତକଙ୍କ ପତ୍ନୀ ମୀନା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

**ଆବେଦନକାରୀଙ୍କୁ ବକେୟା ପେନସନ୍ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

# ରାଜ୍ୟସଭା ନିର୍ବାଚନ ଗଣତନ୍ତ୍ର ପାଇଁ କଳାଦିନ: ବିଜେଡି

ଭୁବନେଶ୍ୱର,୧୭।୩(ସମିସ): ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ କରିଥିବା ଦଳର ବିଧାୟକମାନଙ୍କ ଉପରେ ବର୍ଷିଛି ବିଜେଡି। ଯିଏ ବିଜୁ ବାବୁଙ୍କ ସହ ବିଶ୍ୱାସଘାତ କରିଥିଲେ, ତାଙ୍କ ପୁଅ ଏବେ ନବୀନ ବାବୁଙ୍କ ସହ ବିଶ୍ୱାସଘାତ କରିଛନ୍ତି ବୋଲି ବିଜେଡି କହିଛି । ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଓ ବିଧାୟକ ଧ୍ରୁବ ଚରଣ ସାହୁ ଦଳର ନୀତି, ଆଦର୍ଶ ବିରୋଧରେ ଯାଇ ବିଜେଡିର କିଛି ବିଧାୟକ ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ ବିପୁଳ ଟଙ୍କା ନେଇ କ୍ରସ ଭୋଟିଂ କରିଥିବାରୁ କଡ଼ା ସମାଲୋଚନା କରିଛନ୍ତି ।



ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ଯେଉଁ ବିଧାୟକମାନେ କ୍ରସ ଭୋଟିଂ କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଲେ, ଆଜି ସେମାନେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ବିଜୁ ଲିଗାସୀର କଥା କହୁଛନ୍ତି । ଢ଼େଲା ଓ ଅଣ୍ଡା ଫିଙ୍ଗିଥିବା ଲୋକଙ୍କୁ ନବୀନ କ୍ଷମା କରିଥିଲେ ଓ କଟକ ଭଳି ଜିଲ୍ଲାରେ ତାଙ୍କ ପତ୍ନୀଙ୍କୁ ଜିଲ୍ଲାପରିଷଦ ସଭାପତି କରିଥିଲେ। ତାଙ୍କୁ ଓ ତାଙ୍କ ପୁଅକୁ ଟିକଟ ଦେଇ ବିଧାୟକ କରିଥିଲେ। ମାତ୍ର ଆଜି ସେମାନେ ନବୀନଙ୍କ ସହ ବିଶ୍ୱାସଘାତକତା କରିଛନ୍ତି ଓ କିଛି ଟଙ୍କା ପାଇଁ ନିଜକୁ ବିକ୍ରି କରିଛନ୍ତି । ବିଜୁ ବାବୁ ସବୁବେଳେ ନୀତି, ନୈତିକତା ଓ ଆଦର୍ଶର କଥା କହୁଥିଲେ । ଏମାନେ ଅର୍ଥ ଓ କ୍ଷମତା ବିନା ରହିପାରିବେ ନାହିଁ ବୋଲି ପ୍ରମାଣିତ କରି ଆଜି ଦଳ ବିରୋଧରେ ଯାଇ କ୍ରସ ଭୋଟିଂ କରିଛନ୍ତି। ଏହା କ'ଣ ବିଜୁ ଲିଗାସୀ ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି ।

ବ୍ୟୋମକେଶ ରାୟ କହିଥିଲେ ଯେ ଗତକାଲି ହୋଇଥିବା ରାଜ୍ୟସଭା ନିର୍ବାଚନରେ ବିଜେଡିର କିଛି ବିଧାୟକ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ କଲେ । ଏହି ଘୋଡ଼ା ବେପାରରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ତାଙ୍କ ସରକାରୀ ବାସଭବନରେ ଲୁଚାଇ ରଖିଥିଲେ। ବିଜେପି ଓ ଏହାର ପ୍ରାର୍ଥୀଙ୍କଠାରୁ ବିପୁଳ ଟଙ୍କା ନେଇ ବିଧାୟକ ମାନେ ଭୋଟ ଦେଲେ। ବାଙ୍କୀର ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହୁଛନ୍ତି ତାଙ୍କ ବାପା ଅଣକଂଗ୍ରେସ ରାଜନୀତିରୁ ଆସିଛନ୍ତି, ତେଣୁ ସେ ବିଜେଡି ଓ କଂଗ୍ରେସର ମେଣ୍ଟ ବିରୋଧରେ ଯାଇ ବିବେକାନୁମୋଦିତ ଭାବେ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଲେ । ୧୯୯୬ ମସିହାରେ ତତ୍କାଳୀନ ବିଧାୟକ ପ୍ରଭାତ ତ୍ରିପାଠୀ ବିଜୁ ବାବୁଙ୍କ ସହିତ ବିଶ୍ୱାସଘାତକତା କରି ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ ଭୋଟ ଦେଇ ଯେଉଁ ପରମ୍ପରା ସୃଷ୍ଟି କରିଥିଲେ, ସେହି ରାସ୍ତାରେ ଦେବୀ ରଞ୍ଜନ ତ୍ରିପାଠୀ । ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ସେ ଆଜି ବିଜୁ ଲିଗାସୀ କଥା କହୁଛନ୍ତି।

ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ ଯେ ଆମେ ରେଙ୍ଗାଲୀ ବିଧାୟକଙ୍କୁ ସାଲ୍ୟୁଟ କରୁଛୁ । ତାଙ୍କୁ ୧୫ କୋଟି ଟଙ୍କା ଯଚା ଯାଇଥିଲା ଦଳ ବିରୋଧରେ ଭୋଟ ଦେବା ପାଇଁ, କିନ୍ତୁ ସେ ସଚ୍ଚୋଟତାର ପରିଚୟ ଦେଇ ଦଳ ସପକ୍ଷରେ ଭୋଟ ଦେଇଥିଲେ । ଏବେ ବିଜୁ ଲିଗାସୀ କଥା କହୁଥିବା ନେତାମାନେ ୧୯୯୫ ମସିହାରେ ବିଜୁ ବାବୁଙ୍କୁ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇ ନ ଦେବା ପାଇଁ ୩୦ଟି ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଛିଡ଼ା କରାଇ କଂଗ୍ରେସକୁ କ୍ଷମତାକୁ ଆଣିବାକୁ ବାଟ ଫିଟାଇଥିଲେ । ସେହି ବିଜୟ ମହାପାତ୍ର ଆଜି ସ୍ୱୀକାର କରିଛନ୍ତି ଯେ ୩ ମାସ ତଳୁ ଦଳକୁ ଭାଙ୍ଗିବା ପାଇଁ ସେ ଯୋଜନାବଦ୍ଧ ବ୍ଲୁ ପ୍ରିଣ୍ଟ ତିଆରି କରୁଥିଲେ । ଯାହାକୁ ନବୀନ ବାବୁ ଜାଣିବା ପରେ ପାଟକୁରାର ବିଜେଡି ବିଧାୟକ ଥିବା ତାଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବିତ କରିଥିଲେ । ନବୀନ ସରକାରରେ ଯେଉଁ ନେତାମାନେ ଚିଟଫଣ୍ଡରେ ଦୁର୍ନୀତି ଓ ବିଭିନ୍ନ ଦୁର୍ନୀତି ମାମଲାରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ, ନବୀନ ବାବୁ ତାଙ୍କ ବିଶାଳ ହୃଦୟର ପରକାଷ୍ଠା ଦେଖାଇ ସେମାନଙ୍କ ପିଲାମାନଙ୍କୁ ନିର୍ବାଚନରେ ଟିକେଟ ଦେଇ ଓ ତାଙ୍କ ପାଇଁ ପ୍ରଚାର କରି ଦୁଇ ଦୁଇ ଥର ବିଧାୟକ କରାଇଥିଲେ । ଆଜି ସେହିମାନେ ନବୀନ ବାବୁଙ୍କ ସହିତ ବିଶ୍ୱାସଘାତକତା କରି ଦଳ ବିରୋଧରେ ଯାଇ କ୍ରସ ଭୋଟିଂ କରିଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

- ବାପା ବିଜୁଙ୍କ ପ୍ରତି ବିଶ୍ୱାସଘାତକତା କରିଥିଲେ, ପୁଅ ନବୀନଙ୍କ ସହ ବିଶ୍ୱାସଘାତ କଲେ
- ତିନି ମାସ ତଳୁ ବିଜେଡିକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର କରୁଥିଲେ ବିଜୟ ମହାପାତ୍ର
- ବିଜୁ ବିଚାରଧାରା ହତ୍ୟାକାରୀଙ୍କ ନିକଟରେ ବିକ୍ରି ହେଲେ ଆତ୍ମଘୋଷିତ ବିଜୁପ୍ରେମୀ

# ନାବାଳିକା ଦୁଷ୍କର୍ମ ମାମଲା: ଅଭିଯୁକ୍ତ ଗିରଫ

ଯୋଡା,୧୭।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ଥାନାଞ୍ଚଳର ଜଣେ ନାବାଳିକାକୁ ଜଣେ ସ୍ଥାନୀୟ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିହାର ରାଜ୍ୟ ସିୱାନ ଜିଲ୍ଲା ହୁସେଙ୍ଗଞ୍ଜ ଥାନା ଅଧୀନସ୍ଥ ହାର ହଂ ।ସ ଗ୍ରାମର ଡେନ୍ ଖାନ ଓରଫ ଏମଡି ଲାଡେନ। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ଡେନ୍ ୪ ବର୍ଷ ହେଲା କମାର ଯୋଡାର ଜଣେ ବ୍ୟକ୍ତିଙ୍କ ଟାୟାର ଗ୍ୟାରେଜରେ ଟାୟାର ଫିଟିଂ ମେକାନିକ ଭାବେ କାର୍ଯ୍ୟ କରି ଆସୁଥିଲା। ଏହି ଗ୍ୟାରେଜର ଠିକ ସାମ୍ନାରେ ଏକ କନଫେକ୍ସନାରୀ ଦୋକାନ ଅଛି। ଏହି ଦୋକାନକୁ ଅଭିଯୁକ୍ତ ଅନେକ ସମୟରେ ଯିବାଆସିବା କରୁଥିବା ବେଳେ ଘଟଣା ଦିନ ପୀଡ଼ିତା ନାବାଳିକା ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଏପରି କାଣ୍ଡ ଭିଆଇଥିଲା। ଗତ ୧୬/୦୩/୨୦୨୬ ସୋମବାର ଅପରାହ୍ନରେ ବାପାମା' ଓ ଅନ୍ୟ ସଦସ୍ୟମାନେ ମଧ୍ୟାହ୍ନ ଭୋଜନ କରିବାକୁ ଘରକୁ ଯାଇଥିବାର ସୁଯୋଗ ନେଇ ଅଭିଯୁକ୍ତ ଏକୁଟିଆ ନାବାଳିକା ସହିତ ବଳପୂର୍ବକ ଦୁଷ୍କର୍ମ କରିଥିଲା। ଏହି ସମୟରେ ଅଭିଯୁକ୍ତ ଲାଡେନ ପୀଡିତା ନାବାଳିକାର ମୁହଁକୁ ଖୁବ ଜୋରରେ ଚାପି ଧରିଥିବା ହେତୁ ସେ ଚିତ୍କାର କରି ପାରି ନ ଥିଲା। ଠିକ ଏହି ସମୟରେ ଦୋକାନକୁ ଅନ୍ୟ ଗ୍ରାହକମାନେ ଆସିବାରୁ ଅଭିଯୁକ୍ତ ନାବାଳିକାକୁ ଏ ସମ୍ପର୍କରେ କିଛି ଜଣାଇଲେ ଗମ୍ଭୀର ପରିଣାମ ଭୋଗି ବାକୁ ପଡ଼ିବ ବୋଲି ଧମକ ଦେଇ ସେଠାରୁ ପଳାଇ ଯାଇଥିଲା। ପରବର୍ତ୍ତୀ ସମୟରେ ନାବାଳିକା ତାଙ୍କ ପିତାମାତାଙ୍କୁ ସମ୍ପୂର୍ଣ ଘଟଣା ସମ୍ପର୍କରେ ଜଣାଇବାକୁ ପରିବାର ପକ୍ଷରୁ ଏନେଇ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ କେସ ନଂ ୧୧୨/୨୦୨୬ ଦଫା୩୩୮ (ବି)/୬୫(୧)/୩୫୧(୩) ବିଏନଏସ ଓ ଆର୍/ସେକ୍ସନ ୪ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ ଯକରିଥିବା ଯୋଡା ଥାନା ଆଇଆଇସି ପ୍ରଶାନ୍ତ ସାମଲ ସୂଚନା ଦେଇଛନ୍ତି।

# ସ୍ୱଚ୍ଛତାର ଦର୍ପଣ ଦେଖାଉଛି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ!



କେନ୍ଦୁଝର,୧୭।୩(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ନିୟମିତ ସଫେଇ ହେଉ ନଥିବାରୁ ପରିବେଶ ନଷ୍ଟ ହେବା ସହ ଏହି ଐତିହ୍ୟ ସଂପନ୍ନ କୋଠା ନଷ୍ଟ ହେବାକୁ ବସିଛି। ଭାରତ ସରକାରଙ୍କ ସ୍ୱଚ୍ଛତା ଅଭିଯାନର ମଧ ବାସ୍ତବ ଚିତ୍ରକୁ ମଧ ଏହା ପ୍ରତିଫଳିତ କରୁଛି। ଏହାର ଗୋଟିଏ ପାଶ୍ୱର୍ ଏବେ ସଫେଇ ଅଭାବରୁ ଲତା, ବୁଦା, ଗୁଳ୍ମରେ ପରିପୂର୍ଣ୍ଣ ହୋଇଛି। ଦୀର୍ଘ ମାସ ହେବ ସଫେଇ ହେଉ ନଥିବାରୁ ଏଭଳି ଅବସ୍ଥା ହୋଇଛି। ୧୯୨୦ ମସିହାରେ ନିର୍ମାଣ ହୋଇଥିବା ଏହି ବ୍ରିଟିଶ ସମୟର ପୁରାତନ କୋଠାର ରକ୍ଷଣାବେକ୍ଷଣ ଅଭାବ ଓ ସଫେଇ ଅଭାବ ଯୋଗୁଁ ଏବେ ଧ୍ୱଂସମୁଖରେ ରହିଛି। ଏଣୁ ଏହାର ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି। ଏହି ପୁରାତନ କୋଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଚାଲିଥିଲେ ହେଁ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନାହିଁ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶରେ କର୍ମଚାରୀ କାମ କରୁଛନ୍ତି। ସେହିପରି ସଫେଇ ହେଉ ନଥିବାରୁ ଆସୁଥିବା ଲୋକ ଏହାକୁ ଦେଖି ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ବର୍ତ୍ତମାନର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାହାକି ସେ ସମୟରେ ରାଜାଙ୍କର କଚେରି ଭାବରେ ନାମିତ ହୋଇଥିଲା, ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାରୁ ଏହାର ସୁରକ୍ଷା ଏବଂ ଚତୁଃପାଶ୍ୱର୍ ସଫେଇ ପାଇଁ ଦାବି ହେଉଛି।

# ଅବସରପ୍ରାପ୍ତ ସୈନିକ ସଂଘର ବୈଠକ



ଆନନ୍ଦପୁର, ୧୭।୩(ସମିସ): ଆନନ୍ଦପୁର ସୈନିକ ସଦନରେ ଅବସରପ୍ରାପ୍ତ ସୈନିକଙ୍କ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ତ୍ରିଲୋଚନ ଦାଶଙ୍କ ସଭାପତିତ୍ୱରେ ବୈଠକ ଆରମ୍ଭରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ଶାନ୍ତି କାମନା କରାଯାଇଥିଲା। ବାଲେଶ୍ୱର ଷ୍ଟେସନ ହେଡ଼କ୍ୱାର୍ଟର ପକ୍ଷରୁ ଚଳିତ ମାସ ୨୭– ତାରିଖରେ ହେବାକୁ ଥିବା ତିନିଦିନିଆ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ସମ୍ପର୍କରେ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ସୂଚନା ଦେଇଥିଲେ। ଏହି ଶିବିରରେ ପୂର୍ବତନ ସେନା ପରିବାର ବର୍ଗଙ୍କ ସମେତ ପ୍ରତେକ ସାଧାରଣ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ସଂଘର କର୍ମକର୍ତ୍ତା ଓ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆନନ୍ଦପୁର ସଂଘ ସଦସ୍ୟ ଭୀମସେନ ବିଶ୍ୱାଳ, ରବି ସାହୁ, ମୁରଲୀଧର ମିଶ୍ର, କ୍ଷେତ୍ରବାସୀ ସାହୁ, ଗଗନ ସିଂହ ଜଗବନ୍ଧୁ ଜେନା, ଶ୍ରୀକାନ୍ତ ବାରିକ, ହାଡ଼ିବନ୍ଧୁ ସାହୁ, ଯତୀନ୍ଦ୍ର ଶତପଥୀଙ୍କ ସମେତ ପୂର୍ବତନ ସୈନିକ ଅଂଶଗ୍ରହଣ କରିଥିଲେ। ଉପଦେଷ୍ଟା ମଦନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ଘୂର୍ଣ୍ଣିଝଡ଼ରେ ପୁଲିସ ନାଏକଙ୍କ ମୃତ୍ୟୁରେ ପରିବାର ସ୍ତବ୍ଧ

# ଘରେ ଜଳୁନି ଚୁଲି, ସ୍ତ୍ରୀଙ୍କ ଆଖିରୁ ଶୁଖୁନି ଲୁହ


ମୃତକପୁଲିସ ନାଏକ (ଫାଇଲ ଫଟୋ)


ମୃତକଙ୍କ ସ୍ତ୍ରୀ ପ୍ରତିମା

ତୁରୁମୁଙ୍ଗା, ୧୭।୩(ସମିସ): ଘୂର୍ଣ୍ଣିଝଡ଼ର ତାଣ୍ଡବ କେବଳ ଘରଦ୍ୱାରକୁ କ୍ଷତିଗ୍ରସ୍ତ କରି ନଥିଲା, ଉଜାଡ଼ି ଦେଇଛି ଗୋଟିଏ ପରିବାରର ସମସ୍ତ ସ୍ୱପ୍ନ। ଗତ ରବିବାର ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ କଙ୍କଡ଼ାରେ ହୋଇଥିବା ଘୂର୍ଣ୍ଣିଝଡ଼ରେ କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ହଳଦୀବଟା ଗ୍ରାମର ପୁଲିସ ନାଏକ (୫୪)ଙ୍କ ମୃତ୍ୟୁ ହେବା ପରେ ଏବେ ସମ୍ପୂର୍ଣ୍ଣ ପରିବାର ଶୋକରେ ବୁଡି ରହିଛି। ପରିବାର ମୁଖିଆଙ୍କ ଅକାଳ ମୃତ୍ୟୁ ପରେ ଘରେ ଜଳୁନି ଚୁଲି, ଆଉ ଆଗାମୀ ଦିନ କିପରି କଟିବ ସେଇ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି ପରିବାର ଲୋକେ। ଗତ ରବିବାର ସେ ଝିଅ ଘର ତାଟକୁ ଏକ କୁକୁଡ଼ା ଆଣିବା ପାଇଁ ଯାଇ ଅଟୋ ଯୋଗେ ଫେରୁଥିବା ସମୟରେ କରଞ୍ଜିଆ ତାଟ ନିକଟ କଙ୍କଡାଠାରେ ହଠାତ୍ ମାଡ଼ିଆସିଥିଲା ଭୟଙ୍କର ଘୂର୍ଣ୍ଣିଝଡ଼। ପ୍ରଚଣ୍ଡ ପବନରେ ଅଟୋଟିକୁ ଉଡ଼ାଇ ନେବାରୁ ରାସ୍ତାକଡ଼ରେ ଥିବା ଏକ ପୋଖରୀରେ ଅଟୋଟି ବୁଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ପୁଲିସ ନାଏକଙ୍କ ମୃତ୍ୟୁ ଘଟିଥିଲା। ମୂଲମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ଏହି ପରିବାର ମୁଖିଆଙ୍କ ଅଚାନକ ମୃତ୍ୟୁ ପରେ ଏବେ ପରିବାର ଆର୍ଥିକ ସଙ୍କଟରେ ପଡ଼ିଛି। ସ୍ୱାମୀଙ୍କ ଅପେକ୍ଷାରେ ଦୁଆରକୁ ଚାହିଁ ବାହୁନି ବାହୁନି କାନ୍ଦୁଛନ୍ତି ସ୍ତ୍ରୀ। ଘୂର୍ଣ୍ଣିଝଡ଼ରେ କରଞ୍ଜିଆ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ବେଳେ ଏହି ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି।

ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ମଙ୍ଗଳବାର କେନ୍ଦୁଝର ସାଂସଦ ଅନନ୍ତ ନାଏକ ପରିବାରକୁ ଭେଟି ସମସ୍ତ ସରକାରୀ ସହାୟତା ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ସରକାରୀ ସହାୟତା ଘୋଷଣା ସତ୍ତ୍ୱେ ପରିବାର ପାଇଁ ସବୁଠୁ ବଡ଼ ଅଭାବ ହେଉଛି ଘରର ମୁଖିଆଙ୍କ ଅନୁପସ୍ଥିତି। ଘୂର୍ଣ୍ଣିଝଡ଼ର ଗୋଟିଏ ମୁହୂର୍ତ୍ତ ଗୋଟିଏ ପରିବାରକୁ ଅନିଶ୍ଚିତ ଭବିଷ୍ୟତ ମୁହାଁ କରାଇଦେଇଛି। ମୃତକଙ୍କ ଦୁଇ ପୁଅ ଥିବା ବେଳେ ସରକାରୀ ସହାୟତା ରାଶି ଅଧିକ ଦାବି କରିଛନ୍ତି ମୃତକଙ୍କ ପତ୍ନୀ ପ୍ରତିମା ଦେଇ। ପ୍ରକୋପ ଆଗରେ ମାନବ ଜୀବନ କେତେ ଯେ ଅସହାୟ ଏହି ଦୁଃଖଦ ଘଟଣା ହିଁ ଉଦାହରଣ। ଘୂର୍ଣ୍ଣିଝଡ଼ ଏକ ମୁହୂର୍ତ୍ତରେ ଛଡ଼ାଇ ନେଲା ଗୋଟିଏ ପରିବାରର ଆଶ୍ରୟ। ବର୍ତ୍ତମାନ ସରକାରୀ ସହାୟତା ହିଁ ଏହି ପରିବାର ପାଇଁ ଏକମାତ୍ର ଭରସା।

# ଘୂର୍ଣ୍ଣିଝଡ଼ରେ ଆହତଙ୍କୁ ଭେଟିଲେ ସାଂସଦ



କେନ୍ଦୁଝର,୧୭।୩(ସମିସ): କରଞ୍ଜିଆ ଅଞ୍ଚଳରେ ତାଣ୍ଡବ ରଚିଥିବା ଘୂର୍ଣ୍ଣିଝଡ଼ରେ ଆହତ ହୋଇ ଚିକିତ୍ସାଧୀନ ରହିଥିବା ବ୍ୟକ୍ତିମାନଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ୍ କଲେଜ ଏବଂ ହସ୍ପିଟାଲରେ ଭେଟି ସେମାନଙ୍କ ଆରୋଗ୍ୟ ସ୍ଥିତି ବିଷୟରେ ପଚାରି ବୁଝିଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ। ଡାକ୍ତରମାନଙ୍କ ସହ ଆଲୋଚନା କରି ଆହତମାନଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଅନୁରୋଧ କରିବା ସହିତ ସେମାନଙ୍କ ଶୀଘ୍ର ସୁସ୍ଥତା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସାଂସଦ। ସେ କହିଥିଲେ, ଏହିଭଳି ପ୍ରାକୃତିକ ବିପଦରେ ପ୍ରଭାବିତ ସମସ୍ତ ପରିବାରଙ୍କ ସହ ଆମେ ଅଛୁ ଏଣୁ ବ୍ୟସ୍ତ ତଥା ଭାଙ୍ଗି ନପଡ଼ି ଧୈର୍ଯ୍ୟ ଧରିବାକୁ ଅନୁରୋଧ କରିବା ସହିତ ସରକାର ସର୍ବଦା ସମସ୍ତ ପରିସ୍ଥିତିରେ ଆପଣମାନଙ୍କ କାନ୍ଧରେ କାନ୍ଧ ମିଳାଇ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି ସାଂସଦ ଅନନ୍ତ ନାୟକ।

# ଅମାନିଆଙ୍କୁ ସାବାଡ଼ କରିବାକୁ ପୁଲିସ ଅଣ୍ଟା ଭିଡ଼ିଲା



ଆନନ୍ଦପୁର, ୧୭।୩ (ସମିସ): ବେପରୁଆ ଗାଡ଼ି ଚାଳନା ତଥା ବିନା ସୁରକ୍ଷାରେ ଗାଡ଼ି ଚଳାଚଳ କରୁଥିବା ଅମାନିଆଙ୍କୁ ସାବାଡ଼ କରିବା ପାଇଁ ଆନନ୍ଦପୁର ପୁଲିସ ପ୍ରଶାସନ ଅଣ୍ଟା ଭିଡ଼ିଛି। ଆନନ୍ଦପୁର ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନକ୍ରମରେ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ସଚେତନ କରିବା ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ବିନା ହେଲମେଟରେ ଥିବା ବାଇକ ଆରୋହୀଙ୍କୁ ରାସ୍ତାରେ ଅଟକାଇ ସଚେତନତା ସୃଷ୍ଟି କରାଯାଇଛି। ପ୍ରତିଦିନ ବଢୁଥିବା ସଡକ ଦୁର୍ଘଟଣା ଓ ବେଆଇନ ପାର୍କିଂ ସମସ୍ୟାକୁ ନେଇ ପୁଲିସ ହୋଇଛି ସତର୍କ। ଟ୍ରାଫିକ ନିୟମକୁ କଡ଼ା ଭାବେ ପାଳନ କରାଇବା ପାଇଁ ଆରମ୍ଭ ହୋଇଛି ବିଶେଷ ଅଭିଯାନ। ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଟ୍ରାଫିକ ନିୟମ ସୁଧାରିବା ପାଇଁ ପୁଲିସ ଆରମ୍ଭ କରିଛି ଅଭିନବ ପ୍ରୟାସ। ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଘସିପୁରା ଥାନାଧିକାରୀ କିଶୋରଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଦଳ ପକ୍ଷରୁ ସଡକ ସୁରକ୍ଷା ନେଇ ମକ୍ ଡ୍ରିଲ୍ କରାଯାଇଛି। ଏହି ଅଭିଯାନ ସମୟରେ ବିନା ହେଲମେଟରେ ଯାତ୍ରା କରୁଥିବା ବାଇକ ଚାଳକ, ସ୍ପିଡ୍ ରାଇଡ଼ର ଓ କମ୍ ବୟସର ଯୁବକମାନଙ୍କ ବେପରୁଆ ଡ୍ରାଇଭିଂ ଉପରେ ପୁଲିସ ଖାସ ନଜର ରଖିଥିଲା। ରାସ୍ତାରେ ଯାଉଥିବା ଚାଳକମାନଙ୍କୁ ହେଲମେଟ ପିନ୍ଧିବା ସହିତ ଟ୍ରାଫିକ ନିୟମ ପାଳନ କରିବାକୁ ସଚେତନ କରାଯାଇଥିଲା। ଏଥିସହିତ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକମାନଙ୍କୁ ଧରିବା ପାଇଁ ବିଶେଷ ଚେକିଂ ହୋଇଥିଲା। ବାଇକ, ଚାରିଚକିଆ ଯାନ ଓ ଯାତ୍ରୀବାହୀ ବସକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସଚେତନତା ଓ ଅଭିଯାନ ମାଧ୍ୟମରେ ପୁଲିସକୁ ଉଲ୍ଲେଖନୀୟ ସଫଳତା ମିଳିଥିବା ସୂଚନା ମିଳିଛି। ଆଗାମୀ ଦିନରେ ଏପରି ଅଭିଯାନ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଅବସରପ୍ରାପ୍ତ ସୁବେଦାରଙ୍କ ଦେହାନ୍ତରେ ଶୋକ



ତୁରୁମୁଙ୍ଗା, ୧୭।୩(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଧା ଗ୍ରାମର ଅବସରପ୍ରାପ୍ତ ସୁବେଦାର ଦେବରାଜ ମହାନ୍ତ (୪୯)ଙ୍କ ମଙ୍ଗଳବାର ସକାଳେ ଭୁବନେଶ୍ୱର ଉତ୍କଳ ହସ୍ପିଟାଲରେ ଥାଲାସେମିଆ ରୋଗରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ଘଟିଛି। ମୃତଦେହ ପୈତୃକ ବାସଭବନକୁ ପହଞ୍ଚିବା ପରେ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିଚିତ ଏବଂ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ, ପାଟଣା ସାହାରପଡାର ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ଶେଷ ସମ୍ମାନ ଜଣାଇଥିଲେ। ସଂଘ ପକ୍ଷରୁ ଜାତୀୟ ପତାକା ଶରୀରରେ ଅର୍ପଣ କରାଯାଇ ପୁଷ୍ପାଞ୍ଜଳି ଦିଆଯାଇଥିଲା। ପରେ ଏକ ମିନିଟ୍ ନିରବ ପ୍ରାର୍ଥନା କରି ଆତ୍ମାର ସଦଗତି କାମନା କରି ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ। ସଂଘର ଉପସଭାପତି, ସମ୍ପାଦକ ସହ ଆସୋସିଏସନ୍‌ର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସୁବେଦାର ଦେବରାଜ ମହାନ୍ତଙ୍କ ସେବା ଓ ସରଳ ବ୍ୟକ୍ତିତ୍ୱକୁ ସମସ୍ତେ ସ୍ମରଣ କରିଛନ୍ତି। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ୧୭୪ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ଆନନ୍ଦପୁର,୧୭।୩(ସମିସ): ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ କେନ୍ଦୁଝର ଜିଲ୍ଲପାଳ ବିଶାଳ ସିଂହ ଆଜି ସାଧାରଣ ଲୋକଙ୍କଠାରୁ ୧୭୪ ଅଭିଯୋଗ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ବିଶେଷକରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘଦିନ ଧରି ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀମାନେ ନାନା ସମସ୍ୟା ଭୋଗୁଥିବା ଅଭିଯୋଗ ହୋଇଥିଲା। ଡାକ୍ତରଙ୍କ ପୁନଃ ନିଯୁକ୍ତି ଦାବି କରି ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆନନ୍ଦପୁର ମେଡିକାଲରେ ଡାକ୍ତର ନିଯୁକ୍ତି ପାଇଁ ଦାବି କରାଯାଇଛି। ଯାହା ଫଳରେ ଏଠାକାର ଲୋକମାନେ ସଠିକ୍ ଚିକିତ୍ସା ସୁବିଧା ପାଇପାରିବେ। ସେହିପରି କୋଡ଼ପଡ଼ା ଗ୍ରାମଦେବତୀ ପୀଠ ଅବହେଳିତ, କେନ୍ଦୁଝର-ଜଳେଶ୍ୱର ସରକାରୀ ବସ୍‌ରେ ଆନନ୍ଦପୁର ଯାତ୍ରୀଙ୍କ ପାଇଁ ଟିକେଟ ବୁକିଂ ସମସ୍ୟା, ଶୈଳଙ୍ଗ ରାସ୍ତା ସମସ୍ୟା, ମୁରାବାଲି ଗ୍ରାମର ଯୁଧିଷ୍ଠିର ସାହୁଙ୍କୁ ଜାଳେଣି ଗ୍ୟାସରେ ଠକେଇ ଆଦି ଅଭିଯୋଗର ଶୁଣାଣି ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପରେ ୧୧ ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକଲ ଓ ଭିନ୍ନକ୍ଷମ ଉପକରଣ ପ୍ରଦାନ କରାଯାଇଥିଲା।

# ଖଣି ସୁରକ୍ଷା ପକ୍ଷରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ପୁରସ୍କୃତ



ଯୋଡ଼ା, ୧୭।୩(ସମିସ): ଭୁବନେଶ୍ୱରରେ ୪୩ତମ ବାର୍ଷିକ ଧାତବ ଖଣି ସୁରକ୍ଷା ପକ୍ଷ ପାଳନ ଅବସରରେ ଜେଏସଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗକୁ ୨୩ଟି ପୁରସ୍କାରରେ ସମ୍ମାନିତ କରାଯାଇଛି। ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟର ତତ୍ତ୍ୱାବଧାନରେ ପୂର୍ବାଞ୍ଚଳ କ୍ଷେତ୍ର ଖଣି ସଂଘ ପକ୍ଷରୁ ଏହି ମାନ୍ୟତା ଏହାର ଖଣି କାର୍ଯ୍ୟରେ ସୁରକ୍ଷା, ନବସୃଜନ ଏବଂ କଲ୍ୟାଣ ପ୍ରତି ବିଭାଗର ଦୃଢ଼ ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥାଏ। ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା ଏବଂ ରାମଶଙ୍କର ଶର୍ମା, କାର୍ଯ୍ୟ ଏବଂ ପ୍ରକଳ୍ପ ମୁଖ୍ୟ, ସେମାନଙ୍କ ସମ୍ପୃକ୍ତ ଦଳ ସହିତ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ଜେଏସଡବ୍ଲ୍ୟୁ ଷ୍ଟିଲ୍ ଏହାର ଖଣି ୟୁନିଟ୍‌ଗୁଡ଼ିକରେ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍କର୍ଷକୁ ସ୍ୱଷ୍ଟ କରେ। ଏହି କାର୍ଯ୍ୟକ୍ରମରେ ଗଣୁଆ ଖଣି ଗ୍ରୁପ୍ ବି-୪ରେ ସାମଗ୍ରିକ ପ୍ରଥମ ପ୍ରଦର୍ଶନ ହାସଲ କରିଛି, ନବସୃଜନ ଏବଂ ଡିଜିଟାଲାଇଜେସନ୍, ସାଧାରଣ କାର୍ଯ୍ୟ, ମକ୍ ଡ୍ରିଲ୍ ଏବଂ କଲ୍ୟାଣରେ ଉତ୍କର୍ଷ ପାଇଁ ସାତଟି ପୁରସ୍କାର ଜିତିଛି। ନୁଗାଁ ମାଇନ୍ସ ଗ୍ରୁପ୍ ଏ-୨ରେ ସାମଗ୍ରିକ ଦ୍ୱିତୀୟ ପ୍ରଦର୍ଶନ ହାସଲ କରିଛି, ଯେତେବେଳେ ନାରାୟଣପୋଷି ମାଇନ୍ସ ଗ୍ରୁପ୍ ବି-୧ରେ ମକ୍ ଡ୍ରିଲ୍, ଇଲେକ୍ଟ୍ରିକାଲ୍, ମେକାନିକାଲ୍ ଏବଂ ଜେନେରାଲ୍ ୱାର୍କିଂରେ ଦୃଢ଼ ପ୍ରଦର୍ଶନ ସହିତ ସାମଗ୍ରିକ ତୃତୀୟ ପ୍ରଦର୍ଶନ ହାସଲ କରିଛି। ଜେନେରାଲ୍ ଡିଭିଜନ ସଫଳତାରେ ଜେଏସଡବ୍ଲ୍ୟୁ ଜଜାଙ୍ଗର ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ସାଧାରଣ ବର୍ଗରେ ସାମଗ୍ରିକ ପ୍ରଥମ ସ୍ଥାନ ହାସଲ କରିଛି ଏବଂ ଜିଭିଟିସି ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ସମୟରେ, ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ଷ୍ଟିଲ୍ ଏଚଇଏମଏମରେ ସ୍ଲିପନର ସିଷ୍ଟମ୍ ଏବଂ ଲେଜର ସୁବିଧା ଭଳି ନବସୃଜନ ପ୍ରଦର୍ଶନ କରିବା ସହିତ ଖଣିରେ ମହିଳା ଅପରେଟରମାନଙ୍କୁ ସାମିଲ କରିବା ପାଇଁ ସାମଗ୍ରିକ ତୃତୀୟ ସ୍ଥାନ ହାସଲ କରିଛି। ଜେଏସଡବ୍ଲ୍ୟୁ ଓଡ଼ିଶା ମାଇନ୍ସ ଆରମ୍ଭ ହେବା ପରଠାରୁ ପ୍ରଥମ ଥର ପାଇଁ, ତିନୋଟି ଖଣି ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ରସହିତ ଏକ ସୁରକ୍ଷା ପ୍ଲାଟଫର୍ମରେ ଶୀର୍ଷ ତିନୋଟି ସ୍ଥାନ ହାସଲ କରି ସ୍ୱୀକୃତି ହାସଲ କରିଛି। ଧାତୁଜୀବୀ ଖଣି ସୁରକ୍ଷା ପକ୍ଷ୍ୱାରା ଏକ ଦେଶବ୍ୟାପୀ ପଦକ୍ଷେପ ଯାହା ସୁରକ୍ଷିତ ଖଣି ଅଭ୍ୟାସ, ଦୁର୍ଘଟଣା ନିବାରଣ ଏବଂ ଶ୍ରମିକ ଏବଂ ପରିଚାଳନା ମଧ୍ୟରେ ସଚେତନତାକୁ ପ୍ରୋତ୍ସାହିତ କରେ।

# ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଲେ ଗ୍ରାମ୍ୟ କୃଷି କର୍ମଚାରୀ



ଆନନ୍ଦପୁର, ୧୭।୩ (ସମିସ): କେନ୍ଦୁଝର ଜିଲ୍ଲାର ଚାରିଜଣ ଆଶାୟୀ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନିଯୁକ୍ତି ନମିଳିବାରୁ ଭୁବନେଶ୍ୱରସ୍ଥିତ କୃଷି ଭବନ ସମ୍ମୁଖରେ ଧାରଣାରେ ବସିଥିଲେ। ବିଭାଗୀୟ ସଚିବଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର ହୋଇଥିବା ଜଣାଯାଇଛି। ମୁଖ୍ୟ କୃଷି ସଚିବ ତାଙ୍କ ପ୍ରତିଶ୍ରୁତିରେ କହିଥିଲେ ଯେ ଏକ ମାସ ମଧ୍ୟରେ ନିଯୁକ୍ତି ଦେବେ। ସୂଚନା ଅନୁସାରେ, ୨୦୦୮ ରେ କେନ୍ଦୁଝର ଜିଲ୍ଲାରେ ଗ୍ରାମ୍ୟ କୃଷି କର୍ମଚାରୀ ନିଯୁକ୍ତି ପାଇଁ ୩୬ଟି ପଦ ବାହାରିଥିଲା। ଏହା ଜିଲ୍ଲା ସ୍ତରରେ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ଥିବା ବେଳେ ତେବେ ଏହି ଆଦେଶକୁ ଉଲଂଘନ କରି ଅନ୍ୟ ଜିଲ୍ଲାର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବାରୁ ଏହି ଆଶାୟୀ ପ୍ରାର୍ଥୀ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ନୀଳାମ୍ବର ପରିଡା, ବେଣୁଧର ସା, ମନମୋହନ ସା, ସନ୍ଧ୍ୟାରାଣୀ ସୋ ପ୍ରମୁଖ ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିଲେ। ୨୪ ସେପ୍ଟେମ୍ବର ୨୦୨୪ରେ ନ୍ୟାୟାଳୟ ଏହି ଚାରିଜଣ ପ୍ରାର୍ଥୀଙ୍କୁ ବିଚାର କରି ନିଯୁକ୍ତି ଦେବାକୁ ସରକାରଙ୍କୁ ଆଦେଶ ଦେଇଥିଲେ, ତେବେ ସରକାରଙ୍କ ପକ୍ଷରୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ କୌଣସି ପଦକ୍ଷେପ ପାଳନ କରାଯାଇ ନଥିବା ଚାରିଜଣ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲ୍ଲା କୃଷି କାର୍ଯ୍ୟାଳୟରେ ୨ ଥର ଆମରଣ ଅନଶନ କରିବା ସହ ଆତ୍ମାହୁତି ଦେବା ଭଳି ପଦକ୍ଷେପ ନେଇଥିବା ବେଳେ ଚାରିଜଣ ପାର୍ଥୀ ଏକ ପ୍ରେସମିଟ ମାଧ୍ୟମରେ ୧୬ ମାର୍ଚ୍ଚ ୨୦୨୬ରେ କୃଷି ବିଭାଗକୁ ଆମରଣ ଅନଶନ ସହ ଆତ୍ମହୁତି ଦେବା ପାଇଁ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାର୍ଚ୍ଚ ୧୬ ତାରିଖରେ ଭୁବନେଶ୍ୱର କୃଷି ଭବନ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଏକ ମାସ ଭିତରେ ଯଦି ସେମାନଙ୍କୁ ନିଯୁକ୍ତି ନମିଳେ ତାହା ହେଲେ ପୁନର୍ବାର ଆମରଣ ଅନଶନ ସହ ଆତ୍ମାହୁତି ଦେବାକୁ ଗଣମାଧ୍ୟମକୁ କହିଛନ୍ତି।

# କେନ୍ଦୁଝରୀ ସାହିତ୍ୟ ସାଧକ ଡମ୍ବରୁ ମହାନ୍ତ ସମ୍ବର୍ଦ୍ଧିତ



ଚମ୍ପୁଆ, ୧୭।୩(ସମିସ): ଚମ୍ପୁଆ ବ୍ଲକ ଭଣ୍ଡା ପଞ୍ଚାୟତ ଅନ୍ତର୍ଗତ ଭଣ୍ଡା ଗ୍ରାମର ସଂଜୀବନୀ ସାହିତ୍ୟ ସଂସଦର ସମ୍ପାଦକ, ଲେଖକ, ସଂଗଠକ, ସାରସ୍ୱତ ସାଧକ ଡମ୍ବରୁଧର ମହାନ୍ତଙ୍କୁ ସାହିତ୍ୟ କ୍ଷେତ୍ରରେ ଗବେଷଣାମୂଳକ କାର୍ଯ୍ୟ ପାଇଁ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡିଶା, କେନ୍ଦୁଝର ଶାଖା ତରଫରୁ କେନ୍ଦୁଝରଗଡ଼ ନଗର ଭବନଠାରେ ନବ ସାମ୍ବତ୍ସରିକ ଉତ୍ସବରେ ସମ୍ମାନିତ କରି ସମ୍ବର୍ଦ୍ଧିତ କରାଯାଇଛି। ଓଡିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସାହିତ୍ୟ ଏକାଡେମୀ ସହଯୋଗରେ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେନ୍ଦୁଝର ଶାଖା ଆନୁକୂଲ୍ୟରେ ଆୟୋଜିତ ରାଷ୍ଟ୍ରୀୟ ନବବର୍ଷ "ସ୍ୱାଗତ ନବ ସମ୍ବତ୍ସର' କାର୍ଯ୍ୟକ୍ରମରେ ସାହିତ୍ୟ ପରିଷଦ କେନ୍ଦୁଝର ସଭାପତି ଯୋଗେନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିବା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡିଶାର ମନ୍ତ୍ରୀ ସାହିତ୍ୟିକ ନାରାୟଣ ନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟ ପରିଷଦର ସାଧାରଣ ସମ୍ପାଦକ ବିଶିଷ୍ଟ ସାହିତ୍ୟିକ ଡକ୍ଟର ସନ୍ତୋଷ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାହିତ୍ୟ ପରିଷଦ, ଓଡିଶା ସମ୍ପାଦକ ସତ୍ୟଜିତ ନାୟକ ଯୋଗ ଦେଇଥିଲେ। ପ୍ରକାଶ ଥାଉକି, ଶ୍ରୀ ମହାନ୍ତ କେନ୍ଦୁଝରୀ ସାହିତ୍ୟ ସଂସ୍କୃତିର ସଂରକ୍ଷଣ, ଗବେଷଣା, ଦୁର୍ଲ୍ଲଭ ପାଣ୍ଡୁଲିପିର ସଂକଳନ ଓ ସମ୍ପାଦନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଜାରି ରଖିଛନ୍ତି। କାର୍ଯ୍ୟକ୍ରମକୁ ଉପସ୍ଥାପିକା ସମୟଶ୍ରୀ ଚାଟାର୍ଜୀ ସଂଯୋଜନା କରି ମଞ୍ଚ ପରିଚାଳନା କରିଥିବା ବେଳେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଜିଲ୍ଲା ସଂଯୋଜିକା ଡକ୍ଟର ଶୁଭସ୍ମିତା ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପ୍ରାନ୍ତ ପତ୍ରିକା ପ୍ରମୁଖ ଯୁବ ଗାଳ୍ପିକ ଅବିନାଶ ଦାସଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

### ଅବ୍ୟବସ୍ଥା ଘେରରେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଜେଏମ୍ଏମ୍ ପକ୍ଷରୁ ହସ୍ପିଟାଲ୍ ସମ୍ମୁଖରେ ଧାରଣା




**ମୋରଡ଼ା, ୧୭।୩(ସମିସ)**

ମୋରଡ଼ା ବ୍ଲକରେ ଥିବା କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ପଦବୀ ଦୀର୍ଘଦିନରୁ ଫାଙ୍କା ପଡ଼ିଥିବାବେଳେ ରୋଗୀ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେବା ସହ ହନ୍ତସନ୍ତ ହେଉଛନ୍ତି। ଯାହାକୁ ନେଇ ମଙ୍ଗଳବାର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀ ଦୁଇଦଫା ଦାବି ପୂରଣ ନିମନ୍ତେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଲିଖିତ ଦାବି ମୁତାବକ ପ୍ରଥମେ ଡାକ୍ତରଖାନାର ସମସ୍ତ ଖାଲିପଡ଼ିଥିବା ଡାକ୍ତର ଓ କର୍ମଚାରୀ ପଦବୀ ପୂରଣ। ଦ୍ୱିତୀୟରେ ହସ୍ପିଟାଲରେ ଏକ୍ସରେ ଓ ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ କରାଯିବାକୁ ଦାବି କରାଯାଇଛି।

ଉକ୍ତ ଡାକ୍ତରଖାନା ଉପରେ ବ୍ଲକର ୨୦ଟି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ନିର୍ଭର କରୁଥିବାବେଳେ ପଡ଼ୋଶୀ ପଶ୍ଚିମବଙ୍ଗରୁ ମଧ୍ୟ ରୋଗୀଙ୍କ ପ୍ରତିଦିନ ଲମ୍ବା ଲାଇନ ଲାଗିଥାଏ। ତେବେ ଦୁଃଖ ଓ ପରିତାପର ବିଷୟ ଉକ୍ତ ଡାକ୍ତରଖାନା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଞ୍ଚଳର ହୋଇଥିବାବେଳେ ଏଥିରେ ସର୍ଜରି, ସ୍ତ୍ରୀ ରୋଗ, ମେଡିସିନ, ଶିଶୁ ରୋଗ ଆଦି ଚାରୋଟି ବିଭାଗରେ ଜଣେ ମଧ୍ୟ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଯଦିଓ ମେଡିସିନ ବିଭାଗରେ ଜଣେ ବିଶେଷଜ୍ଞ ଥିଲେ ତାଙ୍କୁ ମଧ୍ୟ ଜିଲ୍ଲା ଚିକିତ୍ସାଳୟକୁ ଡେପୁଟେସନରେ ନେଇଯାଇଛନ୍ତି। ଉକ୍ତ ଚାରୋଟି ବିଭାଗ ସହ ପ୍ରଶାସନିକ ବିଭାଗ ମିଶି ସର୍ବମୋଟ ୨୧ଟି ପଦବୀ ଥିବାବେଳେ ଏଲଟିଆରଏମଓ (ଏମବିବିଏସ) ୧୫ଟି ପଦବୀରୁ ମାତ୍ର ୨ ଜଣ ରହିଛନ୍ତି। ଯେଉଁ ଏମବିବିଏସ ଡାକ୍ତର ରୋଗୀ ଦେଖିବା ସହ ଅନ୍ୟ କାର୍ଯ୍ୟ ମଧ୍ୟ କରୁଛନ୍ତି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାର ପ୍ରଥମ ସୋପାନ ଷ୍ଟାଫ ନର୍ସ ହୋଇଥିବାବେଳେ ୨୧ଟି ଷ୍ଟାଫ ନର୍ସ ପଦବୀରୁ ମାତ୍ର ଚାରିଜଣ ଅଛନ୍ତି। ଡାକ୍ତରଖାନାରେ ଯଦି ଡାକ୍ତର ଓ କର୍ମଚାରୀ ନ ଥିବେ, ତେବେ କେଉଁଭଳି ସ୍ୱାସ୍ଥ୍ୟ ସେବା ଲୋକଙ୍କୁ ମିଳୁଛି; ତାହା ସହଜରେ ଅନୁମାନ କରାଯାଇପାରେ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ୩୦ ଶଯ୍ୟା ବିଶିଷ୍ଟ ଥିବାବେଳେ ପୂର୍ବରୁ ରୋଗୀଙ୍କୁ ଏକ୍ସରେ ମେସିନର ସୁବିଧା ମିଳୁଥିଲା। ମେସିନ ଖରାପ ହେବାରୁ ମରାମତି ପାଇଁ ଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଏକ୍ସରେ ମେସିନର ଖୋଜ ଖବର ନାହିଁ। ବାରମ୍ବାର ଖବରକାଗଜରେ ହସ୍ପିଟାଲର ସମସ୍ୟା ପ୍ରକାଶ ପାଇଲେ ମଧ୍ୟ ପ୍ରଶାସନିକ ଅଧିକାରୀ କିମ୍ବା ମୋରଡା ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନଜର ପଡୁନାହିଁ। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

**ମନ୍ତ୍ରୀଙ୍କ ଅଞ୍ଚଳରେ ବିନା ଡାକ୍ତରରେ ଚାଲିଛି ଡାକ୍ତରଖାନା**

**ଏକ୍ସରେ ଓ ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ ଦାବି**

**୯୦ ପ୍ରତିଶତ ଡାକ୍ତର ଓ କର୍ମଚାରୀ ପଦବୀ ଫାଙ୍କା**

**ଚାରୋଟି ବିଭାଗରେ ଜଣେ ବି ନାହାନ୍ତି ସ୍ପେଶାଲିଷ୍ଟ**

# ଡୁଡୁଆ ବାରୁଣୀ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼



**କୁଆମରା, ୧୭।୩(ସମିସ):** ଗୋପବନ୍ଧୁନଗର ବ୍ଲକ ବାଲଡିହା ନିକଟସ୍ଥ ଡୁଡୁଆଠାରେ ସାନଖୁଣ୍ଟା, ଟିଟିଆ ଓ ଭଣ୍ଡଗାଁ ପଞ୍ଚାୟତର ମଧ୍ୟସ୍ଥଳୀରେ ପ୍ରବାହିତ ଗଙ୍ଗାହାର ନଦୀ କୂଳରେ ଆଜି ହଜାର ହଜାର ଭକ୍ତ ବାରୁଣୀ ସ୍ନାନ ଅବସରରେ ବୁଡ଼ ପକାଇଛନ୍ତି। ନଦୀ କୂଳରେ ଥିବା ଏକ ବିରାଟ କାୟ ପଥର ଶଯ୍ୟା ଓ ସେହି ପଥର ଶଯ୍ୟାର ପାଞ୍ଚ ଫୁଟ୍ ତଳେ କୁଣ୍ଡ ମଧ୍ୟରେ ପୂଜା ପାଇ ଆସୁଛନ୍ତି ଡୁଡେଶ୍ୱର ମହାଦେବ। ମହାଦେବଙ୍କୁ ପାଣି ମଧ୍ୟରେ ଅଦୃଶ୍ୟ ଅବସ୍ଥାରେ ବର୍ଷ ସାରା ପୂଜା କାର୍ଯ୍ୟ କରାଯାଉଥିବାବେଳେ ପରମ୍ପରା ଅନୁସାରେ ପ୍ରତି ବର୍ଷ ଚୈତ୍ର କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ କୁଣ୍ଡ ମଧ୍ୟରୁ ଜଳ ନିଷ୍କାସନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଗୋଟିଏ ଦିନ ପାଇଁ ଏହି ଶିବ ଲିଙ୍ଗକୁ ଭକ୍ତ ଦର୍ଶନ ପାଇବାର ସୌଭାଗ୍ୟ ପାଇଥା'ନ୍ତି। ମାତ୍ର ବିଡ଼ମ୍ବନା ରବିବାର ଓ ସୋମବାର କ୍ରମାଗତ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁଁ ଚଳିତ ବର୍ଷ କୁଣ୍ଡ ମଧ୍ୟରୁ ଜଳ ନିଷ୍କାସନ କରାଯାଇ ନ ପାରିବାରୁ ଲିଙ୍ଗ ଦର୍ଶନରୁ ବଞ୍ଚିତ ହୋଇଛନ୍ତି ଭକ୍ତ। ତେବେ ଆଜି ପାଗ ଅନୁକୂଳ ଥିବାରୁ ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ପ୍ରାତଃ ୫ଟାରୁ ସୂର୍ଯ୍ୟପୂଜା, ଗୁରୁ ପୂଜା ଓ ମଙ୍ଗଳ ଆଳତି ପରେ ପ୍ରଭୁ ଶିବ ଶଙ୍କରଙ୍କ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋହିତ ରାଜୀବଲୋଚନ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଧୀର ସୁନ୍ଦର ତ୍ରିପାଠୀ, ଚନ୍ଦ୍ରଭାନୁ ତ୍ରିପାଠୀ, ଅମୀୟ କୁମାର ତ୍ରିପାଠୀ ପ୍ରମୁଖ ମୋଟ ୯ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଛନ୍ତି।

ଦୀର୍ଘବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ପ୍ରସିଦ୍ଧ ଏହି ବାରୁଣୀ ମେଳା ସପ୍ତାହ ଧରି ବସେ। ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ଲୋକଙ୍କ ସୁବିଧା ନିମନ୍ତେ ଅସ୍ଥାୟୀ ମଟର ଯାନର ବ୍ୟବସ୍ଥା କରାଯାଇଛି। କମିଟି ସଭାପତି ଗୋପୀନାଥ ବେହେରା, ସମ୍ପାଦକ କରୁଣାକର ପାତ୍ର, ସୁମନ୍ତ ନାୟକ, ମାନଗୋବିନ୍ଦ ଖିଲାର, ବ୍ୟୋମକେଶ ତ୍ରିପାଠୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ପରିଚାଳନା ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ତତ୍ତ୍ୱାବଧାନରେ ବହୁ ପୁଲିସ କର୍ମଚାରୀ ଓ ଫୋର୍ସ ମୁତୟନ ହୋଇଥିଲେ। ଉଦଳା ଉପଖଣ୍ଡ ପୁଲିସ ଅଧିକାରୀ ହୃଷିକେଶ ନାୟକ ପରିଦର୍ଶନ କରି ଫେରିଛନ୍ତି। ଏ ଅବସରରେ ଖୁଣ୍ଟା ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ଭକ୍ତଙ୍କ ନିମନ୍ତେ ଜଳଛତ୍ର ଖୋଲାଯାଇଥିଲା। ଉଦଳା ସଙ୍କୁଳ ପ୍ରମୁଖ ବିରଞ୍ଚି ସେନାପତି ଓ ବିଦ୍ୟାଳୟର ସମ୍ପାଦକ ତ୍ରିଲୋଚନ ମହାନ୍ତ ଅତିଥି ଭାବେ ଯୋଗ ଦେଇ ଜଳଛତ୍ର ଉଦଘାଟନ କରିଥିଲେ। ପ୍ରଧାନ ଗୁରୁଜୀ ଗୌରି ଶଙ୍କର ସିଂ, ସମର ମିଶ୍ର, ଦିବ୍ୟଜ୍ୟୋତି ପ୍ରଧାନ, ରବିନାରାୟଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଆରପଟା ପଞ୍ଚାୟତସ୍ଥ ଧାଉଁଡିଆଠାରେ ମଧ୍ୟ ପରମ୍ପରା ଅନୁସାରେ ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

### ଗ୍ରାମବାସୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଖଲାସ ଦାବି

# ୨୦ରେ ଆଦିବାସୀ ଏକତା ମଞ୍ଚର ମୟୂରଭଞ୍ଜ ବନ୍ଦ ଡକରା

**ରାଇରଙ୍ଗପୁର, ୧୭।୩(ସମିସ):** ବହଳଦାରେ ଜାତୀୟ ରାଜପଥ ଅବରୋଧ ବେଳେ ଗ୍ରାମବାସୀ ଓ ପୁଲିସ ମୁହାଁମୁହିଁ ଘଟଣାରେ ଗିରଫଙ୍କୁ ଖଲାସ ଦାବିରେ ଜାରି ଥିବା ଆନ୍ଦୋଳନ ସ୍ଥଗିତ ହୋଇଛି। ୩୬ ଘଣ୍ଟାର ଧାରଣା ପରେ ଗ୍ରାମବାସୀ ଓହରିଛନ୍ତି। ତେବେ ଆନ୍ଦୋଳନର ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ୩୪ ଜଣ ଗିରଫ ଆଦିବାସୀଙ୍କୁ ଖଲାସ କରାଯାଇନାହିଁ। ତେଣୁ ଗ୍ରାମବାସୀଙ୍କୁ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଖଲାସ ଦାବି କରିଛନ୍ତି। ନଚେତ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ବନ୍ଦ ଡକରା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ପୁଲିସ ପ୍ରଶାସନ ସହ ଆଲୋଚନା ଅନୁଯାୟୀ ଗିରଫଙ୍କୁ ଖଲାସ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସେ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅଧିକାଂଶ ମହିଳାଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଛୋଟ ଛୋଟ ପିଲା ଘରେ ଥିବାବେଳେ ମାଆ ପାଇଁ ବ୍ୟତିବ୍ୟସ୍ତ ହେଉଛନ୍ତି। କିନ୍ତୁ ସରକାର କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ୪୮ ଘଣ୍ଟାରେ ଗିରଫ ଆଦିବାସୀଙ୍କ ବିରୋଧରେ ମାମଲା ପ୍ରତ୍ୟାହାର କରି ଖଲାସ ନ ହେଲେ ମୟୂରଭଞ୍ଜ ବନ୍ଦ ଡକରା ଚେତାବନୀ ଦେଇଛନ୍ତି। ଏ ନେଇ ବିଜେଡି, କଂଗ୍ରେସ, ଜେଏମଏମ, ମାସା, ଆସେକା ସମେତ ଅନ୍ୟାନ୍ୟ ସଂଗଠନ ନେତୃବର୍ଗ ଚେତାବନୀ ଦେଇଛନ୍ତି।

# ଏମ୍‌ପିସି କଲେଜ ବାଣିଜ୍ୟ ବିଭାଗର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

**ବାରିପଦା, ୧୭।୩(ସମିସ):** ସମକାଳୀନ ବିଶ୍ୱ ଅର୍ଥନୀତିରେ ଉଦ୍ୟୋଗତା, ନବସୃଜନ, ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟିର ଆଗ ଧାଡ଼ିରେ ଆମ ଦେଶ ଭାରତ ରହିଛି। ବର୍ତ୍ତମାନ ସମାଜର ଅଗ୍ରଗତି ପାଇଁ ସ୍ଥାୟୀ ବିକାଶ, ଉଦ୍ୟୋଗୀ ଚିନ୍ତାଧାରା, ଷ୍ଟାର୍ଟଅପ୍ ଅତ୍ୟାବଶ୍ୟକ। ଭାରତ ଏବେ ଷ୍ଟାର୍ଟଅପ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ ଓ ଡିଜିଟାଲ୍ ଇଣ୍ଡିଆ ଭଳି ପଦକ୍ଷେପ ମାଧ୍ୟମରେ ଏହି ପରିବର୍ତ୍ତନକୁ ଗ୍ରହଣ କରିଛି। ଯାହା ନବସୃଜନକୁ ପାଥେୟ କରିବା ସହିତ ଯୁବପିଢ଼ିଙ୍କୁ ସଶକ୍ତ କରିବାରେ ଲକ୍ଷ୍ୟ ରଖୁଛି। ଏ ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ସକ୍ରିୟ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପ୍ରଗତିଶୀଳ ନୀତି, ସଂସ୍ଥାଗତ ସହାୟତା ଓ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ଓଡ଼ିଶା ସରକାର ଯୁବ ଉଦ୍ୟୋଗୀଙ୍କ ଚିନ୍ତାଧାରାକୁ କାର୍ଯ୍ୟକ୍ଷମ କରିବାକୁ ଉତ୍ସାହିତ କରୁଛନ୍ତି। ଏ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକ ଏବେ ନବସୃଜନ, ଗବେଷଣା ଓ ଉଦ୍ୟୋଗୀ ପରୀକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ପାଲଟିଛନ୍ତି। ଏମ୍‌ପିସି ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ 'ଉଦ୍ୟୋଗିତା ଓ ଷ୍ଟାର୍ଟଅପ୍ ଇକୋସିଷ୍ଟମ' ଶୀର୍ଷକ ଦ୍ୱିଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।




ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ କମିଶନର ଅରବିନ୍ଦ ଅଗ୍ରୱାଲ ଯୋଗଦେଇ ଭାରତ ଓ ଓଡ଼ିଶାରେ ଉଦ୍ୟୋଗ ପନ୍ଥାର ସ୍ଥିତି ଓ ଯୁବପିଢ଼ିଙ୍କ ସହଭାଗିତା ବିଷୟରେ କହିବା ସହ ଉଦ୍ୟୋଗୀ ହେବା ନିମନ୍ତେ ନୂତନ ଚିନ୍ତାଧାରା, ପ୍ରତିବନ୍ଧକ, ପ୍ରତିଯୋଗିତା ଏପରିକି ନୂଆ ନୂଆ କୌଶଳର ଆବଶ୍ୟକ୍ତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରଫେସର କିଶୋର ଦାସ ଯୋଗଦେଇ ଦୈନନ୍ଦିନ ଜୀବନରେ ବାଣିଜ୍ୟର ସମ୍ପର୍କ, ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ବାଣିଜ୍ୟିକ ପରିବର୍ତ୍ତନର ଯାତ୍ରା ଓ ଆଧୁନିକ ବାଣିଜ୍ୟର ପରିପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଆବାହକ ଭାବେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ରୂପସା ମହାପାତ୍ର ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଆଶୁତୋଷ ପ୍ରୟାସ ଦାଶ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ଆଲୋଚନାଚକ୍ରର ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଅନାମ ଚରଣ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ସଞ୍ଜୀବ ଦେ ଯୋଗ ଦେଇଥିଲେ। ସହ ସଭାପତି ଭାବେ ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟର ଡ. ଶ୍ରୀତମ ଦାସ, ପଶ୍ଚିମବଙ୍ଗରୁ ଡ.ଶାନ୍ତନୁ ଘୋଷ, ସହକାରୀ ପ୍ରଫେସର ରୋଜି କାନୁନଗୋ ସମେତ ବହୁ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଏହାର ସମୀକ୍ଷା ଡ. ରାଉଳ ସମ୍ପାଦନା କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀଙ୍କ ସମେତ ବାଣିଜ୍ୟ ବିଭାଗ ଅଧ୍ୟାପକ ସୀମା ଅଗ୍ରୱାଲ, ଡ. ଅର୍ଜୁନ ସାହୁ, ହିତେଶ୍ ଗୁପ୍ତା, ରତିକାନ୍ତ ବାରିକ, ସାଇମା ଫିରଦୋଷ, ହିମାଂଶୁ ପ୍ରଧାନ, କିରଣମୟୀ ମିଶ୍ର, ଅମ୍ରିତା ମହାନ୍ତି ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଡ. ଭୀମ ଚରଣ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ବଡ଼ାମଙ୍କ ବାର୍ଷିକ ପୂଜା

**ବୈଶିଙ୍ଗା, ୧୭।୩(ସମିସ):** ବୈଶିଙ୍ଗା ଥାନା ଅଧୀନ ମୋହନପୁର ଅଞ୍ଚଳରେ ଥିବା ମା' ଦୁଧିଆ ବଡ଼ାମଙ୍କ ବାର୍ଷିକ ପୂଜା ବଡାମ ପୂଜା କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଏହି ପୂଜାରେ ମୋହନପୁର, କ୍ଷୀରପଦା, ଭାଲିଆଡିହି, ଦୁଟୁ ସାହି ଆଦି ଅଞ୍ଚଳରେ ସମସ୍ତେ ନୂଆବସ୍ତ୍ର ପରିଧାନ କରି ମା'ଙ୍କୁ ପୂଜା କରନ୍ତି। ଦେବୀଙ୍କ ପ୍ରକୃତିଦତ୍ତ ସ୍ୱରୂପ ଏହାଙ୍କର ଆଦିମ ମୂଳ ପ୍ରତିରୂପ ବୋଲି ପ୍ରମାଣିତ କରେ। କିମ୍ବଦନ୍ତୀ କହେ ମା' ବଡାମ ତାଙ୍କ ଭକ୍ତଙ୍କ ପାଇଁ ସତତ କରୁଣାମୟୀ ଓ ଦୟାଶୀଳା। ମା' ବଡାମ ପୀଠକୁ ସୌନ୍ଦର୍ଯ୍ୟମୟ କରୁଥିବା ନିକଟ ସଂରକ୍ଷିତ ଘଞ୍ଚ ବନାନୀ ବନ୍ୟ ପଶୁପକ୍ଷୀଙ୍କ ଆଶ୍ରୟ ସ୍ଥଳ। ଅନୁରାଗି ଭକ୍ତ ଶ୍ରଦ୍ଧାରେ ଦେବୀଙ୍କୁ ଭୋଗ ଅର୍ପଣ କରନ୍ତି। ଆଦିବାସୀ ପୂଜକଙ୍କ ଦ୍ୱାରା ଦେବୀ ପୂଜିତା। ସ୍ଥାନୀୟ ବାସିନ୍ଦା ଚୈତ୍ର ମାସରେ ଦେବୀଙ୍କ ପୀଠରେ ଆନନ୍ଦର ସହିତ ଉତ୍ସବକୁ ପାଳନ କରନ୍ତି। ଭୋଜିଭାତ ମାଧ୍ୟମରେ ଏହି ପର୍ବକୁ ମହାଆନନ୍ଦରେ ଆଦିବାସୀ ପାଳନ କରିଥା'ନ୍ତି। ପ୍ରାୟ ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ ମା'ଙ୍କ ଏହି ପର୍ବ ପାଳନ କରନ୍ତି। ସେମାନଙ୍କ ପରମ୍ପରାରେ ମା'ଙ୍କ ପୂଜା ଏକ ସ୍ନେହ, ପ୍ରେମ ଓ ସଦ୍‌ଭାବନାର ମହୋତ୍ସବ ବୋଲି ବିବେଚନା କରାଯାଏ। ଏହି ପୂଜା ବଡାମ ସୁରକ୍ଷା କମିଟି ସମସ୍ତ ସଦସ୍ୟଙ୍କ ପ୍ରଚେଷ୍ଟା ଓ ସହଯୋଗ ପାଇଁ ସଫଳ ହୋଇପାରିଛି।

# ଉଦଳା ଡାକ୍ତରଖାନାରେ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ



**ଉଦଳା, ୧୭।୩(ସମିସ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଉଦଳା ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହିତ ବିଭିନ୍ନ ସମୟରେ ଚିକିତ୍ସାଳୟରେ ଛୋଟବଡ ଦୁର୍ଘଟଣାକୁ ରୋକିବାକୁ ଅଗ୍ନିଶମ ବିଭାଗ ଦ୍ୱାରା ସମସ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ କର୍ମୀ, ଲାଇବ୍ରେରୀ ଟେକ୍ନିସିଆନ, ସିକ୍ୟୁରିଟି କର୍ମଚାରୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଅଗ୍ନି ନିର୍ବାପକ ଯନ୍ତ୍ର କିଭଳି ବ୍ୟବହାର କରାଯାଇ ଅଗ୍ନିକୁ ଯଥାଶୀଘ୍ର ରୋକାଯାଇପାରିବ କର୍ମଚାରୀ ଓ ନର୍ସଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ମୁଖ୍ୟ ଦାୟିତ୍ୱ ନିର୍ବାହ କରୁଥିବା ଶିଶୁ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀକାନ୍ତ ପତି, ଡାକ୍ତର ପ୍ରଜ୍ଞା ପରମିତା ବେହେରା, ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିକା ନିରୁପମା ମହାନ୍ତି, ହିସାବରକ୍ଷକ ଅରୁପ ସାହୁ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ମହାଳିକ ବାବୁଙ୍କ ନେତୃତ୍ୱରେ ମନୋରଞ୍ଜନ ବେହେରା, ସୁଜିତ ସୋରେନ୍, କାର୍ତ୍ତିକ ତିରିଆ, ପ୍ରମୋଦ ସାମଲ, ସମୀର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ଅଧିକ ଉନ୍ନତ ସେବା ପାଇବା ସହିତ ସମସ୍ୟା ଦେଖାଦେଲେ ତତକ୍ଷଣାତ୍ ଦୂରୀଭୂତ ହେବ ବୋଲି ଆଶା କରିଛନ୍ତି।

# ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଇଁ ପ୍ରସ୍ତୁତି

**ମହୁଲଡିହା, ୧୭।୩(ସମିସ):** ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରୁ ଅବସର ନେବାକୁ ଥିବା ଦୁଇ ଶିକ୍ଷକଙ୍କୁ ବିଦ୍ୟାଳୟ, ପୂର୍ବତନ ଓ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବିଦାୟକାଳୀନ ସଭା ଆସନ୍ତା ଏପ୍ରିଲ ମାସ ୩୦ ତାରିଖରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଆଜି ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ, ପୂର୍ବତନ ଓ ଅଧ୍ୟୟନରତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଛବିନ୍ଦ୍ର ସାହୁ ଓ ସଂସ୍କୃତ ଶିକ୍ଷକ ସୁବ୍ରତ କୁମାର ଦାଶ ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ଏ ନେଇ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆଗାମୀ ଏପ୍ରିଲ ମାସ ୩୦ ତାରିଖରେ ଆୟୋଜିତ କରିବାକୁ ବୈଠକରେ ସର୍ବସମ୍ମତି ହୋଇଛି। ସହକାରୀ ଶିକ୍ଷକ ଶ୍ରୀକାନ୍ତ ରଣା ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ସହକାରୀ ଶିକ୍ଷକ ଭରତ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଜବତ ସମ୍ପତ୍ତିକୁ ସୁରକ୍ଷା ଦେବାରେ ସିବିଆଇ ବିଫଳ

# ଚିଟ୍‌ଫଣ୍ଡ କମ୍ପାନୀର କୋଟି କୋଟି ଟଙ୍କାର ଜମି ଏବେ ଜଳାଶୟ

**ବୈଶିଙ୍ଗା, ୧୭।୩ (ସମିସ)**

ରାଜ୍ୟର ବହୁଚର୍ଚ୍ଚିତ ଚିଟ୍‌ଫଣ୍ଡ ମାମଲା ଏବେ ସିବିଆଇ ଅଧୀନରେ ରହିଥିବାବେଳେ ସିବିଆଇ ମଧ୍ୟ ସମ୍ପତ୍ତି ଜବତ କରିଛି। ତେବେ କୋଟି କୋଟି ଟଙ୍କାର ମୂଲ୍ୟବାନ ଜବତ ସମ୍ପତ୍ତିକୁ ସୁରକ୍ଷା ଦେବାରେ ସିବିଆଇ ବିଫଳ ହୋଇଥିବାବେଳେ ବେତନଟୀ ଅଞ୍ଚଳରେ ଥିବା ଏକାଧିକ ଚିଟ୍‌ଫଣ୍ଡ କମ୍ପାନୀର ସମ୍ପତ୍ତିକୁ ଲୁଟେରା ହଜମ କରିସାରିଥିବାବେଳେ ପଡ଼ିରହିଥିବା ଜମିରୁ ମାଟି ଓ ମୋରମ ନେଇସାରିବା ପରେ ଏବେ ଜଳାଶୟ ହେବାକୁ ବସିଛି। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ତଥା ତହସିଲ ଅଧୀନ ଯୁଗୋଳ ଛକରେ ଦେଖିବାକୁ ମିଳିଛି।

ଯୁଗୋଳ ଛକରେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଦୁର୍ଗାପୁର ମୌଜାର ଖାତା ନଂ୧୮୧/୯, ପ୍ଲଟ ନଂ ୨୯୪/୩୦୧/୨୯୩ରେ ଚିଟ୍‌ଫଣ୍ଡ କମ୍ପାନୀ କୋଲକାତା ଓୟାର ଇଣ୍ଡଷ୍ଟ୍ରିଜ ନାମରେ ରହିଛି ୩ ଏକର ୮୫ ଡେସିମିଲ ଜମି। ଏହି ଜମିର ମାର୍ଫତଦାର ଚିଟ୍‌ଫଣ୍ଡ କମ୍ପାନୀର ସେତେବେଳର ନିର୍ଦ୍ଦେଶକ ପଶ୍ଚିମବଙ୍ଗ ଦକ୍ଷିଣ ଚବିଶପ୍ରଗଣା ଅଞ୍ଚଳର ଜ୍ଞାନେନ୍ଦ୍ର ମଣ୍ଡଳର ପୁଅ ରାମକ୍ରୀଷ୍ଣ ମଣ୍ଡଳ ରହିଛନ୍ତି। ଏହି ଜମିକୁ ୨୦୦୯ରେ ଦାଖଲ ଖାରଜ କେସନଂ ୯୪୫/୦୯ ମୁତାବକ ୨୭ ନମ୍ବର ଖାତାରୁ ୪୫ ଡେସିମିଲ ଜମି ଓ ଦାଖଲ ଖାରଜ କେସନଂ ୯୪୬/୦୯ ମୁତାବକ ୬୫ ନମ୍ବର ଖାତାରୁ ୩ ଏକର ୪୦ ଡେସିମିଲ ଜମି ଏଭଳି ମୋଟ ୩ ଏକର ୮୫ ଡେସିମିଲ ଜମି କୋଲକାତା ଓୟାର ଇଣ୍ଡଷ୍ଟ୍ରିଜ ନାମରେ କିଣାଯାଇଥିଲା। ୨୦୧୦ରେ ଓଏଲଆର କେସନଂ ୧୪୮/୧୦ ଅନୁଯାୟୀ ପ୍ଲଟନଂ ୨୯୪/୩୦୧ ଓ ୨୯୩ରେ ଏହି ସମୁଦାୟ ଜମିକୁ ଘରବାଡିରେ ପରିଣତ କରାଯାଇଥିଲା। ରାଜ୍ୟରେ ଚିଟ୍‌ଫଣ୍ଡ କମ୍ପାନୀ ମାମଲା ସରଗରମ ହେବା ପରେ ପ୍ରଥମେ ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିବାବେଳେ ପରବର୍ତ୍ତି ମୁହୂର୍ତ୍ତରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ସେତେବେଳେ ସିବିଆଇ ଚିଟ୍‌ଫଣ୍ଡ କମ୍ପାନୀର ରାଜ୍ୟ ଓ ରାଜ୍ୟ ବାହାରେ ଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରିଥିଲା।



**▶▶ ମୂଲ୍ୟବାନ ଜମି ଶାଗମାଛ ଦରରେ ବିକ୍ରିହେବା ଥୟ**

**▶▶ ଲୁଟେରାଙ୍କ ଟାର୍ଗେଟରେ ଜବତ ଚିଟ୍‌ଫଣ୍ଡ କମ୍ପାନୀ ଜମି**

ବର୍ତ୍ତମାନ ସୁଦ୍ଧା ଚିଟ୍‌ଫଣ୍ଡ କମ୍ପାନୀ ସମ୍ପର୍କିତ ମାମଲାର ତଦନ୍ତଭାର ସିବିଆଇ ଉପରେ ମଧ୍ୟ ରହିଛି। ଚିଟଫଣ୍ଡ କମ୍ପାନୀ ସମ୍ପତ୍ତି ନିଲାମ କରି ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ସିବିଆଇ ଜବତ କରିଥିବା କୋଲକାତା ଓୟାର ଇଣ୍ଡଷ୍ଟ୍ରିଜର ଯୁଗୋଳ ଛକରେ ଥିବା ଫ୍ୟାକ୍ଟ୍ରିକୁ ଆବଶ୍ୟକ ସୁରକ୍ଷା ଦିଆଯାଇ ନ ପାରିବାରୁ ଦୁର୍ବୃତ୍ତ ଝରକା, କବାଟ, ଲୁହା ଗ୍ରୀଲ, ଲୁହା ଫାଟକ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ଚାଲିଲେ। ଶେଷରେ ଘର ଇଟାକାନ୍ଥରୁ ଇଟା ମଧ୍ୟ ନେଲେ। ବର୍ତ୍ତମାନ ସେଠାରେ ଏକ ଭଙ୍ଗାଧାର ଓ ଭଙ୍ଗା ପାଚେରି ଆବଦ୍ଧ ଜମି ପଡ଼ିରହିଛି। ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କୋଟି କୋଟି ଟଙ୍କା ମୂଲ୍ୟର ଏହି ଜମିରୁ କିଛିବର୍ଷ ହେବ ମୋରମ ଓ ମାଟି ଉତ୍ତୋଳନ ପ୍ରକ୍ରିୟା ଚାଲୁରହିଛି। ଫଳରେ ଏହି ମୂଲ୍ୟବାନ ଜମି ଏବେ ଜଳାଶୟରେ ପରିଣତ ହେବାକୁ ଯାଉଛି। ଗୋଟିଏ ପଟେ ଚିଟ୍‌ଫଣ୍ଡ କମ୍ପାନୀ ସମ୍ପତ୍ତିକୁ ନିଲାମ କରି ଜମାକାରୀଙ୍କ ଟଙ୍କା ଫେରସ୍ତ କରିବା ନିଷ୍ପତ୍ତିରେ ଜମାକାରୀ ଏବେ ମଧ୍ୟ ଆଶାବାଦୀ ଥିବାବେଳେ ଅନ୍ୟପଟେ କୋଟିକୋଟି ଟଙ୍କାର ମୂଲ୍ୟବାନ ଜମି ଏବେ ଜଳାଶୟରେ ପରିଣତ ହେବା ଦ୍ୱାରା ଏହା ନଷ୍ଟ ହେବାକୁ ବସିଛି। ଫଳରେ ମୂଲ୍ୟବାନ ଜମି ନିଜର ମହତ୍ୱ ଓ ଗୁରୁତ୍ୱ ହରାଇବାକୁ ବସିଥିବାବେଳେ ନିଲାମ ସମୟରେ କୋଟି କୋଟି ଟଙ୍କାର ସମ୍ପତ୍ତି ଶାଗମାଛ ଦରରେ ବିକ୍ରିହେବା ଥୟ। ଏଭଳି କ୍ଷେତ୍ରରେ ଜମାକାରୀ ମଧ୍ୟ ନିଜର ଝାଳବୁହା ଟଙ୍କା କିଭଳି ଫେରିପାଇବେ, ସେନେଇ ମଧ୍ୟ ଆଶଙ୍କା ଦେଖାଦେଲାଣି। ତେବେ ପାଖାପାଖି ୧୨ ବର୍ଷ ହେବ ରାଜ୍ୟରେ ଚିଟଫଣ୍ଡ ସଂସ୍ଥା ଉପରେ ମାମଲା ଚାଲୁ ରହିଥିବାବେଳେ ଜବତ ସମ୍ପତ୍ତିକୁ ଆବଶ୍ୟକ ସୁରକ୍ଷା ଦିଆଯାଇ ପାରୁ ନ ଥିବାରୁ ଏହା ଏବେ ଲୁଟେରାଙ୍କ ଟାର୍ଗେଟରେ ରହିଛି।

ସକାଳ
THE SAKALA

# ସମ୍ପାଦକୀୟ



ତୁମେ ଅନ୍ତତଃ ଦୈନିକ ଥରେ ତୁମ ନିଜ ସହିତ କଥା ହେବାକୁ ଚେଷ୍ଟା କର, ଅନ୍ୟଥା ବିଶ୍ୱର ଜଣେ ବୁଦ୍ଧିମାନ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ହରାଇବ।
-ବିବେକାନନ୍ଦ

## ଗୁଜବର ଲାଭାର୍ଥୀ

ଉପଭୋକ୍ତା ସାମଗ୍ରୀର ଉତ୍ପାଦନ/ଯୋଗାଣ ସହିତ ଜଡ଼ିତ କୌଣସି ସ୍ଥିତି କିମ୍ବା ଗୁଜବ କେଉଁକି ବିକଳ୍ପ ବା ପ୍ରତିପକ୍ଷ କ୍ଷେତ୍ରକୁ ଲାଭାନ୍ୱିତ କରେ ଏବଂ ଉପଭୋକ୍ତା ହିଁ ଅଧିକରୁ ଅଧିକ ଶୋଷିତ ହୁଅନ୍ତି ତାହାର ଆଉ ଏକ ଉଦାହରଣ ଭାରତରେ ଦେଖିବାକୁ ମିଳିଛି। ମଧ୍ୟପ୍ରାଚ୍ୟ ବା ପଶ୍ଚିମ-ଏସିଆରେ ଯୁଦ୍ଧ ପରିସ୍ଥିତି ଓ ଅନିର୍ଦ୍ଦିଷ୍ଟ ଅସ୍ଥିରତା ଯୋଗୁଁ ସ୍ୱାଭାବିକ ଇନ୍ଧନ ଯୋଗାଣ ବିଶ୍ୱବ୍ୟାପୀ ଯେ ବ୍ୟାହତ ହୋଇଛି, ଏହା ଅସ୍ୱୀକାର କରିବାର ନାହିଁ। କିନ୍ତୁ ଭାରତରେ ଇନ୍ଧନ ସ୍ଥିତି ଯେ ସଙ୍କଟଜନକ ବା ଉଦ୍‌ବେଗଜନକ ସ୍ତରରେ ପହଞ୍ଚିସାରିଛି ତାହା ଏ ପର୍ଯ୍ୟନ୍ତ ସରକାରୀ ଭାବେ ସ୍ପଷ୍ଟ କରାଯାଇନାହିଁ। ଅଥଚ ଅନୌପଚାରିକ ଅନୁମାନ ଆଧାରରେ ଖୁବ୍‌ଶୀଘ୍ର ଭାରତ ଇନ୍ଧନଶୂନ୍ୟ ହେବାକୁ ଯାଉଛି ବୋଲି ଗୁଜବ ଟିଏ ସୃଷ୍ଟି ହୋଇଛି। ଏହି ଗୁଜବ ଆଉ କେଉଁ କ୍ଷେତ୍ରକୁ ପ୍ରଭାବିତ କରୁ ବା ନ କରୁ ସହଜ ରୋଷେଇ ଘରେ ପ୍ରତିଫଳିତ ହୋଇ ଶବ୍ଦଠାରୁ ମଧ୍ୟ ଅଧିକ ବେଗରେ କାନକୁ କାନ ଡେଇଁବାରେ ଲାଗିଛି ଯେ ଆଗକୁ ଆଉ ଚୁଲି ଜଳିବ ନାହିଁ କି ରୋଷେଇ ହୋଇପାରିବ ନାହିଁ। ବିଶେଷକରି କର୍ମିଷ୍ଠ ସହରୀ ବାସିନ୍ଦାଙ୍କ ଉପରେ ଏହି ଗୁଜବର ପ୍ରଭାବ ଅଧିକ ପଡ଼ିଥିବାରୁ ଏଲ୍‌ପିଜି ସିଲିଣ୍ଡରମାନ କିଣି ପକାଇ ସେମାନେ ଠୁଳ କରିବାରେ ଲାଗିଛନ୍ତି ଏବଂ ସାଧାରଣ ଦୁଇଚକିଆ ଗାଡ଼ିଚାଳକଟିଏ ବିପୁଳ ପରିମାଣର ପେଟ୍ରୋଲ୍/ଡିଜେଲ୍ କିଣି ଘରେ ମହଜୁଦ କରୁଥିବା ଦେଖାଯାଉଛି।

କେବଳ ଆମ ରାଜ୍ୟ କଥା ଦେଖାଯାଉ। ଗୁଜବରେ ମାତ୍ରାଧିକ ବିଶ୍ୱାସ କରୁଥିବା ଗୃହିଣୀମାନେ ରୋଷେଇ ଶୁଖାଇ ସାରିଲେଣି ଯେ ଯେତିକି ଗ୍ୟାସ୍ ରହିଛି ତାହା କେବଳ ଜରୁରୀକାଳୀନ ବ୍ୟବହାର ପାଇଁ ସଂରକ୍ଷିତ ରଖାଯିବ। ଏଣିକି ଅଧିକରୁ ଅଧିକ ବାହାର ବା ହୋଟେଲ୍ ଖାଦ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ। ଏହାର ଫାଇଦା ନେଇ ଏବେ କେତେକ ହୋଟେଲ୍ ଓ ଖାଦ୍ୟ ପ୍ରସ୍ତୁତକାରୀମାନେ ଦାମ୍ ବଢ଼ାଇସାରିଲେଣି। ସେମାନଙ୍କ ଯୁକ୍ତି ଯେ ଏବେ ପୂର୍ବାପେକ୍ଷା ଖାଦ୍ୟ ଚାହିଦା ବଢ଼ିଥିବା ବେଳେ ତଦନୁଯାୟୀ ଗ୍ୟାସ୍ ବ୍ୟବହାର ମଧ୍ୟ ବଢ଼ିଛି। ଅପରପକ୍ଷରେ ଏଲ୍‌ପିଜି ଯୋଗାଣ ସଙ୍କୁଚିତ ହୋଇଥିବାରୁ ଅଧିକ ଦାମ ଦେଇ କିଣିବାକୁ ପଡୁଛି। ତେଣୁ ବ୍ୟୟଭାର ଖାଉଟି ମୁଣ୍ଡାଇବାକୁ ବାଧ୍ୟ। ଏହି ଗୁଜବରୁ ଗ୍ୟାସ୍ ଯୋଗାଣକାରୀ ସଂସ୍ଥାମାନେ ମଧ୍ୟ ମାଲେମାଲ୍ ହୋଇସାରିଲେଣି। ଉତ୍ପାଦନ ଓ ପରିବହନ ଖର୍ଚ୍ଚ ସମାନ ଥାଇ ବିକ୍ରିୟ ଦର ବଢ଼ିଲେ ଦୈନିକ ଯେତିକି ଲାଭ ହେଉଛି ତାହା ପୂର୍ବସମୟର ପ୍ରାୟ ମାସକର ଲାଭ ସହିତ ସମାନ। ଏଲ୍‌ପିଜି ଯୋଗାଣକାରୀ ସଂସ୍ଥାଙ୍କ ଯୁକ୍ତି ଅନୁଯାୟୀ ଚାହିଦା ବଢ଼ିଥିବାରୁ ଅର୍ଥନୀତିର ମୌଳିକ ନିୟମ ଅନୁଯାୟୀ ଦାମ୍ ବଢ଼ିବା ସ୍ୱାଭାବିକ। ପୂର୍ବରୁ ଦେଶରେ ଦୈନିକ ୫୫.୭ ଲକ୍ଷ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ବୁକିଂ ହେଉଥିବା ବେଳେ ଖାଉଟିଙ୍କ ଅତିସକ୍ରିୟତା ବା ଓଭରସ୍ମାର୍ଟ ଚରିତ୍ର ଯୋଗୁଁ ତାହା ହଠାତ୍ ଦୈନିକ ୮୮.୮ ଲକ୍ଷକୁ ବୃଦ୍ଧି ପାଇଛି। ଏହାର ଭରପୂର ଲାଭ ଉଠାଇଛନ୍ତି ଗ୍ୟାସ୍ କମ୍ପାନୀମାନେ ଏବଂ ଅର୍ଥନୈତିକ ତତ୍ତ୍ୱର ଦୁହାଇ ଦେଇ ନିର୍ଦ୍ୱନ୍ଦ୍ୱରେ କଳାବଜାରୀ ସର୍ବସମ୍ମୁଖରେ ଚାଲିଛି। ଅଥଚ ସରକାର ଏଥିପ୍ରତି ଆଖିବୁଜି ଦେଇଛନ୍ତି।

ଖାଉଟି ଅତିକ୍ରିୟାର ଆଉ ଏକ ରୋଚକ ଉଦାହରଣ ଦେଖାଯାଉ। ସମ୍ଭାବ୍ୟ ଏଲ୍‌ପିଜି ଗ୍ୟାସର ଉତ୍କଟ ମରୁଡ଼ି ଯୋଗୁଁ ଗ୍ୟାସ୍ ଚୂଲାଗୁଡ଼ିକ ବେକାର ହୋଇଯିବାର ପୂର୍ବାନୁମାନ କରି ଉପଭୋକ୍ତାମାନେ ଇଣ୍ଡକ୍‌ସନ୍ କୁକର କିଣିବା ପାଇଁ ରୀତିମତ ପ୍ରତିଯୋଗିତା ଆରମ୍ଭ କରିଛନ୍ତି। ଫଳରେ ପୂର୍ବରୁ ମାସକୁ ଯେତିକି ଇଣ୍ଡକ୍‌ସନ୍ କୁକର ବିକ୍ରି ହେଉଥିଲା ଏବେ ଦୈନିକ ବିକ୍ରି ପରିମାଣ ତାହାର ୪ଶହ ଗୁଣା ଟପିଯାଇଛି। ଅନ୍‌ଲାଇନ୍ ବିକ୍ରେତାମାନଙ୍କ ହିସାବ ଅନୁଯାୟୀ ମଧ୍ୟପ୍ରାଚ୍ୟ ଯୁଦ୍ଧ ପୂର୍ବରୁ ମାସକୁ ଅତିବେଶୀରେ ୨ ହଜାର ପର୍ଯ୍ୟନ୍ତ ବିକ୍ରି ହେଉଥିବା ଇଣ୍ଡକ୍‌ସନ୍ କୁକରର ବିକ୍ରି ପରିମାଣ ଇନ୍ଧନ ଗୁଜବ ପରେ ଦୈନିକ ୨ ଲକ୍ଷ ଟପିଛି। ଏଥିସହିତ ରାଇସ୍ କୁକର, ଇ-ପ୍ରେସରକୁକର, ଇ-କ୍ୟାଟିଲ୍ ଆଦି ଆନୁଷଙ୍ଗିକ ଉପକରଣ ବିକ୍ରି ମଧ୍ୟ ତଦନୁପାତରେ ବଢ଼ିବାରେ ଲାଗିଛି। ଏଥିରୁ ସମ୍ପୃକ୍ତ ସଂସ୍ଥାମାନଙ୍କର ଲାଭ ପରିମାଣ ଏବଂ ସେ ବାବଦକୁ ସରକାରଙ୍କ ଜିଏସ୍‌ଟି ସଂଗ୍ରହ ପରିମାଣ କେତେ ହୋଇଥିବ ତାହା ଅନୁମେୟ। ଏହି ଗୁଜବ ଏବେ ଇଭି ବା ଇଲେକ୍ଟ୍ରୋନିକ୍ ଭେହିକିଲ୍ ବିକ୍ରି କ୍ଷେତ୍ରକୁ ବ୍ୟାପିବାରେ ଲାଗିଛି। ତେଣୁ ପ୍ରୋତ୍ସାହନ ଘୋଷଣା ସତ୍ତ୍ୱେ ଯେଉଁ ଲକ୍ଷ୍ୟକୁ ସରକାର ପୂରଣ କରିପାରୁ ନଥିଲେ ତାହାକୁ 'ଗୁଜବ' ସହଜ କରିଦେଇଛି। ଏଥିରୁ ସମ୍ପୃକ୍ତ କମ୍ପାନୀମାନେ ଯେଉଁ ଫାଇଦା ପାଇବେ ସେଥିରେ ସରକାରୀ ଦଳ ଯେ ଲାଭାନ୍ୱିତ ହେଉ ନଥିବ ସେ ନିଶ୍ଚିତତା କିଏ କରିବ? ତେଣୁ ବୋଧହୁଏ ସରକାର ନିଷ୍କ୍ରିୟ। ଗୁଜବକୁ ଦୃଢ଼ ଖଣ୍ଡନ ନ କରିବା ଅର୍ଥ ନିରବ ସମର୍ଥନ ସହିତ ସମାନ।

ସାମଗ୍ରିକ ଭାବେ ଏହି ପରିସ୍ଥିତି ପାଇଁ ଉପଭୋକ୍ତାମାନଙ୍କର ଅତିକ୍ରିୟା ହିଁ ଦାୟୀ। ଖାଉଟିମାନଙ୍କ ଏହି ସ୍ୱଳ୍ପମିଆଦୀ ଅତିଚାଲାକୀ ବା ଅତିଦୂରଦୃଷ୍ଟିକ୍ରିୟା(ଓଭରସ୍ମାର୍ଟ) ମାନସିକତା ଅର୍ଥନୀତିକୁ ମଧ୍ୟମିଆଦୀ କାଳରେ ବିପର୍ଯ୍ୟସ୍ତ କରିଦିଏ, ଯାହା ପ୍ରାକୃତିକ ବିପର୍ଯ୍ୟୟଜନିତ ଭିତ୍ତିଭୂମି ବିପର୍ଯ୍ୟୟଠାରୁ ଆହୁରି ଅଧିକ। କେତେଜଣ ପାଶ୍ଚାତ୍ୟ ଅର୍ଥନୀତିଜ୍ଞ ଏ ସମ୍ପର୍କରେ କରିଥିବା ଏକ ଅନୌପଚାରିକ ଗବେଷଣାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଉପଭୋକ୍ତାଙ୍କ ଏଭଳି ଅତିକ୍ରିୟା ବା ମାତ୍ରାଧିକ ସମ୍ବେଦନଶୀଳତା ଯୋଗୁଁ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍ୱାଭାବିକତାଠାରୁ ବିକ୍ରିବଟା ୪୦ ରୁ ୪୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଯାଏ। ସେହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଚାହିଦାର ଅପ୍ରତ୍ୟାଶିତ ବୃଦ୍ଧି ଅନୁପାତରେ ଉତ୍ପାଦନ ଓ ଯୋଗାଣ ପର୍ଯ୍ୟାପ୍ତ ହୋଇପାରୁ ନ ଥିବାରୁ ଖାଉଟି ବଜାରରେ ଦରଦାମ ହଠାତ୍ ବୃଦ୍ଧି ପାଏ। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ କଳାବଜାରୀ ପରିସ୍ଥିତି ସୃଷ୍ଟି କରନ୍ତି, ଯାହାର ପରାଭବ ସବୁଶ୍ରେଣୀର ଉପଭୋକ୍ତାଙ୍କୁ ସହିବାକୁ ପଡ଼େ।

ଖାଉଟିଙ୍କ ଏହି ଭୟାତୁର ଉପଭୋଗ ମାନସିକତା ପାଇଁ ଅନେକେ ଗଣମାଧ୍ୟମକୁ ଦାୟୀ କରୁଛନ୍ତି। ଏଥିପାଇଁ ଗଣମାଧ୍ୟମର କେତେକ ମଞ୍ଚ, ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ୍, ବିଶେଷକରି ସାମାଜିକ ଗଣମାଧ୍ୟମର ଦାୟିତ୍ୱହୀନତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଗଣମାଧ୍ୟମର ସମାଜ ପ୍ରତି ଉତ୍ତରଦାୟିତ୍ୱ ହେଲା ସମ୍ଭାବ୍ୟ ପରିସ୍ଥିତି ସମ୍ପର୍କରେ ଜନସମାଜକୁ ସଚେତନ ଓ ସତର୍କ କରିବା। ଅପରପକ୍ଷରେ ସରକାରଙ୍କର କର୍ତ୍ତବ୍ୟ ହେଲା ଗଣମାଧ୍ୟମର ଖବର ଆଧାରରେ ବାସ୍ତବ ସ୍ଥିତି ଆକଳନ କରି ତଦନୁଯାୟୀ ପଦକ୍ଷେପ ନେବା। ଏବେ ବଜାର ଦର ସମ୍ପର୍କରେ ଯେଉଁ ଖବରମାନ ଗଣମାଧ୍ୟମରେ ପ୍ରକାଶ ପାଉଛି ତାହା ଯେ ନିଶ୍ଚିତ ଭାବେ ଅତିରଞ୍ଜିତ ନୁହେଁ, ସରକାର ନିରେଖି ଦେଖିଲେ ଜାଣିପାରିବେ ଏବଂ ଦୃଢ଼ ଇଚ୍ଛାଶକ୍ତି ଓ ଆନ୍ତରିକତା ବଳରେ କଳାବଜାରୀ ଉପରେ ଲଗାମ କଷି ଖାଉଟି ବଜାର ଦରକୁ ନିୟନ୍ତ୍ରଣ କରିପାରିବେ।

# ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମାର୍ଗ

ଡ. ଉଷାରାଣୀ ଦାଶ

ମାନବ ସଭ୍ୟତାର ଯାତ୍ରାପଥରେ 'ଉନ୍ନତି' ଶବ୍ଦଟି କେବଳ ଧନ ସମ୍ପଦର ବୃଦ୍ଧି କିମ୍ବା ସହରୀକରଣ ବା ଚାକଚକ୍ୟର ପରିଚୟ ନୁହେଁ; ଏହା ମୂଳତଃ ଏକ ସମାଜର ସମଗ୍ର ସମୃଦ୍ଧି, ସମତା ଓ ମାନବୀୟ ମର୍ଯ୍ୟାଦାର ପ୍ରତିବିମ୍ବ। ଯେତେବେଳେ ଉନ୍ନତିର ଧାରା କେବଳ ସହରର ଚାକଚକ୍ୟ ଭିତରେ ସୀମିତ ରହିଯାଏ ଏବଂ ଗ୍ରାମୀଣ ଜୀବନ ବିକାଶହୀନତାର ଅନ୍ଧଗହ୍ୱରରୁ ବାହାରି ପାରେନାହିଁ, ସେତେବେଳେ ସେହି ଉନ୍ନତି ଅସମ୍ପୂର୍ଣ୍ଣ ଓ ଅସନ୍ତୁଳିତ ବୋଲି ମନେହୁଏ। କେବଳ ଧନ ବୃଦ୍ଧିର ଅର୍ଥ ଉନ୍ନତି ନୁହେଁ; ଲୋକଙ୍କ ଜୀବନ ମାନର ଉନ୍ନତି ହେଉଛି ପ୍ରକୃତ ଉନ୍ନତି। ତେଣୁ ସନ୍ତୁଳିତ ଅର୍ଥନୈତିକ ଉନ୍ନତି ଆଜିର ସମୟରେ ଏକ ଅତ୍ୟନ୍ତ ଆବଶ୍ୟକ ଲକ୍ଷ୍ୟ। ସମାନ ସୁଯୋଗ ଓ ସମାନ ସମ୍ପଦ ବଣ୍ଟନ ହିଁ ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମୂଳମନ୍ତ୍ର।

ଭାରତରେ ପ୍ରକୃତିର ବିବିଧ ରୂପ, ସଂସ୍କୃତିର ବିଭିନ୍ନ ସ୍ୱର ଏବଂ ଅର୍ଥନୀତିର ବିଭିନ୍ନ ଗତିପଥ ଏକାମ୍ ଭାବେ ଅବସ୍ଥିତ। କେଉଁଠି ଶିଳ୍ପୀକରଣର ଦ୍ରୁତ ଗତି, ଆଧୁନିକ ଢାଞ୍ଚାଗତ ବିକାଶ ଓ ବୈଷୟିକ ପ୍ରଗତି ଆର୍ଥିକ ସମୃଦ୍ଧିର ନୂତନ ଦିଗ ଉଦ୍‌ଘାଟନ କରୁଛି; ଆଉ କେଉଁଠି ଦାରିଦ୍ର୍ୟ, ବେକାରୀ ଓ ବିକାଶହୀନତାର ଛାୟା ଏପର୍ଯ୍ୟନ୍ତ ଜୀବନକୁ କବଳିତ କରି ରଖିଛି। ଓଡ଼ିଶା ପରିପ୍ରେକ୍ଷୀରେ ଏହି ଚିତ୍ର ଅଧିକ ପ୍ରଗାଢ଼ ଭାବେ ପ୍ରକାଶିତ। ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଏହି ଭୂମିରେ ଗୋଟିଏ ପଟେ ଶିଳ୍ପ ଓ ପରିକଳ୍ପିତ ସହରୀକରଣ ଦ୍ରୁତ ଗତିରେ ଚାଲିଥିବା ବେଳେ ଅନ୍ୟ ପଟେ ଅନେକ ଗ୍ରାମୀଣ ଓ ପାହାଡ଼ିଆ ଅଞ୍ଚଳ ଏପର୍ଯ୍ୟନ୍ତ ଉନ୍ନତିର ପ୍ରବାହରୁ ବଞ୍ଚିତ ରହିଛି। ଏହି ଅସମାନତା କେବଳ ଅର୍ଥନୈତିକ ବ୍ୟବସ୍ଥାକୁ ନୁହେଁ, ସାମାଜିକ ସନ୍ତୁଳନକୁ ମଧ୍ୟ ବିପର୍ଯ୍ୟସ୍ତ କରୁଛି। ତେଣୁ ଆଜିର ଆବଶ୍ୟକତା ହେଉଛି ଏମିତି ଏକ ଉନ୍ନତି ମଡେଲ୍, ଯାହା ଗ୍ରାମ ଓ ସହର, ଧନୀ ଓ ଗରିବ, ଉନ୍ନତ ଓ ପଛୁଆ ଅଞ୍ଚଳ ମଧ୍ୟରେ ଥିବା ଦୂରତାକୁ କମାଇ ଦେଶକୁ ସମତା ଓ ସମୃଦ୍ଧିର ପଥରେ ଆଗକୁ ନେଇଯିବ।

ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ଅର୍ଥ ଦେଶର ସମସ୍ତ ଅଞ୍ଚଳ, ସମସ୍ତ ବର୍ଗ ଓ ସମସ୍ତ କ୍ଷେତ୍ରରେ ସମାନ ଭାବରେ ଉନ୍ନତି ହେବା। ଯେତେବେଳେ ଗ୍ରାମ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଛୋଟ ଶିଳ୍ପ ସବୁ ଅଞ୍ଚଳରେ ସମାନ ଭାବରେ ଉନ୍ନତି କରେ, ସେତେବେଳେ ଦେଶର ସମଗ୍ର ଆର୍ଥିକ ପ୍ରଗତି ସମ୍ଭବ ହୁଏ। ତେଣୁ ସନ୍ତୁଳିତ ଉନ୍ନତି ହେଉଛି ଏମିତି ଏକ ପଥ, ଯେଉଁଠାରେ ପ୍ରଗତି ସହ ସମାନତା ଓ ସାମାଜିକ ନ୍ୟାୟ ହାତ ଧରି ଅଗ୍ରସର ହୁଅନ୍ତି। ସନ୍ତୁଳିତ ଅର୍ଥନୈତିକ ଉନ୍ନତି ହେଉଛି ସମାଜରେ ସମତା ଓ ସମୃଦ୍ଧିର ସେତୁ। ଏହାକୁ ହାସଲ କରିବା ପାଇଁ କୃଷି ଓ ଗ୍ରାମୀଣ ଅର୍ଥନୀତିର ସଶକ୍ତୀକରଣ ସର୍ବାଦୌ ଆବଶ୍ୟକ। ଆଧୁନିକ ଓ ବହୁବିଧ କୃଷି ପ୍ରଣାଳୀ, ଜଳସେଚନ ବ୍ୟବସ୍ଥାର ବିସ୍ତାର, ଉତ୍ତମ ଉତ୍ପାଦନଶୀଳ ବୀଜ, ଯାନ୍ତ୍ରିକ କୃଷି ଓ ଡିଜିଟାଲ ତଥ୍ୟ ବ୍ୟବସ୍ଥାର ପ୍ରଚାର ଓ କୃଷକଙ୍କ ପାଇଁ ଆର୍ଥିକ ସହାୟତା ଯୋଗାଇବା ସହିତ କୃଷକଙ୍କୁ ତାଙ୍କ ଉତ୍ପାଦନ ପାଇଁ ଯଥୋଚିତ ମୂଲ୍ୟ ମିଳିବା ଓ କୃଷି ଉତ୍ପାଦର ସଂରକ୍ଷଣ ଓ ବଜାର ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଆବଶ୍ୟକ। ଧାନ ସହିତ ସବୁଜ ପନିପରିବା, ଫଳ, ମସଲା, ଫୁଲଚାଷକୁ ପ୍ରୋତ୍ସାହନ ଦେବା ସହିତ ମାଛ ଚାଷ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନକୁ ମଧ୍ୟ ଗ୍ରାମୀଣ ଅର୍ଥନୀତିର ମୁଖ୍ୟ ଅଂଶ ଭାବେ ଗଢ଼ି ତୋଳିବା ଉଚିତ।

ଏଥିସହିତ ଗ୍ରାମର ଉନ୍ନତିକୁ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶର ଅନେକ ଗ୍ରାମ ଏପର୍ଯ୍ୟନ୍ତ ମୂଳ ଢାଞ୍ଚାଗତ ସୁବିଧାରୁ ବଞ୍ଚିତ। ଭଲ ସଡ଼କ, ରେଳପଥ, ବନ୍ଦର, ବିମାନବନ୍ଦର, ପାନୀୟ ଜଳ, ବିଦ୍ୟୁତ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଇଣ୍ଟରନେଟ ସୁବିଧା ଯଦି ଗ୍ରାମ ଅଞ୍ଚଳରେ ଉପଲବ୍ଧ ହୁଏ, ତେବେ ସେଠାରେ ଆର୍ଥିକ କାର୍ଯ୍ୟକଳାପ ବଢ଼ିବ, ନିବେଶକମାନେ ସହଜରେ ଶିଳ୍ପ ସ୍ଥାପନ କରିପାରିବେ ଏବଂ ଲୋକମାନେ ସହରକୁ ପ୍ରବାସ କରିବାର ଆବଶ୍ୟକତା କମିଯିବ। ଗ୍ରାମର ଉନ୍ନତି ବିନା ଦେଶର ସମଗ୍ର ଉନ୍ନତି ସମ୍ଭବ ନୁହେଁ ହୃଦୟଙ୍ଗମ କରି ମହାତ୍ମାଗାନ୍ଧୀ କହିଥିଲେ, 'ଭାରତର ଆତ୍ମା ତାହାର ଗ୍ରାମମାନଙ୍କ ମଧ୍ୟରେ ରହିଛି।' ବାସ୍ତବିକ ଉନ୍ନତି ଯଦି କେବଳ ସହରରେ ସୀମିତ ରହେ, ତେବେ ଦେଶ ଅବିକଶିତ ହୋଇ ଦୀର୍ଘକାଳ ପର୍ଯ୍ୟନ୍ତ ରହିଯିବ।

ଦେଶର ବଡ଼ ସହରରେ କେନ୍ଦ୍ରୀଭୂତ ନ ହୋଇ ଭିନ୍ନ ଭିନ୍ନ ଅଞ୍ଚଳରେ ବଡ଼ ଶିଳ୍ପ ସହିତ ଛୋଟ ଓ ମଧ୍ୟମ ଶିଳ୍ପଗୁଡ଼ିକ ଗଢ଼ିଉଠିବା ଆବଶ୍ୟକ, ଯାହା ଚାକିରି ସୁଯୋଗ ସୃଷ୍ଟି କରିବା ସହ ଆୟବୃଦ୍ଧିରେ ସହାୟକ ହେବ। ମାନୁଫାକ୍‌ଚରିଂ, ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ, ରସାୟନ, ଆଇଟି, ନବୀକରଣ ଶକ୍ତି ଓ ଇଲେକ୍ଟ୍ରୋନିକ୍ସ ଭଳି ନୂତନ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଦରକାର। ଏହାସହିତ ଖଣିଜ ସମ୍ପଦକୁ କେବଳ ରପ୍ତାନୀ ନ କରି ଏହାର ମୂଲ୍ୟ ବୃଦ୍ଧି କରି ରାଜ୍ୟରେ ନିର୍ମାଣ କରାଯିବା ଦରକାର। ମାଛ ଚାଷ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ସହିତ ହସ୍ତତନ୍ତ, ହସ୍ତଶିଳ୍ପ, ଡୋକ୍ରା କଳା, ପଥର କାମ, ପଟ୍ଟଚିତ୍ର ଓ ଆପ୍ଲିକ୍ କାମ ଭଳି ଶିଳ୍ପକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ସହ ଯୋଡ଼ାଯିବା ଉଚିତ। ଶିକ୍ଷା ଓ ସ୍ୱାସ୍ଥ୍ୟ ମଧ୍ୟ ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମୂଳ ଆଧାର। ଗ୍ରାମ ଓ ପଛୁଆ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଆହୁରି ଶକ୍ତିଶାଳୀ କରିବା ଆବଶ୍ୟକ। ଆଇଟି, ମେକାନିକାଲ, ଇଲେକ୍ଟ୍ରୋନିକ୍ସ, ଡିଜିଟାଲ ଟେକ୍ନୋଲୋଜି ଓ ଷ୍ଟାର୍ଟଅପ୍ ଆଦି ନୂତନ ବୈଷୟିକ ଓ ବୃତ୍ତିମୂଳକ କୌଶଳରେ ପ୍ରଶିକ୍ଷଣ ଦିଆଗଲେ ପ୍ରଶିକ୍ଷାର୍ଥୀ ଆତ୍ମନିର୍ଭରଶୀଳ ହୋଇପାରିବେ। ଗ୍ରାମ ଓ ପଛୁଆ ଅଞ୍ଚଳରେ ବୈଷୟିକ କଲେଜ, ପଲିଟେକ୍‌ନିକ୍ ଭଳି ଶିକ୍ଷା ସଂସ୍ଥା ଓ କୌଶଳ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ଆବଶ୍ୟକ।

ଭାରତରେ ଅଞ୍ଚଳୀୟ ବିଷମତା ମଧ୍ୟ ଏକ ବଡ଼ ସମସ୍ୟା। କିଛି ରାଜ୍ୟ ଯଥା ମହାରାଷ୍ଟ୍ର, ଗୁଜୁରାଟ, କର୍ଣ୍ଣାଟକ ଓ ତାମିଲନାଡୁ ଆର୍ଥିକ ଭାବରେ ଅଧିକ ଉନ୍ନତ, ଯେତେବେଳେ କିଛି ରାଜ୍ୟ ଏପର୍ଯ୍ୟନ୍ତ ପଛୁଆ ଅଛନ୍ତି। ସେହିପରି ଓଡ଼ିଶାର କିଛି ଜିଲ୍ଲା ଯଥା କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ ଓ ନବରଙ୍ଗପୁର ଆର୍ଥିକ ଭାବରେ ଅଧିକ ପଛୁଆ। ଏହି ବିଷମତା କମାଇବା ପାଇଁ ଏହି ଅଞ୍ଚଳଗୁଡ଼ିକରେ ଅଧିକ ନିବେଶ, ଶିଳ୍ପ ସ୍ଥାପନ ଓ ଢାଞ୍ଚାଗତ ବିକାଶ ମାଧ୍ୟମରେ ସମାନ ଉନ୍ନତି ସୁନିଶ୍ଚିତ କରିବା ଆବଶ୍ୟକ। ପରିବେଶ ସୁରକ୍ଷା ମଧ୍ୟ ଆର୍ଥିକ ଉନ୍ନତି ସହ ଜଡ଼ିତ। ଖଣିଜ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ବିକାଶ କରିବା ଏବଂ ପୁନର୍ବାସନକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଗଛ ଲଗାଇବା ଓ ପ୍ରାକୃତିକ ସମ୍ପଦର ସଠିକ ବ୍ୟବହାର ମାଧ୍ୟମରେ ସୁସ୍ଥାୟୀ ଓ ପରିବେଶ-ମିତ୍ର ଉନ୍ନତିକୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ପର୍ଯ୍ୟଟନ ଶିଳ୍ପର ବିକାଶ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଏହି କ୍ଷେତ୍ରରେ ଯଥେଷ୍ଟ ପ୍ରଚାର ଓ ଢାଞ୍ଚାଗତ ସୁବିଧାର ଆବଶ୍ୟକତା ରହିଛି, ଯାହାଦ୍ୱାରା ହୋଟେଲ, ପରିବହନ, ପର୍ଯ୍ୟଟନ ସେବା ଓ ସାଂସ୍କୃତିକ ଉତ୍ସବ ମାଧ୍ୟମରେ ଏହି ଅଞ୍ଚଳର ବିକାଶ ହୋଇପାରିବ।

ଡ ବି.ଆର୍. ଆମ୍ବେଦକର କହିଥିଲେ, 'ସମାଜର ଉନ୍ନତିକୁ ମାପିବାର ସର୍ବୋତ୍ତମ ମାନଦଣ୍ଡ ହେଉଛି ତାହାର ଦୁର୍ବଳ ଓ ପଛୁଆ ଲୋକମାନଙ୍କର ଅବସ୍ଥା।' ସମାଜର ଦୁର୍ବଳ ବର୍ଗ ଯଥା ଗରିବ, ମହିଳା, ଅନୁସୂଚିତ ଜାତି ଓ ଜନଜାତି ଓ ପଛୁଆ ବର୍ଗଙ୍କ ଉନ୍ନତି ମଧ୍ୟ ସନ୍ତୁଳିତ ଆର୍ଥିକ ଉନ୍ନତିର ଅଂଶ। ଏହି ବର୍ଗର ଲୋକମାନଙ୍କୁ ଶିକ୍ଷା, ଚାକିରି ଓ ଆର୍ଥିକ ସହାୟତା ପ୍ରଦାନ ସହିତ ସ୍ୱୟଂସହାୟକ ଗୋଷ୍ଠୀ, ମହିଳା ଉଦ୍ୟୋଗିତା ଓ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହନ ଦେଇ ସେମାନଙ୍କୁ ଆତ୍ମନିର୍ଭର କରାଯାଇପାରିବ। ସନ୍ତୁଳିତ ଅର୍ଥନୈତିକ ଉନ୍ନତି କେବଳ ଏକ ଆର୍ଥିକ ନୀତି ନୁହେଁ; ଏହା ଏକ ସାମାଜିକ ଦାୟିତ୍ୱ ଓ ନୈତିକ ଆବଶ୍ୟକତା। ଯେତେବେଳେ ଉନ୍ନତିର ଫଳ ସମାଜର ସବୁଠୁ ଦୁର୍ବଳ ମଣିଷ ପର୍ଯ୍ୟନ୍ତ ପହଞ୍ଚେ, ସେତେବେଳେ ଦେଶର ପ୍ରକୃତ ପ୍ରଗତି ଘଟେ। ଗ୍ରାମର ଉନ୍ନତି, କୃଷିର ପୁନରୁତ୍ଥାନ, ଶିଳ୍ପର ବିବିଧତା, ଶିକ୍ଷା ଓ ସ୍ୱାସ୍ଥ୍ୟର ସୁଦୃଢ଼ତା, ଢାଞ୍ଚାଗତ ବିକାଶର ସମନ୍ୱୟ ଓ ପରିବେଶ ସୁରକ୍ଷା ଆଦି ସମସ୍ତ ଦିଗରେ ସମନ୍ୱିତ ପ୍ରୟାସ ହେଉଛି ସନ୍ତୁଳିତ ଅର୍ଥନୈତିକ ଉନ୍ନତିର ମୂଳ ଆଧାର। ଯଦି ଏହାକୁ ଦୃଢ଼ ଇଚ୍ଛାଶକ୍ତି, ଦୂରଦର୍ଶୀ ନୀତି ଓ ସାମୂହିକ ସହଯୋଗ ସହିତ ଆଗକୁ ବଢ଼ାଯାଏ, ତେବେ ଉନ୍ନତିର ଏହି ଯାତ୍ରା କେବଳ ଆର୍ଥିକ ସମୃଦ୍ଧିକୁ ନୁହେଁ, ସାମାଜିକ ସମତାକୁ ମଧ୍ୟ ସୁଦୃଢ଼ କରିପାରିବ। ଭାରତରେ ସରକାରୀ ନୀତି, ବେସରକାରୀ ନିବେଶ ଓ ସାଧାରଣ ଲୋକଙ୍କ ସଚେତନତା ମିଳିତ ଭାବରେ କାମ କଲେ ଏହି ଲକ୍ଷ୍ୟ ସାଧନ ହୋଇପାରିବ। ଉନ୍ନତିର ଆଲୋକ ଯେତେବେଳେ ଦେଶର ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ସହର ଓ ପ୍ରତ୍ୟେକ ଜୀବନକୁ ଛୁଇଁଯିବ, ସେତେବେଳେ ଭାରତର ସମୃଦ୍ଧିର ସ୍ୱପ୍ନ ବାସ୍ତବ ରୂପ ନେବ। ●

ଏମ୍‌ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

# ଅଭିନବ ବର୍ଷାଜଳ ପରିଚାଳନା

ବିଦ୍ୟାଧର ମହାରଣା

ଯେଉଁସବୁ କୌଶଳ ଅବଲମ୍ବନ କରି ବର୍ଷାଜଳ ସଂରକ୍ଷଣ କରାଯାଏ ତାହା ଅପର୍ଯ୍ୟାପ୍ତ ମନେହୁଏ। ବାସ୍ତବରେ ଗରିବ ଚାଷୀଙ୍କ ହେପାଜତରେ ଥିବା ଅଣଜଳସେଚିତ ଢିପଜମି ଏଥିରୁ ବିଶେଷ ଲାଭ ପାଏନାହିଁ। ସାଧାରଣତଃ ବର୍ଷାଜଳ ସଂରକ୍ଷଣ ପାଇଁ ସ୍ୱସ୍ଥାନ (ଇନସିଟୁ) ଓ ବାହ୍ୟସ୍ଥାନ (ଏକ୍ସ ସିଟୁ) ପ୍ରଣାଳୀ ଅନୁସରଣ କରାଯାଏ, ଯାହାଦ୍ୱାରା ଭୂତଳ ଜଳପତ୍ତନ ବୃଦ୍ଧିପାଏ। ଏହାସତ୍ତ୍ୱେ ଏହା ସର୍ବଦା ମରୁଡ଼ି ମୁକାବିଲା କରିବା ଏବଂ ଦୁଇଟି ଫସଲ ପାଇଁ ଅସମର୍ଥ ପ୍ରମାଣିତ ହେଲାଣି। ଜଳଅମଳ ପ୍ରକଳ୍ପର ଗଚ୍ଛିତ ସାମର୍ଥ୍ୟ, ପୁନଃଭରଣ ସାମର୍ଥ୍ୟ, ବାଷ୍ପୀଭବନ ପରିମାଣ ଓ ଉପମୃତ୍ତିକାରେ ଜଳପ୍ରବାହ ବିଷୟ ବିଚାରକୁ ନନେଇ କେବଳ ବର୍ଷାଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା ବିଶେଷ ଫଳପ୍ରଦ ହୁଏନାହିଁ। ସୁତରାଂ ବୃଷ୍ଟିପୁଷ୍ଟ ଜମିରେ ବର୍ଷା ଦିନରେ ମାଟିମଧ୍ୟରେ ଅଧିକ ପରିମାଣରେ ବର୍ଷାଜଳ ସଂରକ୍ଷଣ କରି ଦୁଇଟି ଫସଲଚାଷ କରିବା ପାଇଁ ଅନ୍ୟ ଏକ ଫଳପ୍ରଦ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ଅନୁଭୂତ ହେଲା। ଅଧିକ ବ୍ୟୟସାପେକ୍ଷ ଜଳଅମଳ ପ୍ରକଳ୍ପ ଓ ଫାର୍ମ ପୋଖରୀ ନିର୍ମାଣ ଅପେକ୍ଷା ସ୍ୱଳ୍ପ ବ୍ୟୟରେ ଓ ସରଳ ଉପାୟରେ ବର୍ଷାଜଳ ମାଟିମଧ୍ୟରେ ଅଧିକଦିନ ସଞ୍ଚିତ କରି ରଖିବାକୁ କୃଷି ଇଞ୍ଜିନିୟରମାନେ କେତେକ ନୂତନ କୌଶଳ ବାହାର କରି ସଫଳତାର ସହ କ୍ଷେତ୍ରରେ ପ୍ରଦର୍ଶନ କରିଛନ୍ତି।

ଯେତିକି ଜଳ ମାଟିମଧ୍ୟକୁ ପ୍ରବେଶକରେ ତାହା ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଉପମୃତ୍ତିକା ଦେଇ ଭୂତଳଜଳ ସହ ମିଶେ। ଏହି ଜଳରୁ କିଛି କୈଶିକ ନଳୀ ଦେଇ ଉପରକୁ ଉଠେ ଓ ଉଦ୍ଭିଦକୁ ଉପଲବ୍ଧ ହୁଏ। ଏହି ତଥ୍ୟକୁ ଆଧାର କରି ଏକ ନୂତନ ବୈଜ୍ଞାନିକ କୌଶଳ ବାହାର କରାଯାଇଛି। ଭୂମି ଉପରେ ବର୍ଷା ପାଣି ପଡ଼ିଲେ ସେଥିରୁ ୪୦% ଭୂପୃଷ୍ଠ ଉପରେ ଅପବାହ ହୋଇ ୮% ଭୂତଳ ରାସ୍ତାରେ ବହିଯାଏ। ସେହିପରି ବାଷ୍ପୀଭବନରେ ପ୍ରାୟ ୩୭ ପ୍ରତିଶତ ଏବଂ ପ୍ରାକୃତିକ ଓ ମାନବୀୟ କ୍ରିୟା ହିସାବରେ ମାତ୍ର ୨୩ ପ୍ରତିଶତ ମାଟିରେ ସଞ୍ଚିତ ହୋଇ ଫସଲ ପାଇଁ ବ୍ୟବହୃତ ହୁଏ। ଭୂପୃଷ୍ଠ ପ୍ରବାହ ସେକେଣ୍ଡ ପ୍ରତି ୦.୬ ମିଟର ହେଲା ବେଳେ ଭୂତଳ ଗତି ଘଣ୍ଟାପ୍ରତି ମାତ୍ର ୭୫ ମିଲିମିଟର। ବର୍ଷାପାଣି ବହିଯିବା ଆଗରୁ ଯେତେଦୂର ସମ୍ଭବ ଏହାକୁ ଅଟକାଇବା ଦ୍ୱାରା ମାଟିମଧ୍ୟକୁ ଅଧିକ ଜଳ ଅନ୍ତଃକ୍ଷରଣ ହୋଇ ସଞ୍ଚିତ ହେବ। ଯଦି କୌଣସି ଉପାୟରେ ବର୍ଷାଜଳକୁ ବହିବାକୁ ନଦେଇ ଧୀରେଧୀରେ ମାଟିମଧ୍ୟକୁ ପ୍ରବେଶ କରାଯାଏ ତାହାହେଲେ ଏହା ମୃତ୍ତିକା ମଧ୍ୟରେ ଥିବା ବୃହତ୍ ଓ କ୍ଷୁଦ୍ର ଛିଦ୍ର ମଧ୍ୟରେ ବହୁଦିନ ପର୍ଯ୍ୟନ୍ତ ସଞ୍ଚିତ ହୋଇ ରହିପାରିବ। ସାଧାରଣତଃ ଅପବାହ ବା ରନ୍‌ଅଫ ସମୟ ୩୦ ମିନିଟ୍ ଏବଂ ଏହି ସ୍ୱଳ୍ପ ସମୟ ମଧ୍ୟରେ ଏହାକୁ ଅନ୍ତଃକ୍ଷରଣ ଦ୍ୱାରା ମାଟିମଧ୍ୟକୁ ପ୍ରବେଶ କରିବା ସମ୍ଭବ ନୁହେଁ, କାରଣ ଅନ୍ତଃକ୍ଷରଣ ବେଗ ଘଣ୍ଟାକୁ ମାତ୍ର ୭୫ ମିଲିମିଟର। ଏଣୁ ଗ୍ରାମରେ ୫୦ ପ୍ରତିଶତ ବର୍ଷା ବା ୭୫୦ ମିଲିମିଟର ମାଟି ମଧ୍ୟକୁ ପ୍ରବେଶ କରାଇବା ତେବେ ଅନ୍ୟୂନ ୧୦ ଘଣ୍ଟା ସମୟ ଆବଶ୍ୟକ। କୌଣସି ଯାନ୍ତ୍ରିକ ଉପାୟରେ ଆମେ ଯଦି ବର୍ଷାଜଳ ଅପବାହ ସମୟକୁ ୧୦ ଘଣ୍ଟାକୁ ବୃଦ୍ଧି କରିପାରିବା ତେବେ ୭୫୦ ମିଲିମିଟର ବର୍ଷାଜଳ ଅନ୍ତଃକ୍ଷରିତ ବା ଇନଫିଲଟ୍ରେସନ ହୋଇ ମାଟିର ଛିଦ୍ରଗୁଡ଼ିକରେ ସଞ୍ଚିତ ହୋଇ ରହିପାରିବ। ଅଣୁ ଛିଦ୍ରଗୁଡ଼ିକରେ ଯେଉଁ ଜଳ ରହେ ତାହା ସହଜରେ ବାହାରି ଯାଏନାହିଁ। କେବଳ ଉଦ୍ଭିଦ ଚେର ଏହାକୁ ଗ୍ରହଣ କରିବାରେ ସକ୍ଷମ। ବୃହତ୍ ଛିଦ୍ରରେ ରହିବା ଜଳ ସମାନ୍ତରାଳ ଭାବରେ କିମ୍ବା ମାଧ୍ୟାକର୍ଷଣ ଶକ୍ତି ପ୍ରଭାବରେ ନିମ୍ନକୁ ଗତିକରି ଉପମୃତ୍ତିକାରେ ରହେ। ଏହା ଭୂତଳ ଜଳପତ୍ତନ ବୃଦ୍ଧିକରେ ଯାହାକୁ ପମ୍ପ ସାହାଯ୍ୟରେ ଉତ୍ତୋଳନ କରି ଜଳସେଚନ ପାଇଁ ବ୍ୟବହାର କରାଯାଇଥାଏ। ଯେହେତୁ ଉପମୃତ୍ତିକା ଜଳ ଘଣ୍ଟାକୁ ୭୫ ମିଲିମିଟର ଗତିରେ ପ୍ରବାହ କରେ ଗୋଟିଏ ଗ୍ରାମର ଜଳ ଏକ କିଲୋମିଟର ଦୂରରେ ଥିବା ଅନ୍ୟ ଗ୍ରାମକୁ ଯିବାପାଇଁ ୫୫୬ ଦିନ ସମୟ ଆବଶ୍ୟକ। ଏତେବେଳକୁ ପୁଣି ବର୍ଷା ଆସି ସାରିଥିବ। ଏଣୁ ଗ୍ରାମରେ ବର୍ଷରେ ଦୁଇଟି ଫସଲ ସୁବିଧାରେ ଅମଳ ହୋଇପାରିବ।

ତାହାହେଲେ ଅସଲ ଚାବିକାଠି ହେଉଛି ବର୍ଷାଜଳ ଅପବାହ ସମୟକୁ ବୃଦ୍ଧି କରିବା। ଉପର ମୁଣ୍ଡରୁ ଯେଉଁ ପାଣି ତଳକୁ ଗଡ଼ି ଆସେ ତାକୁ ପ୍ରଥମରେ ଅଟକାଇବା ପାଇଁ ଏକ ଦୃଢ଼ ମାଟିବନ୍ଧ ଗଡ଼ାଣିର ବିପରୀତ ଦିଗରେ ନିର୍ମାଣ କରାଯାଏ। ଜଳର ପ୍ରବାହ ଗତିକୁ ମନ୍ଥର କରିବା ପାଇଁ କିଆରୀ ଚାରିପାଖରେ ହୁଡ଼ା ଦେଇ କୋଣରେ ଗୋଟିଏ ଶୋଷଣ ଖାଲ ବା ସୋକ୍ ପିଟ୍ ଖୋଳାଯାଏ। ଏହା ଫଳରେ ବର୍ଷାଜଳ ଧୀରେଧୀରେ ବହୁତ ସମୟ କିଆରୀ ମଧ୍ୟରେ ପ୍ରବାହିତ ହେବା ଯୋଗୁଁ ଅଧିକାଂଶ ଜଳ ମାଟି ମଧ୍ୟକୁ ପ୍ରବେଶ କରି ସବୁଛିଦ୍ର ମଧ୍ୟରେ ଓ ଉପ ମୃତ୍ତିକା ମଧ୍ୟରେ ସଂରକ୍ଷିତ ହୋଇ ବହୁଦିନ ରହେ। ଚାଷୀମାନେ ଗ୍ରାମ ମଧ୍ୟରେ ଦିଗ-ପରିବର୍ତ୍ତନ ହୁଡ଼ା ବା ଡାଇଭର୍ସନ ବଣ୍ଡ ଓ ଜମିରେ ହୁଡ଼ା ପକାଇବା ଦ୍ୱାରା ଠିଆପାଣି ବ୍ୟବହାର କରିବା ସହିତ ମାଟି ମଧ୍ୟକୁ ଅନ୍ତଃକ୍ଷରଣ ପରିମାଣ ବୃଦ୍ଧି ହୋଇଥାଏ। ଜମି ଚାରିପାଖରେ ହୁଡ଼ା ନିର୍ମାଣ ସହିତ ଗୋଟିଏ କୋଣରେ ସୋକପିଟ୍ ନିର୍ମାଣ କଲେ ୨୪ ଘଣ୍ଟାର ବର୍ଷାଜଳ କିଆରୀରେ ଠିଆ ହୋଇ ଧୀରେଧୀରେ ମାଟି ମଧ୍ୟକୁ ଅନ୍ତଃକ୍ଷରଣ ହୋଇ ରହିପାରିବ। ଏହି ଜଳ ସିଧାସଳଖ ବାଷ୍ପୀଭୂତ ହେବନାହିଁ। ଏଣୁ ଏହାକୁ ଦୁଇଟି ଫସଲ ପାଇଁ ବ୍ୟବହାର କରିହେବ। ବିଭିନ୍ନ ପରୀକ୍ଷଣରୁ ଜଣାପଡ଼ିଛି ଯେ ଉପରୋକ୍ତ ଉପାୟରେ ଅନ୍ୟୂନ ତିନିବର୍ଷର ବର୍ଷାଜଳ ମାଟିମଧ୍ୟରେ ରହିପାରିବ, ଯାହାକୁ ଆମେ ଫସଲ ପାଇଁ ବ୍ୟବହାର କରିପାରିବା। ଏହା ଅତ୍ୟନ୍ତ ସରଳ ଓ କମ୍ ଖର୍ଚ୍ଚରେ କେତେକ ମାଟିବନ୍ଧ ନିର୍ମାଣ କରି ଆମେ ଗାଁ ପାଣି ଗାଁ ରେ ଓ ଜମି ପାଣି ଜମିରେ ରଖିପରିବା। ଗ୍ରାମରେ ନଦୀ, ନାଳ, ପୋଖରୀ ଓ କୂଅରୁ ଜଳ ମିଳୁଥିଲେ ମଧ୍ୟ ମୂଳ ଉତ୍ସ ହେଉଛି ବର୍ଷା। ଏଣୁ ବର୍ଷା ଜଳ ଯେତେ ଅଧିକ ସଂରକ୍ଷଣ କରାଯିବ ସେତେ ଭଲ ଫସଲ ହେବ। ଏପରି କୌଶଳ ସମ୍ବନ୍ଧୀୟ ପ୍ରଶିକ୍ଷଣ କୃଷକମାନଙ୍କୁ ଦିଆଯିବା ଆବଶ୍ୟକ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ସହିତ ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟୟ ବରାଦ କରିବା ଆବଶ୍ୟକ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଷଡ଼୍‌ଭୁଜ ଗୌରାଙ୍ଗ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଶ୍ରୀଚୈତନ୍ୟ ଅନୁଗାମୀମାନଙ୍କ ସହ ଶ୍ରୀକ୍ଷେତ୍ର ପାଖାପାଖି ପହଞ୍ଚିବା ପରେ ନୀଳଚକ୍ର ଦର୍ଶନ କରି ତାଙ୍କ ଶରୀରରେ ଅପୂର୍ବ ଦିବ୍ୟ ଶିହରଣ ସୃଷ୍ଟି ହେଲା। ଅଠରନଳା ପାଖରୁ ସେ ଅନ୍ୟମାନଙ୍କୁ ଛାଡ଼ି ଦେଇ ଶ୍ରୀମନ୍ଦିର ଅଭିମୁଖେ ଦୌଡ଼ିଲେ। ସିଂହଦ୍ୱାର ବାଟଦେଇ ମନ୍ଦିରରେ ପ୍ରବେଶ କଲେ ଏବଂ ସାହାଣମେଲା ଚାଲିଥିବାରୁ କଳାହାଟ ଦ୍ୱାର ପାଖରେ ପହଞ୍ଚିଗଲେ। ମହାପ୍ରଭୁଙ୍କ ଶ୍ରୀମୁଖ ଦର୍ଶନ କରିବା ମାତ୍ରେ ସେ ତଲ୍ଲୀନ ହୋଇ ଠାକୁରଙ୍କୁ ଆଲିଙ୍ଗନ କରିବା ଉଦ୍ଦେଶ୍ୟରେ ରତ୍ନବେଦୀ ଆଡ଼କୁ ଲମ୍ଫ ପ୍ରଦାନ କଲେ ଏବଂ ଗର୍ଭଗୃହରେ ଚେତାଶୂନ୍ୟ ହୋଇ ପଡ଼ିଗଲେ। ସେତେବେଳେ ସେଠାରେ ବିଶିଷ୍ଟ ବେଦ ବିଶାରଦ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ସେ ଚେତାଶୂନ୍ୟ ସୌମ୍ୟ ଦର୍ଶନ ଯୁବକ ଶରୀରରେ ଅନେକ ଦୁର୍ଲଭ ଦିବ୍ୟଲକ୍ଷଣ ଦେଖି ତାଙ୍କୁ ଶିଷ୍ୟମାନଙ୍କ ସାହାଯ୍ୟରେ ନିଜ ଘରକୁ ନେଇଗଲେ।

ପଣ୍ଡିତ ବାସୁଦେବ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଥିଲେ ବଙ୍ଗପ୍ରଦେଶର ନଦିୟାର ମୂଳବାସିନ୍ଦା। ବେଦାନ୍ତ ନ୍ୟାୟ ଦର୍ଶନରେ ତାଙ୍କର ପ୍ରଗାଢ଼ ଜ୍ଞାନ ଥିଲା। ଗଜପତି ପ୍ରତାପରୁଦ୍ର ଦେବ ଭଟ୍ଟାଚାର୍ଯ୍ୟଙ୍କ ପାଣ୍ଡିତ୍ୟର ପରିଚୟ ପାଇ ତାଙ୍କୁ ପୁରୀ ନେଇ ଆସିଥିଲେ। ସେ ପୁରୀରେ ଶିକ୍ଷାଦାନ କରିବା ସହିତ ମନ୍ଦିରରେ ଠାକୁରଙ୍କ ପୂଜାର ବୈଦିକ ରୀତି ଆଧାର ତଦାରଖ କରୁଥିଲେ। ନଦିଆରେ ସେ ଶିକ୍ଷାଦାନ କରୁଥିବା ବେଳେ ବାଲ୍ୟାବସ୍ଥାରେ ଚୈତନ୍ୟ ତାଙ୍କର ଛାତ୍ର ଥିଲେ। ୟା' ଭିତରେ ଅନେକ ବର୍ଷ ବିତି ଯାଇଥିବାରୁ କେହି କାହାରିକୁ ପ୍ରଥମ ଦେଖାରେ ଚିହ୍ନି ପାରି ନ ଥିଲେ। ଭଟ୍ଟାଚାର୍ଯ୍ୟଙ୍କ ପାଖରେ ରହୁଥିବା ତାଙ୍କ ଭଉଣୀଙ୍କ ସ୍ୱାମୀ ଗୋପୀନାଥ ମଧ୍ୟ ଥିଲେ ନଦିୟାର ମୂଳ ବାସିନ୍ଦା। ସେ ପୂର୍ବରୁ ବହୁବାର ଚୈତନ୍ୟଙ୍କ କୀର୍ତ୍ତନ ଅନୁଷ୍ଠାନରେ ଯୋଗ ଦେଇଥିବାରୁ ତାଙ୍କୁ ଚିହ୍ନି ପାରିଲେ। ଚୈତନ୍ୟଙ୍କ ଚେତା ଫେରି ପାଇବାର ସୂତ୍ର ତାଙ୍କୁ ଜଣାଥିଲା। ତେଣୁ ସେ ଚୈତନ୍ୟଙ୍କ ଶିଷ୍ୟମାନଙ୍କ ସନ୍ଧାନରେ ବଡ଼ଦାଣ୍ଡକୁ ଦୌଡ଼ିଲେ ଏବଂ ସେଠାରେ ସେମାନଙ୍କୁ ପାଇ ଭଟ୍ଟାଚାର୍ଯ୍ୟଙ୍କ ଘରକୁ ନେଇ ଆସି କୀର୍ତ୍ତନ ଆରମ୍ଭ କରିଦେଲେ। କୀର୍ତ୍ତନ ଶୁଣିବା ପରେ ଚୈତନ୍ୟ ଆଖି ଖୋଲିଲେ। ଭଟ୍ଟାଚାର୍ଯ୍ୟ ତାଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ସେ ତାଙ୍କୁ ଯନ୍ତ୍ରବତ୍ ପ୍ରଣିପାତ କଲେ। ଚୈତନ୍ୟ ତାଙ୍କୁ ଆଶୀର୍ବାଦ କରି କହିଲେ- କୃଷ୍ଣମତିରସ୍ତୁ।

ବୈଦିକ ଜ୍ଞାନରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିବାରୁ ଭଟ୍ଟାଚାର୍ଯ୍ୟଙ୍କ ମନରେ ବହୁତ ଗର୍ବ ଥିଲା ଏବଂ ତାଙ୍କଠାରୁ ଚୈତନ୍ୟ ବେଦତତ୍ତ୍ୱ ଶିଖିବା ଆବଶ୍ୟକ ବୋଲି କହୁଥିଲେ। ଭଟ୍ଟାଚାର୍ଯ୍ୟଙ୍କ ଏତାଦୃଶ ମନୋଭାବ ଗୋପୀନାଥଙ୍କୁ ବ୍ୟଥିତ କଲା। ସେ ଚୈତନ୍ୟଙ୍କ ପାଖକୁ ଯାଇ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରି ତାଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ଅନୁରୋଧ କଲେ। କିନ୍ତୁ ସ୍ଥିତପ୍ରଜ୍ଞ ଚୈତନ୍ୟ ଗୋପୀନାଥଙ୍କ ଅନୁରୋଧକୁ ଅଗ୍ରାହ୍ୟ କରି ବରଂ ଭଟ୍ଟାଚାର୍ଯ୍ୟଙ୍କଠାରୁ ଶିକ୍ଷା ଗ୍ରହଣ କରିବାକୁ ରାଜି ହୋଇଗଲେ। ନିଷ୍ପତ୍ତି ଅନୁଯାୟୀ ଭଟ୍ଟାଚାର୍ଯ୍ୟ ପ୍ରତିଦିନ ଅପରାହ୍ଣରେ ମନ୍ଦିର ବେଢ଼ାରେ ଚୈତନ୍ୟଙ୍କୁ ବେଦ ଶିକ୍ଷା ଦେଲେ। ସାତ ଦିନପରେ କେତେ ଶିକ୍ଷା ଗ୍ରହଣ କରିଛନ୍ତି ବୋଲି ଭଟ୍ଟାଚାର୍ଯ୍ୟଙ୍କ ପ୍ରଶ୍ନରେ ଚୈତନ୍ୟ କହିଲେ, 'ବେଦର ଶ୍ଳୋକମାନଙ୍କର ଅର୍ଥ ଏତେ ସହଜ ଯେ ତା'ର ସଠିକ ଉଚ୍ଚାରଣ କଲେ ସଂସ୍କୃତରେ ସାଧାରଣ ଜ୍ଞାନ ଥିବା ଲୋକ ମଧ୍ୟ ବୁଝି ପାରିବ। କିନ୍ତୁ ଆପଣଙ୍କ ଉଚ୍ଚାରଣ ତ୍ରୁଟିପୂର୍ଣ୍ଣ ଥିବାରୁ ଆପଣ ଯାହା କହୁଛନ୍ତି ସେଥିରୁ ମୁଁ ବିନ୍ଦୁବିସର୍ଗ ବୁଝିପାରୁନି।' ଭଟ୍ଟାଚାର୍ଯ୍ୟ ଏପରି ଆକ୍ଷେପ ଶୁଣି କ୍ଷୁବ୍ଧ ହେଲେ। ସେ ବେଦ ଆବୃତ୍ତି କରିବା ପାଇଁ ଚୈତନ୍ୟଙ୍କୁ ଆହ୍ୱାନ କଲେ। ଚୈତନ୍ୟ ଆଖି ବନ୍ଦ କରି ବେଦ ଆବୃତ୍ତି କରିବାକୁ ଲାଗିଲେ। ତାଙ୍କ ମୁଖରୁ ବେଦର ନିର୍ଭୁଲ ଆବୃତ୍ତି ଶୁଣି ଭଟ୍ଟାଚାର୍ଯ୍ୟ ମନ୍ତ୍ରମୁଗ୍ଧ ହୋଇଗଲେ ଏବଂ ଆଣ୍ଠୁମାଡ଼ି ପ୍ରାର୍ଥନା କରିବାକୁ ଲାଗିଲେ। ସେ ଆଖି ଖୋଲିବା ବେଳକୁ ଚୈତନ୍ୟଙ୍କ ଜାଗାରେ ଏକ ଷଡ଼୍‌ଭୁଜ ବିଷ୍ଣୁ ବିଗ୍ରହ ବିରାଜମାନ କରିଥିଲେ। ତାଙ୍କର ଦୁଇ ହାତରେ ଧନୁଶର, ଆଉ ଦୁଇ ହାତରେ ମୋହନ ବଂଶୀ ଏବଂ ଆଉ ଦୁଇ ହାତରେ ଦଣ୍ଡ କମଣ୍ଡଳୁ ଶୋଭା ପାଉଥିଲା। ସେ ଥିଲେ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର, ନନ୍ଦନନ୍ଦନ ଶ୍ରୀକୃଷ୍ଣ ଓ ସଚୀନନ୍ଦନ ଗୌରାଙ୍ଗଙ୍କର ସମ୍ମିଳିତ ବିଗ୍ରହ। ଏପରି ବିଗ୍ରହ ଦର୍ଶନ କରି ଭଟ୍ଟାଚାର୍ଯ୍ୟ ତନ୍ମୟ ହୋଇ ମୁଦ୍ରିତ ନୟନରେ କିଛିସମୟ ବସି ରହିଲେ। ଆଖି ଖୋଲିବା ବେଳକୁ ଷଡ଼୍‌ଭୁଜ ବିଗ୍ରହ ଅନ୍ତର୍ହିତ ହୋଇ ଯାଇଥିଲେ ଏବଂ ତାଙ୍କ ଜାଗାରେ ଗୌରାଙ୍ଗ ବସି ମନ୍ଦମନ୍ଦ ହସୁଥିଲେ। ଏହାପରେ ଭଟ୍ଟାଚାର୍ଯ୍ୟ ଗୌରାଙ୍ଗଙ୍କୁ ଜଣେ ଅବତାର ପୁରୁଷଭାବେ ଗ୍ରହଣ କଲେ। ଶ୍ରୀମନ୍ଦିର ପରିସରରେ ଦକ୍ଷିଣଦ୍ୱାର ପାଖରେ ଶ୍ରୀଚୈତନ୍ୟ ଯେଉଁ ଜାଗାରେ ଷଡ଼୍‌ଭୁଜ ସ୍ୱରୂପରେ ଦର୍ଶନ ଦେଇଥିଲେ ସେଠାରେ ତାଙ୍କର ଷଡ଼୍‌ଭୁଜ ମୂର୍ତ୍ତି ଆରାଧିତ ହେଉଛନ୍ତି। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ...

### କମ୍ପିଲା...

ଭାଗ ନେଇନଥିଲେ। ଏନେଇ ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡିର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଓଡ଼ିଶାର ସ୍ୱାସ୍ଥ୍ୟସେବାର ଯେଉଁ ବିକଳ ଚିତ୍ର ଆସୁଛି ସେନେଇ ସରକାର ସଚେତନ ଅଛନ୍ତି ତ ? ଏସସିବିରେ ନିଆଁ ଲାଗିବା ଏବଂ ଏଥିରେ ରୋଗୀ ପୋଡ଼ି ହୋଇ ମରିବା ଘଟଣା ଏହାର ନଗ୍ନ ଉଦାହରଣ । ଏଥିରେ ସରକାର କଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ? ଘଟଣାରେ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେବାର କଥା। ଅନ୍ତତପକ୍ଷେ ଓଡ଼ିଶାର ଲୋକଙ୍କୁ ସରକାର ପଦକ୍ଷେପ ନେଲେ ବୋଲି ଏଥିରୁ ବାର୍ତ୍ତା ଯାଆନ୍ତା। ଗୋଟିଏ ପିଅନ ଉପରେ ଏଯାଏଁ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ । ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଯେତେବେଳେ ସମ୍ ହସ୍ପିଟାଲରେ ନିଆଁ ଲାଗିଥିଲା ସେତେବେଳେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ପ୍ରଦାନ କରିଥିଲେ। ଉକ୍ତ ହସ୍ପିଟାଲର ମାଲିକ ମଧ ବନ୍ଧା ହୋଇଥିଲେ। ଏସସିବି ଅଗ୍ନିକାଣ୍ଡ ଘଟଣାରେ ୧୨ ଜଣ ମରିଗଲେ। ମନ୍ତ୍ରୀ କିନ୍ତୁ ହସୁଛନ୍ତି, ଏଯାଏଁ ଇସ୍ତଫା ଦେଇନାହାନ୍ତି। ତଦନ୍ତ ଉପରେ ଆମର ବିଶ୍ୱାସ ନାହିଁ। ତେଣୁ ତୁରନ୍ତ ମନ୍ତ୍ରୀଙ୍କୁ ବରଖାସ୍ତ କରାଯାଉ ଏବଂ ଏହାପରେ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

### ଟ୍ରମ୍ପଙ୍କୁ ଝଟକା...

ମାର୍ଗ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ପୁନର୍ବାର ଖୋଲିବା ପାଇଁ ଯୁଦ୍ଧ ଜାହାଜ ପଠାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଆହ୍ୱାନକୁ ଅନେକ ପ୍ରମୁଖ ସହଯୋଗୀ ଦେଶ ପ୍ରତ୍ୟାଖାନ କରିଛନ୍ତି। ହର୍ମୁଜ ପ୍ରଣାଳୀକୁ ପୁଣି ଖୋଲିବା ପାଇଁ ଆମେରିକାର ମିତ୍ର ଦେଶଗୁଡ଼ିକ ଯୁଦ୍ଧଜାହଜା ପଠାଇବାକୁ ମନା କରିବା ସହ ଏହି ମିସନରେ ଯୋଗ ଦେବାର ପ୍ରସ୍ତାବକୁ ପ୍ରତ୍ୟାଖାନ କରିଛନ୍ତି। ସହଯୋଗୀ ଦେଶଗୁଡ଼ିକର ନିରବତା ଓ ପ୍ରତ୍ୟାଖ୍ୟାନରେ ଅସନ୍ତୋଷ ପ୍ରକାଶ କରି ଟ୍ରମ୍ପ ମଙ୍ଗଳବାର କହିଛନ୍ତି ଯେ ଆମକୁ କାହାରି ସାହାଯ୍ୟ ଦରକାର ନାହିଁ। ଆମେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଓ ଆମେ ପାଖରେ ସବୁଠାରୁ ଶକ୍ତିଶାଳୀ ସେନା ରହିଛି। ଜର୍ମାନୀ, ସ୍ପେନ୍ ଓ ଇଟାଲୀ ଭଳି ଦେଶଗୁଡ଼ିକ ଏହି ଅଭିଯାନରେ ସାମିଲ ହେବାକୁ ମନା କରି ଦେଇଛନ୍ତି। ଜର୍ମାନୀ ଚାନ୍ସଲର ଫ୍ରିଡିରିକ ମେର୍ଜ କହିଛନ୍ତି ଯେ, ଏହି ଯୁଦ୍ଧ ପୂର୍ବରୁ ତାଙ୍କ ସହ କୌଣସି ପରାମର୍ଶ କରାଯାଇ ନଥିଲା ଏବ ଜର୍ମାନୀ ପାଖରେ ଏଥିପାଇଁ ଜାତିସଂଘ କିମ୍ବା ନାଟୋର କୌଣସି ଆବଶ୍ୟକୀୟ ଅନୁମତି ନାହିଁ। ଏଥିରେ କ୍ଷୁବ୍ଧ ଟ୍ରମ୍ପ ଏହିକ୍ରମରେ ବ୍ରିଟେନ ଉପରେ ବିଶେଷ ଭାବେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଯୁଦ୍ଧ ଆରମ୍ଭରେ ବ୍ରିଟେନ ଦୁଇଟି ବିମାନବାହୀ ଜାହାଜ ପଠାଇବାକୁ ମନା କରିଦେଇଥିଲା, କିନ୍ତୁ ଯୁଦ୍ଧ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପରେ ସହାଯ୍ୟ ପାଇଁ ପସ୍ତାବ ଦେଇଥିଲା, ଯାହାକୁ ୱାସିଂଟନ ପ୍ରତ୍ୟାଖ୍ୟାନ କରିଛି। ଟ୍ରମ୍ପ କହିଛନ୍ତି ଯେ ସେ ଏହି ଆହ୍ୱାନ କରିଥିଲେ ମୁଖ୍ୟତଃ ମିତ୍ର ଦେଶଗୁଡ଼ିକ ପ୍ରତିକ୍ରିୟା ଦେଖିବା ପାଇଁ। ସହଯୋଗୀ ଦେଶଗୁଡ଼ିକୁ ସହାଯ୍ୟ ମାଗିବା ଏକ ପରୀକ୍ଷା ଥିଲା, ଯେଉଁଥିରୁ ଜଣାପଡ଼ିଲା ଯେ, ଆବଶ୍ୟକ ସମୟରେ କିଏ ଆମେରିକା ସହ ଛିଡ଼ା ହୋଇଛନ୍ତି।

ଉଲ୍ଲେଖଥାଉ କି, ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଇରାନର ସର୍ବୋଚ୍ଚ ନେତା ଆୟୋତୁଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବରେ ଇରାନ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ମାର୍ଗ ଦେଇ ହୋଇଥାଏ। ଏହି କାରଣରୁ ବିଶ୍ୱ ବଜାରରେ ଆଶୋଧିତ ତୈଳ ଦରର ବ୍ୟାରଲ ପିଛା ୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି।

### ରମେଶ, ଦାଶରଥୀ...

ଦଳୀୟ ନିର୍ଦ୍ଦେଶକୁ ଅବମାନନା କରି ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥି ଗମାଙ୍ଗୋ ଓ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋସ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି। ଏଆଇସିସି ନିର୍ଦ୍ଦେଶକ୍ରମେ ଏହି ବିଧାୟକମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ଶ୍ରୀ ପାଢ଼ୀ କହିଛନ୍ତି ।

ପିସିସି ମିଡିଆସେଲ ଅଧକ୍ଷ ଅରବିନ୍ଦ ଦାସ କହିଛନ୍ତି ଯେ କ୍ରସ ଭୋଟିଂ କରିଥିବା ୩ ବିଧାୟକଙ୍କ ଏଭଳି ଆଚରଣ ଅକ୍ଷମଣୀୟ। ନିଜକୁ କଂଗ୍ରେସର ସଚ୍ଚା ରକ୍ଷକ ବୋଲି ବାହାସ୍ଫୋଟ ମାରୁଥିବା ନେତା ଗାଇଗୋରୁଙ୍କ ଭଳି ବିଜେପି ନିକଟରେ ବିକ୍ରୀ ହୋଇଗଲେ। ଦଳର ସର୍ବୋଚ୍ଚ ନେତା ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କୁ ଏହି ବିଧାୟକମାନେ ଭେଟିବାପାଇଁ ଗଲେ ନାହିଁ। କଂଗ୍ରେସ ଟିକେଟ ଓ ଦଳୀୟ ସହଯୋଗ ବଳରେ ନିର୍ବାଚନୀ ବୈତରଣୀ ପାର ହୋଇଥିବା ବିଧାୟକଙ୍କ ଏତାଦୃଶ କାର୍ଯ୍ୟ କେବେବି କ୍ଷମଣୀୟ ନୁହେଁ। ଯେଉଁମାନଙ୍କମାନଙ୍କ ଚୋରା ଓ ଦୁର୍ନିତୀଯୁକ୍ତ କାରବାର ଅଛି, ସେମାନେ ଶାସକ ଦଳକୁ ସମର୍ଥନ କରିବାକୁ ବାଧ। ତେବେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ କେତେ କୋଟି ଟଙ୍କା ନେଇଛନ୍ତି ତାହା ନିଜ ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ପାଖରେ ପ୍ରକାଶ କରନ୍ତୁ ବୋଲି ସେ କହିଛନ୍ତି। ବର୍ତ୍ତମାନ ସେମାନଙ୍କୁ ନିଲମ୍ବନ କରାଯାଇଛି ଆଗକୁ ସଭ୍ୟପଦ ରଦ୍ଦ ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି। ପୂର୍ବରୁ ଶରଦ ଯାଦବଙ୍କ ସଭ୍ୟ ପଦ ରଦ୍ଦ ହୋଇଛି। ପୁନଶ୍ଚ ଦଳର ଅନ୍ୟ ବିଧାୟକମାନଙ୍କୁ କୋଟି କୋଟି ଟଙ୍କାର ପ୍ରଲୋଭନ ସତ୍ୱେ ସେମାନେ ନିଜ ନୈତିକତାକୁ ବଜାୟ ରଖିଛନ୍ତି ଏବଂ ଦଳର ନିର୍ଦ୍ଦେଶକୁ ସମ୍ମାନ କରିଥିବାରୁ ଦଳ ସେମାନଙ୍କୁ ଧନ୍ୟବାଦ ଜଣାଇଛି ବୋଲି ସେ କହିଛନ୍ତି ।

### କ୍ରସ୍‌ଭୋଟିଂ...

ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ବିଧାନସଭାର ସଦସ୍ୟପଦରୁ ଅଯୋଗ୍ୟ ଘୋଷଣା ପାଇଁ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତୁ ବୋଲି ଶ୍ରୀ କାଡାମ ଚିଠିରେ ନିବେଦନ କରିଛନ୍ତି।

ଏହା ବ୍ୟତୀତ ଅନ୍ୟ ଏକ ଚିଠିରେ ଶ୍ରୀ କାଡାମ ବାଚସ୍ପତିଙ୍କୁ ଏହି ୩ ଜଣ ବିଧାୟକଙ୍କ ସିଟ୍ ବଦଳ ନେଇ ମଧ ନିବେଦନ କରିଛନ୍ତି। କାଡାମ ନିଜ ଦ୍ୱିତୀୟ ପତ୍ରରେ ଦର୍ଶାଇଛନ୍ତି ଯେ, କଂଗ୍ରେସ ଦଳକୁ ପ୍ରତିନିଧିତ୍ୱ କରି ଏହି ୩ ଜଣ ସଦସ୍ୟ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। କ୍ରସ୍ ଭୋଟିଂ ପରେ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ନିଲମ୍ବନ ପରେ, ସେମାନେ ଏବେ ଗୃହରେ କଂଗ୍ରେସ ବିଧାୟକ ଦଳର ଅଂଶ ରହିବେ ନାହିଁ। ପ୍ରତିଷ୍ଠିତ ନିୟମ, ପରମ୍ପରା ଏବଂ ଉକ୍ତ ସଦସ୍ୟମାନଙ୍କର ବର୍ତ୍ତମାନର ସ୍ଥିତି ଅନୁଯାୟୀ ବିଧାନସଭାରେ ସେମାନଙ୍କର ବସିବା ବ୍ୟବସ୍ଥା ପରିବର୍ତ୍ତନ କରିବା ପାଇଁ ଶ୍ରୀ କାଡାମ ନିବେଦନ କରିଛନ୍ତି।

### ଇସ୍ତଫା ଦିଅନ୍ତୁ...

ମୃତ୍ୟୁର ସାମ୍ନା କରିବାକୁ ପଡ଼ିଲା। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଁ ମୋର ଗଭୀର ସମବେଦନା ଜଣାଉଛି। ପରିବାର ଲୋକେ ଶୋକ ପାଳନ କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗ 'ତଦନ୍ତ' ଆଳରେ ନିଜକୁ ଲୁଚାଇ ପାରିବ ନାହିଁ। ବିଚାର ବିଭାଗୀୟ ତଦନ୍ତ ସ୍ୱାଗତଯୋଗ୍ୟ, କିନ୍ତୁ ରାଜନୈତିକ ନେତୃତ୍ୱକୁ ଏହି ଦଦନ୍ତ ସେମାନଙ୍କ ଦାୟିତ୍ୱରୁ ମୁକ୍ତ କରିପାରିବ ନାହିଁ। ତେଣୁ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଦିଅନ୍ତୁ । ସୁରକ୍ଷା ବ୍ୟବସ୍ଥାରେ ଏହି ଭୟଙ୍କର ତ୍ରୁଟି ପାଇଁ ସେ ନୈତିକ ଦାୟିତ୍ୱ ଗ୍ରହଣ କରିବା ଉଚିତ୍। ଏଥିସହିତ ବର୍ତ୍ତମାନ ଘୋଷଣା କରାଯାଇଥିବା ଅନୁକମ୍ପାମୂଳକ ସହାୟତା ଅତି ନଗଣ୍ୟ। ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୫୦ ଲକ୍ଷ ଟଙ୍କାର ସହାୟତା ପାଇଁ ବାଚସ୍ପତିଙ୍କ ନିକଟରେ ନବୀନ ଦାବି ରଖିଛନ୍ତି।

### କାଗଜରେ ସୁରକ୍ଷା...

ଏବେ ପ୍ରଶାସନିକ ଦାୟିତ୍ୱହୀନତାକୁ ଦାଣ୍ଡରେ ପକାଇଛି। ବିଶେଷକରି, ଅକ୍ସିଜେନ୍ ସିଷ୍ଟମ ଓ ଉଚ୍ଚ ଭୋଲଟେଜ୍ ଯନ୍ତ୍ରପାତି ଥିବା ଆଇସିୟୁରେ ସୁରକ୍ଷାବଳୟ ବିଫଳ ହେବା କେବଳ ଅସାବଧାନତା ନୁହେଁ, ବରଂ ଏହା ଏକ ଅପରାଧ ସଦୃଶ ଅବହେଳା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ଏହି ଘଟଣାକୁ ନେଇ ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି ପ୍ରଶାସନିକ କାର୍ଯ୍ୟାନୁଷ୍ଠାନର ଦୋମୁହାଁ ନୀତି। ୨୦୧୬ମସିହାରେ ସମ ହସ୍ପିଟାଲ ଅଗ୍ନିକାଣ୍ଡ ସମୟରେ ତତକାଳୀନ ସରକାର ଅତି କଠୋର୍ ଆଭିମୁଖ୍ୟ ଗ୍ରହଣ କରି ଦାୟୀ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରିଥିବା ବେଳେ ଏସ୍‌ସିବି ଘଟଣାରେ ପ୍ରଶାସନିକ କୋହଳତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଯଦିଓ ସରକାର ପରିବର୍ତ୍ତନ ହୋଇଛି, କିନ୍ତୁ ପୁଲିସ ଓ ପ୍ରଶାସନିକ ବ୍ୟବସ୍ଥା ପ୍ରାୟତଃ ସମାନ ରହିଛି; ତଥାପି ଏହି ଦୁଇଟି ଘଟଣାରେ ପଦକ୍ଷେପ ମଧ୍ୟରେ ଥିବା ଆକାଶ ପାତାଳ ପାର୍ଥକ୍ୟ ଏକ ପ୍ରଶାସନିକ ପକ୍ଷପାତର ସଂକେତ ଦେଉଛି। ସୁପ୍ରିମକୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଏବଂ ଏଏମଆରଆଇ କିମ୍ବା ଉପହାର ସିନେମା ହଲ ଭଳି ବଡ଼ ଧରଣର ଅଗ୍ନିକାଣ୍ଡ ଘଟଣାରୁ ଶିକ୍ଷା ନ ପାଇବା ଫଳରେ ଆଜି ପୁଣି ଥରେ ନିରୀହ ଜୀବନ ହାନି ଘଟିଛି। ରାଜ୍ୟ ସରକାର ଏହି ଘଟଣାରେ କେବଳ ତଦନ୍ତ ନିର୍ଦ୍ଦେଶ ଦେଇ ଚୁପ୍ ରହିବା ଉଚିତ ନୁହେଁ, ବରଂ ଦାୟୀ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ ବିରୋଧରେ 'କ୍ରିମିନାଲ ନେଗ୍ଲିଜେନ୍ସ' ମାମଲା ରୁଜୁ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏବେ ବିଭିନ୍ନ ମହଲରେ ଦାବି ହୋଇଛି।

ଓଡ଼ିଶାର ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲଗୁଡ଼ିକର ଫାୟାର ସେଫ୍ଟି ଅଡିଟ୍ ସହ ଆକସ୍ମିକ ଯାଞ୍ଚ କରିବା ପାଇଁ ଏକ ଦୃଢ଼ ବ୍ୟବସ୍ଥା ପ୍ରସ୍ତୁତ କରିବାର ଏବେ ସମୟ ଆସିଛି। ଏସସିବି ଅଗ୍ନିକାଣ୍ଡ ଏକ ଚେତାବନୀ ବୋଲି ବିବେଚନା କରି ଯଦି ଏବେ ମଧ ଶୂନ୍ୟ ସହିଷ୍ଣୁତା ନୀତି ଆପଣା ନ ଯାଏ, ତେବେ ଭବିଷ୍ୟତରେ ଏପରି ଆଉ ଏକ କାଳରାତ୍ରିକୁ ଏଡ଼ାଇବା ଅସମ୍ଭବ ହୋଇପଡ଼ିବ। ନିୟମ ସମସ୍ତଙ୍କ ପାଇଁ ସମାନ ହେଉ ଏବଂ ଜନସାଧାରଣଙ୍କ ଜୀବନକୁ ମୂଲ୍ୟହୀନ ଭାବୁଥିବା ପ୍ରଶାସନିକ ବ୍ୟବସ୍ଥାକୁ ଉତ୍ତରଦାୟୀ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

### ଭାରତ ଉପରେ...

ଦେଶର ମୋଟ ଋଣ ପରିମାଣ ୨୨.୨ ବିଲିୟନ୍ ଡଲାର। ବିଶ୍ୱ ବ୍ୟାଙ୍କର ସବୁଠୁ ଅଧିକ ଋଣୀ ଦେଶ ସୂଚୀରେ ତୃତୀୟ ସ୍ଥାନରେ ରହିଛି ପାକିସ୍ତାନ। ପାକିସ୍ତାନର ମୋଟ ଋଣ ପରିମାଣ ୨୦ ବିଲିୟନ୍ ଡଲାର (୧.୮୪ ଲକ୍ଷ କୋଟି ଟଙ୍କା) । ୨୦୨୫ରେ ବିଶ୍ୱ ବ୍ୟାଙ୍କର ସବୁଠୁ ଅଧିକ ଋଣକାରୀ ୧୦ ଦେଶ ତାଲିକାରେ ପାକିସ୍ତାନ ନ ସ୍ଥାନ ପାଇନ ଥିଲା। ମାତ୍ର ଚଳିତ ବର୍ଷ ଏହା ସାରା ବିଶ୍ୱରେ ୩ୟ ଋଣୀ ରାଷ୍ଟ୍ର ଭାବରେ ଉଭା ହୋଇଛି। ଚତୁର୍ଥ ସ୍ଥାନରେ ଥିବା ବାଂଲାଦେଶ ଉପରେ ମୋଟ ୧୯.୮ ବିଲିୟନ୍ ଡଲାର(୧.୮୨ ଲକ୍ଷ କୋଟି ଟଙ୍କା) ଋଣଭାର ରହିଛି। ରୁଷ ସହ ଯୁଦ୍ଧରେ ଲିପ୍ତ ଥିବା ସତ୍ତ୍ୱେ ୟୁକ୍ରେନ ବିଶ୍ୱବ୍ୟାଙ୍କରୁ ନୂଆ ଋଣ ନେଇନାହିଁ। ପୂର୍ବପରି ଏହି ଦେଶ ଉପରେ ୧୬.୬ ବିଲିୟନ୍ ଡଲାରର ଋଣ ରହିଛି।

ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଉଚ୍ଚମଧ୍ୟମ ଆୟବର୍ଗକୁ ଉନ୍ନୀତ ହେଉଥିବା ଦୃଷ୍ଟିରୁ ଚୀନର ଋଣ ପରିମାଣ କମୁଛି ଏବଂ ବ୍ରାଜିଲର ଋଣ ସ୍ଥିର ରହିଛି। ଏହି ଦୁଇ ଦେଶ ଘରୋଇ ପୁଞ୍ଜି ବଜାରରୁ ଉତ୍ତମ ଭାବେ ପରିଚାଳନା କରିବାକୁ ସକ୍ଷମ ହୋଇଛନ୍ତି ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି ।

## ଓଡ଼ିଶାକୁ କମିଲା ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ ଅନୁଦାନ

# ଉଦ୍‌ବେଗ ପ୍ରକାଶ କଲେ ସାଂସଦ ମାନସ

ଭୁବନେଶ୍ୱର,୧୭।୩(ସମିସ): ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲଗାତାର ଭାବେ ଓଡ଼ିଶାକୁ ଅର୍ଥ କମ୍ ମଞ୍ଜୁର କରାଯାଉଛି। ୨୦୨୨-୨୩ ମସିହାରେ ୨୧୧କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମଞ୍ଜୁର କରାଯାଇଥିଲା ବେଳେ ୨୦୨୩-୨୪ ମସିହାରେ ୧୭୧ କୋଟି ଟଙ୍କା ଅନୁଦାନ ମିଳିଛି। ସେହିପରି ୨୦୨୪-୨୫ରେ ଏହା ଆହୁରି ହ୍ରାସ ପାଇଛି ଓ ଅନୁଦାନ ମାତ୍ର ୧୪୯ କୋଟିରେ ପହଞ୍ଚିଛି । ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ସମ୍ବେଦନଶୀଳତା ବଢୁଥିଲା ବେଳେ ଭିତ୍ତିଭୂମି ମିଶନରେ ଏଭଳି କେନ୍ଦ୍ରୀୟ ଅନୁଦାନ ହ୍ରାସକୁ ନେଇ ସଂସଦରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ନେଇ ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ।୨୦୨୨ ମସିହାରୁ ୨୦୨୫ ମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାରେ ମୋଟ କେତେ କେନ୍ଦ୍ରୀୟ ଗ୍ରାଣ୍ଟ ପ୍ରଦାନ କରାଯାଇଛି। ଯୋଜନା-ୱାରୀ ଏବଂ କ୍ଷେତ୍ର-ୱାରୀ ବିଭକ୍ତୀକରଣ ଓ କେନ୍ଦ୍ର ପକ୍ଷରୁ ଓଡ଼ିଶାକୁ ଅତିରିକ୍ତ ରାଶି ପ୍ରଦାନ ପ୍ରସଙ୍ଗରେ କେଉଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି ।

କେନ୍ଦ୍ରସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି ଯେ ସମାନ, ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ପାଇଁ ସାର୍ବଜନୀନ ପ୍ରବେଶ ହାସଲ କରିବା ଲକ୍ଷ୍ୟରେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକାରୀ କରୁଛି। ସରକାର ରାଜ୍ୟ, କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି, ସ୍ୱାସ୍ଥ୍ୟ ସୁବିଧା ପାଇଁ ପର୍ଯ୍ୟାପ୍ତ ମାନବ ସମ୍ବଳର ଉପଲବ୍ଧତା, ବିଶେଷକରି ଅବହେଳିତ ଏବଂ ଅବହେଳିତ ଗୋଷ୍ଠୀ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ଏବଂ ସୁଗମତାକୁ ଉନ୍ନତ କରିବା ପାଇଁ ବୈଷୟିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରନ୍ତି। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ(ପିଏମ୍ ଅଭିମ୍) ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନ; ଯାହା କିଛି କେନ୍ଦ୍ରୀୟ କ୍ଷେତ୍ର ଉପାଦାନ ସହିତ ରହିଛି ଯାହାର ଯୋଜନା ଅବଧି (୨୦୨୧-୨୨ ରୁ ୨୦୨୫-୨୬) ପାଇଁ ୬୪,୧୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ପିଏମ୍ ଅଭିମ୍ ଅଧୀନରେ ପଦକ୍ଷେପଗୁଡ଼ିକ ପ୍ରାଥମିକ, ମାଧ୍ୟମିକ ଏବଂ ତୃତୀୟ ସ୍ତରର ସମସ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ପ୍ରତିଷ୍ଠାନଗୁଡ଼ିକର ଦକ୍ଷତା ବିକାଶ ଉପରେ ଧାନ କେନ୍ଦ୍ରିତ କରେ, ଯାହା ଦ୍ୱାରା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବର୍ତ୍ତମାନ ଏବଂ ଭବିଷ୍ୟତର ମହାମାରୀ ବା ବିପର୍ଯ୍ୟୟର ପ୍ରଭାବଶାଳୀ ପ୍ରତିକ୍ରିୟା ପାଇଁ ପ୍ରସ୍ତୁତ କରାଯାଇପାରିବ। ପିଏମ-ଅଭିମ୍‌ରେ ରାଜ୍ୟକୁ ଲଗାତାର କମ୍ ଅର୍ଥ ରିଲିଜ କରାଯାଇଥିବା ସେ ସ୍ୱୀକାର କରିଛନ୍ତି । ତେବେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ରାଜ୍ୟକୁ ଅଧିକ ଅର୍ଥ ଦିଆଯାଇଥିବା ଉଲ୍ଲେଖ କରି ମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି ।-ହୋଟିମିନ୍

## ମୟୂରଭଞ୍ଜ ଘୂର୍ଣ୍ଣିଝଡର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

# ୯ ଗାଁର ୩,୨୧୭ ଲୋକ ପ୍ରଭାବିତ, ୫୧୨ ଘର କ୍ଷତିଗ୍ରସ୍ତ

ଭୁବନେଶ୍ୱର,୧୭।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ଘୂର୍ଣ୍ଣିଝଡ଼ ପରିସ୍ଥିତି ଏବଂ କ୍ଷୟକ୍ଷତି ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ରିଲିଫ ସେଣ୍ଟର ଗୁଡିକର ସୁପରିଚାଳନା ନିଶ୍ଚିତ କରିବା ସହ ବିପର୍ଯ୍ୟୟରେ ପ୍ରଭାବିତ ୯ଟି ଗ୍ରାମ ପାଇଁ ୯ ଜଣ ଅଧିକାରୀଙ୍କୁ ନୋଡାଲ୍ ଅଫିସର୍ ନିଯୁକ୍ତି ଦିଆଯାଇଛି ଓ ଯଥାଶୀଘ୍ର କ୍ଷୟକ୍ଷତିର ଆକଳନ ସହ କ୍ଷତିପୂରଣ ପ୍ରଦାନ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଅରବିନ୍ଦ ପାଢୀଙ୍କ ତତ୍ତ୍ୱାବଧାନରେ ରିଲିଫ ଓ ଥଇଥାନ ପରିଚାଳନା କାର୍ଯ୍ୟ ଜାରି ରହିଛି। ସାଧାରଣଲୋକଙ୍କୁ କୌଣସି ପ୍ରକାର ଅସୁବିଧା ନ ହେବା ସହ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସେବାକୁ ସୁନିଶ୍ଚିତ କରାଯାଇଛି। ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ରିପୋର୍ଟ୍ ଅନୁଯାୟୀ, କରଞ୍ଜିଆ ବ୍ଲକ୍ ଅଧୀନରେ ୫ଟି ଗ୍ରାମ ପଞ୍ଚାୟତ ଓ ୯ଟି ଗ୍ରାମର ମୋଟ ୩,୨୧୭ ଜଣ ଲୋକ ଏହି ଘୂର୍ଣ୍ଣିଝଡ଼ ଯୋଗୁଁ ପ୍ରଭାବିତ ହୋଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ ତୁରନ୍ତ ଗ୍ରହଣ କରାଯାଇଥିବା ପଦକ୍ଷେପସ୍ୱରୁପ ୨୨୦୦ ଜଣଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ୬ଟି ରିଲିଫ୍ ସେଣ୍ଟର ଖୋଲାଯାଇ କାର୍ଯ୍ୟକ୍ଷମ କରାଯାଇ ସଭିଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। କ୍ଷତିର ବିବରଣୀ ଅନୁଯାୟୀ ପ୍ରାୟ ୫୧୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ୧୬ ମାର୍ଚ୍ଚରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ମାଧ୍ୟମରେ ପ୍ରାୟ ୫କୋଟି ୭୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ମଧ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କ ମାଡ଼ରେ ନବମ ଛାତ୍ର ଗୁରୁତର; ହସ୍ପିଟାଲରେ ଭର୍ତ୍ତି

କପ୍ତିପଦା, ୧୭।୩ (ସମିସ): ପ୍ରଶ୍ନର ଉତ୍ତର ଦେଇନପାରିବାରୁ ଛାତ୍ରଙ୍କୁ ନିର୍ଘାତ ମାଡ଼। ସ୍ଥିତି ଏମିତି ଯେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ଏଥିଯୋଗୁଁ ଛାତ୍ରଜଣଙ୍କ ଆଜି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। କପ୍ତିପଦା ବ୍ଲକ୍ ତାଳପୋଖରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏପରି ଏକ ଘଟଣା ଘଟିଛି। ଆହତ ଛାତ୍ରଜଣଙ୍କ ହେଲେ, ଶୁଭଙ୍କର ବେହେରା। ସେ ନବମ ଶ୍ରେଣୀରେ ପାଠ ପଢ଼ନ୍ତି। ଆଜି ଶିକ୍ଷୟିତ୍ରୀ ଦୀପ୍ତିମୟୀ ବରାଳ ତାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଶୁଭଙ୍କର ଉତ୍ତର ଦେଇ ନପାରିବାରୁ ଶିକ୍ଷୟିତ୍ରୀ ଦୀପ୍ତିମୟୀ ତାଙ୍କୁ ବାଡ଼ିରେ ନିର୍ଘାତ ପିଟିଥିଲେ। ଏଥିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ସେ ଘରକୁ ଫେରି ଏକ ଘର ଭିତରେ କବାଟ ବନ୍ଦ କରି ରହିଥିବା ବେଳେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାରଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ସହ ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। ଘଟଣାକୁ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱୀକାର କରିଥିବା ବେଳେ ଶ୍ରେଣୀକଢ଼ରେ ପାଟି କରିଥିବାରୁ ଛାତ୍ରଙ୍କୁ ମାଡ଼ ହୋଇଥିବା କହିଛନ୍ତି। ସେପଟେ ମାଡ଼ ମାରିଥିବା ଶିକ୍ଷୟିତ୍ରୀ ଦୀପ୍ତିମୟୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## • ମାଡ଼ ଭୟରେ ୬ ଘଣ୍ଟା ଲୁଚି ରହିଲା ଶିଶୁ

# ଖୋଜିଖୋଜି ପୁଲିସ, ଅଗ୍ନିଶମ ନୟାନ୍ତ

ବାଲେଶ୍ୱର ସଦର, ୧୭।୩(ସମିସ): ବାଲେଶ୍ୱର ସଦର ବ୍ଲକ୍ ଶ୍ରୀରାମପୁର ପଞ୍ଚାୟତ ପୁରାଣ ଗ୍ରାମରେ ଆଜି ଏକ ଅଭାବନୀୟ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଦ୍ୱିତୀୟ ଶ୍ରେଣୀର ଜଣେ ଛାତ୍ର ମାଡ଼ ଭୟରେ ୬ଘଣ୍ଟା ଧରି ଲୁଚି ରହିଥିବା ବେଳେ ପରିବାରଲୋକ, ପୁଲିସ ଓ ଅଗ୍ନିଶମ ବିଭାଗ ତାକୁ ଖୋଜିଖୋଜି ନୟାନ୍ତ ହୋଇଛନ୍ତି। ଗ୍ରାମର ଚୈତନ୍ୟ ଜେନାଙ୍କ ପୁଅ ଶିବୁ ସକାଳ ୭ଟାରେ ଖାଇ ପିଇ ଟିଉସନ୍ ଯାଇଥିଲା। ମାତ୍ର ସେ ଟିଉସନ୍ ଯାଇନଥିବା ପରିବାରଲୋକେ ଜାଣିବା ପରେ ତାକୁ ଖୋଜାଖୋଜି କରିଥିଲେ। ଏହି ସମୟରେ ଶିବୁକୁ ଗାଆଁ ସ୍କୁଲ ଗେଟ୍ ନିକଟରେ ଛିଡ଼ା ହୋଇଥିବା ଜନୈକ ବ୍ୟକ୍ତି କହିବା ପରେ ତାକୁ କେହି ପିଲାଚୋର ନେଇଯାଇଥିବା ଚର୍ଚ୍ଚା ଜୋର ଧରିଥିଲା। ବହୁ ଖୋଜାଖୋଜି ପରେ ପରିବାରଲୋକେ ବସ୍ତା ଥାନାରେ ଘଟଣା ସମ୍ପର୍କରେ ଅବଗତ କରିବା ପରେ ପୁଲିସ ମଧ ତନାଘନା ଆରମ୍ଭ କରିଥିଲା। ସ୍କୁଲ ଯିବା ରାସ୍ତାରେ ଏକ ବଡ଼ ପୋଖରୀ ଥିବାରୁ କିଛି ଲୋକଙ୍କ ମନକୁ ପାପ ଛୁଇଁଥିଲା। ପରେ ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ମଧାହ୍ନ ୨ଟାରେ ସେହି ଗ୍ରାମର ଜଣଙ୍କ ଘରେ ଶିବୁ ଲୁଚିଥିବାର ଜଣେ ମହିଳା ଦେଖିଥିଲେ।

# ୬ ବ୍ରାଉନସୁଗର ବେପାରୀ ଗିରଫ

ବେତନଟୀ,୧୭।୩ (ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ପୁଲିସ ବ୍ରାଉନସୁଗାର କାରବାର କରୁଥିବା ଏକ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଏହି ଗ୍ୟାଙ୍ଗ୍‌ର ୬ସଦସ୍ୟଙ୍କୁ ଗିରଫ କରିବା ସହ ୬୬.୬୨ ଗ୍ରାମ୍‌ର ବ୍ରାଉନସୁଗାର, ଦୁଇଟି ବାଇକ୍, ୭ ଲକ୍ଷ ଟଙ୍କା ଓ ୬ଟି ମୋବାଇଲ୍ ଜବତ କରିଛି। ସୋମବାର ସନ୍ଧ୍ୟାରେ ଚୁରୁଣୀ ଛକ ନିକଟରେ ଦୁଇଟି ବାଇକ୍‌ରେ ୬ଜଣ ଯୁବକ ବ୍ରାଉନସୁଗାର ବିକିବାକୁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ଖବର ପାଇ ପୁଲିସ ସେଠାରେ ଚଢ଼ଉ କରିଥିଲା। ଅଭିଯୁକ୍ତମାନେ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିନେଇଥିଲା।

# କ୍ରସ ଭୋଟିଂ ପାଇଁ ବିଜେଡିର ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର,୧୭।୩(ସମିସ): କ୍ରସ ଭୋଟିଂ କରିଥିବା ବିଜେଡିର ୬ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି ଦଳ। ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କ୍ରସ ଭୋଟିଂ କରିଥିବା ବିଜେଡି ବିଧାୟକ ଚକ୍ରମଣି କହଁର, ନବ ମଲ୍ଲିକ, ସୌଭିକ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଓ ଦେବୀରଞ୍ଜନ ତ୍ରିପାଠୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିରେ ସେମାନେ ବିଜେଡି ବିଧାୟକ ଦଳ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିବା ସେ ଦର୍ଶାଇଛନ୍ତି। ତେଣୁ ସେମାନଙ୍କୁ କାହିଁକି ଦଳରୁ ନିଲମ୍ବନ କରାଯିବ ନାହିଁ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେନେଇ ୩ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହି ୩ ଦିନ ମଧ୍ୟରେ ସେମାନେ ଉତ୍ତର ନ ଦିଅନ୍ତି, ତେବେ ସେମାନଙ୍କର କୌଣସି ଉତ୍ତର ନାହିଁ ଧରିନିଆଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି।


Leadership and beyond
ଦି ନ୍ୟୁ ଇଣ୍ଡିଆ ଏସ୍ୟୋରେନ୍ସ କମ୍ପାନୀ ଲିମିଟେଡ
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

**ସଂଶୋଧନ ପତ୍ର:**
**ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି**

ଇ-ଟେଣ୍ଡର (ବିଜ୍ଞାପନ ନଂ. ଭୁବନେଶ୍ୱର ଆରଓ/ଇଏସ୍‌ଟିବି/ ଭଦ୍ରକ ବିଓ/ ଇଣ୍ଟେରିୟର ସିଭିଲ ଆଣ୍ଡ ଇଲେକ୍ଟ୍ରିକାଲ ୱାର୍କ/୫୫୦୮୦୧) ଯାହାକି ଏହି ବିଭାଗ ଦ୍ୱାରା ତା୧୬.୦୨.୨୦୨୬ରିଖରେ ଜାରି କରାଯାଇଥିଲା। ତଦନୁଯାୟୀ ସମସ୍ତ ସମ୍ଭାବ୍ୟ ବିଡରମାନଙ୍କୁ ଜଣାଇ ଦିଆଯାଉଛି କି, ବିଭାଗ ତରଫରୁ ନିମ୍ନମତେ ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି କରାଗଲା।

| ବିବରଣୀ | ମୂଳ ତାରିଖ | ସଂଶୋଧିତ ତାରିଖ |
|---|---|---|
| ବିଡ୍ ଦାଖଲର ସମାପ୍ତି ତାରିଖ | ୦୯.୦୩.୨୦୨୬ ଅପରାହ୍ନ ୫ ଘଟିକା | ୧୯.୦୩.୨୦୨୬ ଅପରାହ୍ନ ୫ ଘଟିକା |
| ବିଡ୍ ଖୋଲାଯିବା ତାରିଖ | ୧୦.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା | ୨୦.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା |

ବିଡ୍‌ରମାନେ ଟେଣ୍ଡର କାଗଜାତ୍ ଆମ୍ଭର ୱେବ୍‌ସାଇଟ୍: www.tenderwizard.com/NIAEPROCରୁ ଡାଉନଲୋଡ୍ କରିପାରିବେ।

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**AFFIDAVIT**
I, BOENA RAMA RAJU,S/o BOINA APPLA SWAMY, resident of At- Nuagam, PO - Soshahandi, PS - Kotpad, Dt - Koraput - 764056, Odisha declare by this Affidavit No. 1163, dated - 16/03/2026, that now onwards I shall be known as **BOINA RAMA RAJU** for all future purpose.

**Notice (for Minor)**
By virtue of an affidavit sworn before **Executive Magistrate Begunia, dated-12.03.2026, I, Bharati Nayak**, Vill-Radhakantapur, Po-Chakapada, Ps-Begunia, Dist-Khordha, Pincode-752062 declare that I have changed the name of my daughter from Lovely Nayak to Sujata Nayak. Henceforth, she shall be known as **Sujata Nayak** for all purposes.
**Bharati Nayak**

**AFFIDAVIT**
By virtue of an Affidavit before Notary Public, Malkangiri, I **Ghenu Badanayak**, aged about 38 Years, S/o.: Ghasi Badanayak, resident of Village: Chitapari-4, PO: Nilakhambari, P.S.: Orkel, Dist.: Malkangiri, declare by this Affidavit No.: 698/2026, Dated: 16/03/2026, that I have changed my name from Ghenu Hantal to **Ghenu Badanayak.** Henceforth I shall be known as **Ghenu Badanayak** for all future purposes.

**AFFIDAVIT**
I, BOINA NIRMALAW/o BOINA RAMA RAJU, resident of At- Nuagam, PO - Soshahandi, PS - Kotpad, Dt - Koraput -764056, Odisha declare by this Affidavit No. 1164, dated -16/03/2026, that now onwards I shall be known as **BOENA NIRMALA** for all future purpose.

**AFFIDAVIT**
By virtue of an affidavit no. 1920 before the Executive Magistrate, Sambalpur, dtd. 20.06.2025, I, Soumyaranjan Nayak, S/o Basant Nayak, At- Sakshigopinathpada, P.S. Dhanupali, Dist- Sambalpur, declare that my correct name is Soumyaranjan Nayak but in my CBSE certificate my name is wrongly written as Somya Ranjan Nayak. Both names is one and the same person. Henceforth, I shall be known as **Soumyaranjan Nayak** for all purposes.

**AFFIDAVIT**
By virtue of an affidavit no- 388, dated- 5/2/2026 sworn before Executive Magistrate, Banpur, declare that I, Pabitra Mohan Parida, aged about- 48 years, S/o- Baikuntha Parida of Address At- Bahadalpur, P.o-Sarakantar, P.s-Khandagiri, Dist-Khordha, Odisha, Pin-751019, declare that I have changed my name from Pabitra Kumar Parida to Pabitra Mohan Parida. Henceforth, I Pabitra Kumar Parida & Pabitra Mohan Parida both are one and same person. But now onwards I shall be known as Pabitra Mohan Parida, for all future purposes.
**Pabitra Mohan Parida**

**AFFIDAVIT**
By virtue of an affidavit no- 762, dated- 11/3/2026 sworn before Executive Magistrate, Banpur, declare that I, Pramoda Kumar Martha, S/o- Guna Martha of Address At- Nachhipur, Po-Panchugaon, Ps- Banpur, Dist-Khordha, Odisha, Pin-752035, declare that I have changed the name of my minor daughter's name from Pratueptarna Martha to Bhoomika Martha. Henceforth, she shall be known as **Bhoomika Martha** for all purposes.
**Bhoomika Martha**

**AFFIDAVIT**
By virtue of an affidavit no. 02 before the Executive Magistrate, Padampur, dtd. 17.03.2026, I, Manoranjan Nayak, S/o Dhaneswar Nayak, R/o Mahagaon, P.O. Chandibhata, P.S. Jagdalpur, Dist. Bargarh-768042, declare that my minor daughter's name has been changed from Sruti Nayak to Srutimayee Nayak. Henceforth, she shall be known as **Srutimayee Nayak** for all purposes.
**Manoranjan Nayak**

13001/664/2526
**OFFICE OF THE MUNICIPAL COUNCIL: DEOGARH**
e-mail: co-deogarhmcnp@gov.in
Notice No.: 796/DM, Dt. 16/03/2026
**Corrigendum notice to tender call notice No-627/DM, DT. 05.03.2026**
Key Correction made in the notice for the work — Privatization of Sanitation work Deogarh Municipal Council for ward no.- 01 to 11.
1. The Financial bid document in column no-3 may be read as the quantity of sweeper (unskilled) – 104 nos. instead of sweeper unskilled.
2. The Financial bid document in column no-4 & 5 may be blanked instead of 83 and 462 respectively.
3. In criteria and general instruction to tender in point no-18:Read as the workers should not be below 18 years and above 60 years instead of not below 18 years and above 50 years.
4. All other terms and conditions remain unchanged.
OIPR-13001/13088/1/25-26/0022
**Executive Officer**
**Deogarh Municipality**

32001/208/2526
**Office of the Superintending Engineer**
**Earth Dam Division**
At/Po: Chitrakonda, Dist. Malkangiri
E-mail: executiveengineereddckd@gmail.com
**QUOTATION CALL NOTICE NO: 02/2025-26 (Vehicle)**
Sealed quotations are invited from interested reputed service provider for providing 01 (One) no. of (1) AC Diesel/Petrol driven vehicle (Scorpio/Creta/Mahindra Marazzo) for Chief Construction Engineer, Potter Irrigation Project, Balimela;(2) AC Diesel/Petrol Driven vehicle (TUV300/Bolero/Sumo Gold/Ertiga) for Superintending Engineer, Earth Dam Division, Chitrakonda;(3) AC Diesel/Petrol Driven vehicle (Bolero) for Sub-Divisional Officer, Earth Dam Sub-Division No. I & II, Chitrakonda;(4) AC Diesel/Petrol Driven vehicle (Bolero) for Sub-Divisional Officer, Earth Dam Sub-Division No. III, Malkangirifor the year 2026-27 (Period from 01.04.2026 to 31.03.2027) for official use having seating capacity not more than ten including driver, which shall conform to the Terms and Conditions (Annexure-II) on monthly rent basis.The bidder(s) can furnish offer for one or more vehicles, but separate application form for individual vehicle should be furnished.
1. The application form of quotation containing General Bid Information & Terms and conditions for hiring of vehicles etc. will be available with the cashier of this office and can be obtained from 20.03.2026 from 10.00 A.M. to 26.03.2026 up to 5.00 P.M. on working days during working hours on payment of Rs.100/- (one hundred) only per set.
2. The completed quotation in all respect should reach the undersigned on or before 30.03.2026 by 1.30 P.M. and shall be opened on same day at 4.00 P.M.
3. The authority reserves the rights to reject any or all quotations without assigning any reason thereof.
4. Further details can be seen in the website Govt. of Odisha: www.odisha.gov.in
OIPR-32001/32019/1/25-26/0004
**Superintending Engineer**
**Earth Dam Division, Chitrakonda**

ଗ୍ରାମବାସୀ ଓ ପୁଲିସ ମୁହାଁମୁହିଁ ଘଟଣା

# ଦ୍ୱିତୀୟ ଦିନରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

- ଗ୍ରାମବାସୀ ନିର୍ଦ୍ଦୋଷରେ ଖଲାସ ନ ହେବା ପର୍ଯ୍ୟନ୍ତ ହଟିବୁ ନାହିଁ
- ବର୍ଷା ରାତିରେ ଧାରଣା ଦେଲେ ଆଦିବାସୀ
- ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଧାରଣା

ରାଇରଙ୍ଗପୁର, ୧୭।୩(ସମିସ):ବହଳଦାରେ ଜାତୀୟ ରାଜପଥ ଅବରୋଧ ବେଳେ ଗ୍ରାମବାସୀ ଓ ପୁଲିସ ମୁହାଁମୁହିଁ ଘଟଣାରେ ଗିରଫଙ୍କୁ ଖଲାସ ଦାବିରେ ଆନ୍ଦୋଳନ ଜାରି ରହିଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ମଧ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇଛି। ଗିରଫ ଆଦିବାସୀଙ୍କୁ ଖଲାସ କରିବା ସହ ବିରୁଦ୍ଧରେ ହୋଇଥିବା ମାମଲା ପ୍ରତ୍ୟାହାର ଓ ଅନ୍ୟାନ୍ୟ ଦାବିରେ ଧାରଣା ଜାରି ରହିଛି। ସୋମବାରଠାରୁ ଧାରଣା ଆରମ୍ଭ ହୋଇଛି। ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଛନ୍ତି। ଯାହାକୁ




ନେଇ ସୋମବାର ବର୍ଷା ରାତିରେ ମଧ ତମ୍ବୁ ପକାଇ ଧାରଣା ଦେଇଥିଲେ। ଧାରଣାସ୍ଥଳରେ ରୋଷେଇ କରି ଖାଇବା ସହ ସେଠାରେ ହିଁ ଶୋଇଥିଲେ। ମଙ୍ଗଳବାର ସକାଳୁ ଦ୍ୱିତୀୟ ଦିନରେ ଆନ୍ଦୋଳନ ଜାରି ରଖିଛନ୍ତି।

ବହଳଦା ବାଇପାସରେ ୨୨୦ନଂ ଜାତୀୟ ରାଜପଥ ଅବରୋଧ ବେଳେ ପୁଲିସ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। କଥା କଟାକଟି ହେବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଯାହାକୁ ନେଇ ପୁଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଏହାପରେ ଗ୍ରାମବାସୀ ପଥର, ଇଟା, ଲାଠିରେ ଆକ୍ରମଣ କରିବାରୁ ୧୨ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ସ୍ଥାନୀୟ ତହସିଲଦାରଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ରାସ୍ତାରେ ଓଲଟାଇ ଦେଇଥିଲେ। ଏ ନେଇ ବହଳଦା ଥାନାରେ ଏକ ମାମଲା ରୁଜୁ କରାଯାଇ ୩୪ ଜଣ ଗ୍ରାମବାସୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତେବେ ପୁଲିସ ପକ୍ଷରୁ ଆଦିବାସୀଙ୍କ ଉପରେ ପ୍ରଥମେ ଲାଠିଚାର୍ଜ ହେବାରୁ ଏପ୍ରକାର ସ୍ଥିତି ଉପୁଜିଛି। ତେଣୁ ଅମାନବୀୟ କାର୍ଯ୍ୟପନ୍ଥାକୁ ବିରୋଧ କରି ଗିରଫ ୩୪ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ମିଳିତ ଆଦିବାସୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏହାସହିତ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଗିରଫ ଗ୍ରାମବାସୀଙ୍କ ବିରୁଦ୍ଧରେ ମାମଲା ପ୍ରତ୍ୟାହାର କରି ନିର୍ଦ୍ଦୋଷରେ ଖଲାସ, ଘଟଣାର ସିବିଆଇ ତଦନ୍ତ ଓ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରିବା ନେଇ ଦାବି କରିଛନ୍ତି। ଅନେକ ସଂଖ୍ୟାରେ ଆଦିବାସୀ ଉପସ୍ଥିତ ରହି ଜିଲ୍ଲା ପ୍ରଶାସନ ଓ ପୁଲିସ ବିରୋଧରେ ନାରାବାଜି କରିଛନ୍ତି। ତେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳରେ ଆଦିବାସୀଙ୍କ ପ୍ରତି ପୁଲିସର ଏ ପ୍ରକାର କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଉକ୍ତ ଦାବି ଗୁଡ଼ିକ ପୂରଣ ନ ହେଲେ ଆଗକୁ ଆଦିବାସୀଙ୍କ ହକ ପାଇଁ ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଇଛି। ଏ ନେଇ ନେତୃ ମଣ୍ଡଳୀଙ୍କ ସହ ପୁଲିସ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। କୌଣସି ସମାଧାନର ବାଟ ନ ବାହାରିବାରୁ ଧାରଣା ଜାରି ରହିଛି। ତେବେ ଦ୍ୱିତୀୟ ଦିନର ଧାରଣାରେ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ଏହି ଧାରଣାରେ ବିଜେଡି, ଜେଏମଏମ, କଂଗ୍ରେସ, ଆସେକା, ମାସା ଆର୍ମୀ, ଭଞ୍ଜ ଖେରୱାଲ ଜୁମିଦ ସମେତ ଅନ୍ୟାନ୍ୟ ଆଦିବାସୀ ସଂଗଠନ ନେତା ଓ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୧୭।୩ (ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରୁ ମାଇନିଂ ବିଭାଗ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣରେ ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ବିଭାଗ ପକ୍ଷରୁ କନିଷ୍ଠ ଖଣି ଅଧିକାରୀ ମିଥୁନ ଗିରି ପୁରୁଣାପାଣି ଅଞ୍ଚଳରେ ଚଢ଼ଉ କରି ଟ୍ରାକ୍ଟର ଜବତ କରିଛନ୍ତି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଟ୍ରାକ୍ଟର ଅଟକାଇ ପଚରାଉଚରା କରିଥିଲା। ଗାଡ଼ି ମାଲିକ ବଳିଆ ହେମ୍ବ୍ରମଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

ବାରିପଦା ଅଗ୍ନିଶମ କେନ୍ଦ୍ରର ତଥ୍ୟ

## ୬ ବର୍ଷରେ ହାନୀଠାରୁ ରକ୍ଷା କରାଯାଇଛି ୮ ଗୁଣ ଅଧିକ ସମ୍ପତ୍ତି

ବାରିପଦା, ୧୭ ।୩(ସମିସ): ବାରିପଦା ଅଗ୍ନିଶମ କାର୍ଯ୍ୟାଳୟର ତଥ୍ୟ ଅନୁସାରେ ଗତ ୬ ବର୍ଷରେ (୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ) ୮୨୮ଟି ଫାୟାର କଲ୍ ଆସିଥିଲା। ସର୍ବାଧିକ ୨୨୨ଟି କଲ୍ ୨୦୨୧ରେ ହୋଇଥିଲା। ଯେଉଁଥିରେ ହାନୀ ୫୯.୯୯ ଲକ୍ଷ ହୋଇଥିଲେ ମଧ ରକ୍ଷା ହୋଇଥିବା ସମ୍ପତ୍ତି ୪୯୦.୬୧ ଲକ୍ଷ (ପ୍ରାୟ ୮ ଗୁଣ ଅଧିକ) ବୋଲି ଜଣାପଡ଼ିଛି।




୨୦୧୯ରେ ୧୨୨ଟି, ୨୦୨୦ରେ ୯୯ଟି, ୨୦୨୨ରେ ୧୨୪ଟି, ୨୦୨୩ରେ ୧୬୩ଟି ଓ ୨୦୨୪ରେ ୯୮ଟି କଲ୍ ରେକର୍ଡ ହୋଇଛି। ପ୍ରତିବର୍ଷ କ୍ଷତି ସମ୍ପତ୍ତିଠାରୁ ଅନେକ ଗୁଣ ଅଧିକ ସମ୍ପତ୍ତି ଅଗ୍ନିଶମ କର୍ମଚାରୀଙ୍କ ତୁରନ୍ତ ପଦକ୍ଷେପ ଯୋଗୁଁ ରକ୍ଷା ପାଇଛି। ଏହି ସଫଳତା ବାରିପଦା ଅଗ୍ନିଶମ ବିଭାଗର ନିଷ୍ଠା ଓ ପେଶାଦାରିତ୍ୱକୁ ପ୍ରମାଣିତ କରୁଛି। ତଥାପି ଅଗ୍ନିକାଣ୍ଡ ରୋକିବା ପାଇଁ ନାଗରିକଙ୍କ ସଚେତନତା ଓ ସୁରକ୍ଷା ନିୟମ ପାଳନ ଜରୁରୀ ବୋଲି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ସହରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅନୁମତି ନେଇଥିବା ମାଲିକଙ୍କ ଭୁଲ ତଥ୍ୟ ଚିନ୍ତା ବଢ଼ାଉଛି। ସହରରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ନର୍ସିଂହୋମ, ରିୟଲ ଷ୍ଟେଟ ବ୍ୟବସାୟୀ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନେବା ସମୟରେ ତଥ୍ୟ ଓ ବାସ୍ତବିକ ତଥ୍ୟ ମଧ୍ୟରେ ଫରକ ସମ୍ପ୍ରତି ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଆୟତ୍ତରେ ପ୍ରତିବନ୍ଧକ ସାଜୁଛି ବୋଲି ଶ୍ରୀ ମୁଣ୍ଡା କହିଛନ୍ତି। ଅଗ୍ନି ନିରାପତ୍ତା ନିୟମାବଳୀକୁ ଅନେକ ଅଣଦେଖା ବା ମାନୁନାହାନ୍ତି। ଯାହାକି ଭବିଷ୍ୟତ ପାଇଁ ସତର୍କ ଘଣ୍ଟି ବୋଲି କହିଛନ୍ତି।

ବର୍ତ୍ତମାନ ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଲେ ମୁକାବିଲା ପାଇଁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲା ଅଗ୍ନିଶମ ଅଧିକାରୀ ବିଶ୍ୱନାଥ ମୁଣ୍ଡା କହିଛନ୍ତି। ତାଙ୍କ ସୂଚନାନୁଯାୟୀ, ବର୍ତ୍ତମାନ ଏହି କାର୍ଯ୍ୟାଳୟରେ ୧୨ ଜଣ ନିୟମିତ ଆଗ୍ନିକ କାର୍ଯ୍ୟ କରୁଛନ୍ତି। ଏଥିରେ ୧୦ ଜଣ ନିୟମିତ ଓ ଅଧିକ ୨ ଜଣ (ଡେପୁଟେସନ) କର୍ମଚାରୀ ରହିଛନ୍ତି। ଏଥିସହିତ ୨ ଜଣ ଲିଡିଂଫାୟାର ଫାଇଟର ଓ ୨ ଜଣ ଡ୍ରାଇଭର ମଧ ଅଛନ୍ତି। ଦମକଳ ଗାଡ଼ି ମଧ୍ୟରେ ୧୫, ୦୦୦ ଲିଟର ପାଣି ବହନ କ୍ଷମତା ବିଶିଷ୍ଟ ଗୋଟିଏ ବଡ଼ ଦମକଳ ଯାନ, ୭, ୦୦୦ ଲିଟର କ୍ଷମତା ବିଶିଷ୍ଟ ଆଉ ଗୋଟିଏ, ୨, ୫୦୦ ଲିଟର ବିଶିଷ୍ଟ ଗୋଟିଏ ଗାଡ଼ି ରହିଛି। ଏହାବ୍ୟତୀତ ୪୦୦ ଲିଟର କ୍ଷମତା ବିଶିଷ୍ଟ ୨ଟି ଛୋଟ ଭେହିକଲ୍, ୨୨ ଲିଟର ଜଳ କ୍ଷମତା ବିଶିଷ୍ଟ ଗୋଟିଏ ଫାୟାର ବାଇକ୍ ଉପଲବ୍ଧ ଅଛି। ଅତ୍ୟାଧୁନିକ ଉପକରଣ ମଧ୍ୟରେ ରିମୋଟ୍ ପରିଚାଳିତ ରୋବଟ୍ ରହିଛି। ଯାହା ମଣିଷ କ୍ଷମତା ବାହାରେ ଅଗ୍ନି ନିୟନ୍ତ୍ରଣ କରିବାରେ ସହାୟକ ହେଉଛି। ଏଥିସହିତ ହାଇଡ୍ରୋଲିକ୍ କଟର, କମ୍ବି ଟୁଲ୍ସ, ପାୱାର ପ୍ୟାକ୍ ଓ ଧୂଆଁରୁ ଉଦ୍ଧାର ପାଇଁ ୩ଟି ସର୍ଫେସ୍ ବିଏ ସେଟ୍ ମଧ ରହିଛି। ବର୍ତ୍ତମାନ ଦୈନିକ ହାରାହାରି ୭ଟି ଫାୟାର କଲ୍ (ଅଗ୍ନିକାଣ୍ଡ ସୂଚନା) ଆଟେଣ୍ଡ କରାଯାଉଛି। ଏସବୁ ଉନ୍ନତ ଉପକରଣ ଓ ଲୋକବଳ ଯୋଗୁଁ ଜିଲ୍ଲାରେ ଅଗ୍ନି ଦୁର୍ଘଟଣା ପରିଚାଳନାରେ ଅଧିକ ଦକ୍ଷତା ଆସିଛି ବୋଲି ସେ ସୂଚନା ଦେଇଛନ୍ତି।

## ମୟୂରଭଞ୍ଜ ଜିଲ୍ଲାରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

ବେତନଟୀ, ୧୭।୩(ସମିସ): ରାଜ୍ୟର ସର୍ବବୃହତ ଓ ଆଦିବାସୀ ବହୁଳ ଜିଲ୍ଲା ମୟୂରଭଞ୍ଜ। ଏହି ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଯେପରି ଅବହେଳିତ ସ୍ୱାସ୍ଥ୍ୟ ଓ କୃଷି ଜଳସେଚନ କ୍ଷେତ୍ରରେ ମଧ ଅବହେଳିତ। ସେହିପରି ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କେତେକ ସ୍କୁଲରେ ପାଞ୍ଚଟି ଶ୍ରେଣୀ ପାଇଁ ଦୁଇଜଣ ଶିକ୍ଷକ ଥିବାବେଳେ ଦୁଇଟି ଶ୍ରେଣୀ କକ୍ଷ ରହିଛି। ସବୁଠୁ ଉଦବେଗ ଓ ଚିନ୍ତାଜନକ ବିଷୟ ହେଲା ୨୬ଟି ବ୍ଲକ ମଧ୍ୟରୁ ୧୫ଟି ବ୍ଲକରେ ବ୍ଲକ ଶିକ୍ଷାଧିକାରୀ ଥିବାବେଳେ ୧୧ଟି ବ୍ଲକରେ ଆଦୌ ଶିକ୍ଷା ଅଧିକାରୀ ନାହାନ୍ତି। ୧୫ରୁ ଅଧିକ ବ୍ଲକରେ ମଧ ଆବଶ୍ୟକ ସଂଖ୍ୟକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାହାନ୍ତି। ଫଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହେବାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଶୃଙ୍ଖଳା ରକ୍ଷା ହୋଇ ନ ପାରି ସାରା ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସରକାରଙ୍କ ଦାୟିତ୍ୱହୀନତା ପାଇଁ ଭୁଶୁଡି ପଡ଼ିବାକୁ ବସିଥିବା ଶିକ୍ଷକ ସଂଘ ପକ୍ଷରୁ ଗଣମାଧ୍ୟମରେ ଅଭିଯୋଗ କରାଯାଇଛି।

## ଏସ୍‌ସିବି ଅଗ୍ନିକାଣ୍ଡ ଓ କାଳବୈଶାଖୀ ମୃତକଙ୍କ ଉଦ୍ଦେଶ୍ୟରେ ଶୋକସଭା

ଉଦଳା, ୧୭।୩(ସମିସ): ରବିବାର ଅପରାହ୍ନରେ କରଞ୍ଜିଆ ଉପଖଣ୍ଡ ତାଟୋ ଅଞ୍ଚଳରେ ଘଟିଯାଇଥିବା କାଳବୈଶାଖୀର ତାଣ୍ଡବଲୀଳା ଯୋଗୁଁ ୨ ଜଣଙ୍କ ମୃତ୍ୟୁ ଓ ମଧରାତ୍ରରେ କଟକ ଏସସିବି ମେଡିକାଲ ଅଗ୍ନିକାଣ୍ଡରେ ୧୦ ଜଣ ରୋଗୀଙ୍କ ଶୋଚନୀୟ ମୃତ୍ୟୁ ଘଟଣାରେ ଉଦଳା ପ୍ରେସ କ୍ଲବ୍ ପରିସରରେ ଶୋକସଭା ଆୟୋଜନ କରାଯାଇ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଭଳି ସମୟରେ ମୃତକଙ୍କ ପରିବାରବର୍ଗଙ୍କୁ ଜଗନ୍ନାଥ ସହାୟ ହୁଅନ୍ତୁ ବୋଲି ପ୍ରାର୍ଥନା କରିଥିଲେ। ଉଦଳା ସଚେତନ ନାଗରିକ ସଙ୍ଘ ସଭାପତି ଯଜ୍ଞନାରାୟଣ ମହାନ୍ତି ଓ ବରିଷ୍ଠ ନାଗରିକ



ପ୍ରତାପ ପ୍ରଧାନ ଯୋଗଦେଇ କ୍ଲବର ସଭାପତି ଆନନ୍ଦ ଦାସଙ୍କ ସଭାପତିତ୍ୱରେ ଏଭଳି ଅଘଟଣ ନେଇ ଦୁଃଖ ପ୍ରକାଶ କରି ଓଡ଼ିଶାବାସୀ ସମସ୍ତ ମୃତକଙ୍କ ପରିବାର ସହ ରହିଥିବା କହିଥିଲେ। ତେବେ ବିଶ୍ୱସ୍ତରୀୟ ଡାକ୍ତରଖାନାରେ ସ୍ୱୟଂ ପ୍ରଶମିତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସାମିଲ ହୋଇଥିଲେ ଏଭଳି ଅଘଟଣକୁ ଏଡ଼ାଇ ଦିଆଯାଇପାରିଥା'ନ୍ତା ବୋଲି ମତ ଦେଇଥିଲେ। ଶୋକସଭାରେ ସମ୍ପାଦକ ଜଗବନ୍ଧୁ ପ୍ରଧାନ, ଉପସଭାପତି ହିମାଦ୍ରୀ ଶେଖର ପାଲ, ସଲାଏ ମାରାଣ୍ଡି, କରୁଣାକର ଦାସ, ସୁରେଶ୍ୱର ଜେନା, ଆପଦ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଦୁଣ୍ଡରିଆ ଗ୍ରାମରେ ମା' ମଙ୍ଗଳାଙ୍କ ପୂଜା



କପ୍ତିପଦା, ୧୭।୩(ସମିସ): ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଗାଁ ଗହଳି ଉତ୍ସବ ମୁଖର ହୋଇପଡ଼ିଛି। ଘରେ ଘରେ ପୂଜା ପାଉଛନ୍ତି ମା'ମଙ୍ଗଳା। କପ୍ତିପଦା ବ୍ଲକର ପ୍ରତ୍ୟେକ ଗ୍ରାମରେ ମା'ଙ୍କ ବାର୍ଷିକ ପୂଜା ଷୋଡ଼ଶ ଉପଚାରରେ ପାଳିତ ହୁଏ। ଏହି ମାସର ପ୍ରତ୍ୟେକ ମଙ୍ଗଳବାର ମା'ଙ୍କ ପୂଜା ଅନୁଷ୍ଠିତ ହୁଏ। ପ୍ରଥମ ମଙ୍ଗଳବାର ଦୁଣ୍ଡରିଆ ଗ୍ରାମରେ ଏହି ପୂଜା ପ୍ରତିବର୍ଷ ଭଳି ଏ ବର୍ଷ ମଧ ଧୂମଧାମରେ ପାଳିତ ହୋଇଛି। ଗ୍ରାମର ମହିଳା ସୋନ ନଦୀରୁ ଘଟ ଉତ୍ତୋଳନ କରି ଖୋଳ, କୀର୍ତ୍ତନ, ବାଜାବାଣ ରୋଷଣୀରେ ଗାଁରେ ପହଞ୍ଚି ଥିଲେ। ପରେ ମା'ଙ୍କ ମଣ୍ଡପରେ ଘଟ ସ୍ଥାପନ ପୂର୍ବକ ଯଥାରୀତି ପୂଜାପାଠ କରାଯାଇଥିଲା। ମୁଖ୍ୟ ପୁରୋଧା ଭାବେ ବଳଭଦ୍ର ମହାନ୍ତି ସପତ୍ନୀକ ସଂକଳ୍ପ ଓ ପୂଜା କାର୍ଯ୍ୟ ତୁଲାଇଥିଲେ। ବିଭିନ୍ନ ଅଞ୍ଚଳରୁ ବ୍ରତଧାରୀ ଓ ଭକ୍ତଙ୍କ ସମାବେଶ ହୋଇଥିଲା।

## ଶୁକ୍ରୁଳି କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଶୁକ୍ରୁଳି, ୧୭।୩(ସମିସ): ଶୁକ୍ରୁଳି ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଆଜି ଉଦଯାପିତ ହୋଇଛି। ୯ ତାରିଖରେ ଆରମ୍ଭ ହୋଇଥିବା ଏହି ତାଲିମ ଶିବିରକୁ ଅଧ୍ୟକ୍ଷ ଉଦଘାଟନ କରିଥିଲେ। ଶିବିରରେ ମାଷ୍ଟର ଟ୍ରେନର ସୌମ୍ୟାରାଣୀ ଘଣା ଓ ଟ୍ରେନର ମଧୁସ୍ମିତା ମହାପାତ୍ର ୧୨୭ ଜଣ ଛାତ୍ରୀଙ୍କୁ ଦୁଇଟି ଗ୍ରୁପରେ ତାଲିମ ଦେଇଥିଲେ। ଆଜି ଉଦ୍‌ଯାପନୀ ଉତ୍ସବରେ ଶୁକ୍ରୁଳି ଅଗ୍ନିଶମ ବିଭାଗର ଷ୍ଟେସନ ଅଫିସର ଚନ୍ଦ୍ରଶେଖର ଜେନା ଯୋଗଦେଇ ଶୁଭାରମ୍ଭ କରିଥିଲେ। ପରେ ଛାତ୍ରୀମାନେ 'ହମ୍ ହୋଙ୍ଗେ କାମିୟାବ' ସଙ୍ଗୀତ ଗାନ କରିବା ପରେ ତାଲିମ ପାଇଥିବା ଛାତ୍ରୀ କୌଶଳ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଛାତ୍ରୀଙ୍କୁ ଆତ୍ମବିଶ୍ୱାସ ରଖି ଏହି ଶିକ୍ଷାକୁ କାର୍ଯ୍ୟରେ ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ। ତାଲିମ କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁପ୍ରଭାରାଣୀ ପୃଷ୍ଟି ଓ ଖେଳ ଶିକ୍ଷକ ପ୍ରଶାନ୍ତ ମାଝୀ ପରିଚାଳନା କରିଥିଲେ। ଅଧ୍ୟାପକ ସରୋଜ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ନିର୍ମଳ ମଲ୍ଲ, ଅଧ୍ୟାପକ ସରୋଜ ପଲେଇ ଅଧ୍ୟାପିକା ବିଦ୍ୟୁତପ୍ରଭା ପୃଷ୍ଟି, ଅଧ୍ୟାପକ ବିଶ୍ୱରଞ୍ଜନ ମାଝୀ, ଅଧ୍ୟାପିକା ସୁପ୍ରଭାରାଣୀ ପୃଷ୍ଟି, ଅଧ୍ୟାପିକା ରଶ୍ମିତାରାଣୀ ଗିରି, ଅଧ୍ୟାପିକା ଲୀନାରାଣୀ ଦଳେଇ ପ୍ରମୁଖ ଯୋଗଦେଇ ଯୋଗ ଦେଇଥିଲେ।

## ଉଡ଼ା ପର୍ବ କମିଟିର ପ୍ରସ୍ତୁତି ବୈଠକ



ମହୁଲଡିହା, ୧୭।୩ (ସମିସ): ପଣା ସଂକ୍ରାନ୍ତି ଅବସରରେ ଠାକୁରମୁଣ୍ଡା ମା'ବସୁଳୀଙ୍କ ପୀଠରେ ହେବାକୁ ଥିବା ଉଡ଼ା ପର୍ବ ପାଇଁ ପ୍ରସ୍ତୁତି ବୈଠକ ମା' ବସୁଳୀ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଉଡ଼ା କମିଟିର ନୂତନ ଭାବେ ଚୟନ ହୋଇଥିବା ସମ୍ପାଦକ ପ୍ରକାଶ ସାହୁଙ୍କ ଆହ୍ୱାନକ୍ରମେ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ଠାକୁରମୁଣ୍ଡା ଥାନା ଏସଆଇ ଅନୀତା ସ୍ୱାଇଁ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ, ସମିତି ସଭ୍ୟ ଅଜୟ ପଲେଇ, ମନ୍ଦିରର ମୁଖ୍ୟ ପୂଜକ (ଦେହୁରୀ), କଣ୍ଟା ଫୋଡା ଦେହୁରୀ, ଖୁଣ୍ଟ ଦେହୁରୀ, ଗ୍ରାମ ଦେହୁରୀଙ୍କ ସମେତ ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଉଡା ପର୍ବ କିପରି ଠିକ୍ ସମୟରେ ହୋଇ ଶେଷ ହେବ, ସେ ସମ୍ପର୍କରେ ଦେହୁରୀଙ୍କ ମତାମତ ଗ୍ରହଣ କରାଯାଇଥିଲା। ଯାତ୍ରା ସମସ୍ୟାରେ ଆଲୋକ ବ୍ୟବସ୍ଥା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବ, ତାହା ଆଲୋଚନା କରାଯାଇଥିଲା। ଉଡା ପର୍ବ ଠିକ ସମୟରେ ଶେଷ କରିବାକୁ ବିଭିନ୍ନ ବିଭାଗର ଦେହୁରୀ ସମ୍ମତି ପ୍ରକାଶ କରିଥିଲେ।

■ ଟୋକନ୍ ଅବଧି ଶେଷ

## ଧାନ ବିକି ନ ପାରି ଚାଷୀଙ୍କ ଅସନ୍ତୋଷ; ଆନ୍ଦୋଳନ ଚେତାବନୀ

ବାରିପଦା, ୧୭ ।୩(ସମିସ): ଖୁଣ୍ଟା ବ୍ଲକ ଅନ୍ତର୍ଗତ ବାସିପିଠା ଓ ବଡ଼ସାହି ବ୍ଲକ ସାନକେରକ ଲ୍ୟାମ୍ପସରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଚାଷୀ ଏବେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଧାନମଣ୍ଡି ଟୋକନର ସମୟ ଅବଧି ସରି ଯାଇଥିବାରୁ ଚାଷୀମାନେ ନିଜର କଷ୍ଟ ଅର୍ଜିତ ଧାନ ବିକ୍ରି କରିପାରୁନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଚାଷୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।



ବାସିପିଠା ଓ ସାନକେରକ ଲ୍ୟାମ୍ପସ ଅଧୀନରେ ଥିବା ଚାଷୀ ସରକାରୀ ନିୟମ ଅନୁଯାୟୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରି ଟୋକନ୍ ପାଇଥିଲେ। ମାତ୍ର ଟାର୍ଗେଟ ଆସି ନ ଥିବା କହି ମଣ୍ଡିକୁ ଧାନ ଆଣିବାକୁ ମନା କରି ଟୋକନ ଧାର୍ଯ୍ୟ ହୋଇଥିବା ସମୟ ଶେଷ ହୋଇଗଲା। ସମୟ ମଧ୍ୟରେ ମଣ୍ଡିରେ ଧାନ ପକାଇବା ସମ୍ଭବ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ଧାନ ପକାଇବା ପାଇଁ ୧୫ ଦିନ ସମୟ ବୃଦ୍ଧି କରାଯାଇଥିଲେ ହେଁ ସେଥିମଧ୍ୟରୁ ୫ ଦିନ ମଧ ବିତିଗଲାଣି। ଏହାପରେ ମଧ ଚାଷୀ ଧାନ ବିକ୍ରି କରିବା ସୁଯୋଗ ପାଇନାହାନ୍ତି। ଚାଷୀମାନେ ଦାବି କରିଛନ୍ତି ଯେ, ଯଦି ତୁରନ୍ତ ଏହି ସମସ୍ୟାର ସମାଧାନ କରାଯାଇ ଧାନ ଉଠାଇବା ପାଇଁ ବ୍ୟବସ୍ଥା କରା ନ ଯାଏ, ତେବେ ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ବାସିପିଠା ଲ୍ୟାମ୍ପସ ସମ୍ମୁଖ ଓ ସାନକେରକ ଲ୍ୟାମ୍ପ୍‌ସ ସମ୍ମୁଖ ୧୯ ନଂ ରାଜ୍ୟ ରାଜପଥ, ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତା ରଖି ଚାଷୀମାନେ ଗଣଧାରଣା ଦେବେ ବୋଲି କହିଛନ୍ତି।

ରାଇରଙ୍ଗପୁର ରେଳ ଷ୍ଟେସନରେ ଯାତ୍ରୀଙ୍କୁ ମିଳୁନି ମୌଳିକ ସୁବିଧା

## ଯାତ୍ରୀ ପ୍ରତୀକ୍ଷା ପାଇଁ ନାହିଁ ବସିବା ସ୍ଥାନ

ରାଇରଙ୍ଗପୁର, ୧୭।୩ (ସମିସ): ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ରାଇରଙ୍ଗପୁର ଷ୍ଟେସନରେ ଯାତ୍ରୀଙ୍କୁ ମୌଳିକ ସୁବିଧା ମିଳୁନାହିଁ। ରେଳ ବିଭାଗ ପକ୍ଷରୁ ଯାତ୍ରୀଙ୍କ ସୁବିଧା ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବା କଥା, ତାହାକୁ କର୍ତ୍ତୃପକ୍ଷ ଭୁଲି ଯାଇଛନ୍ତି। ଯାତ୍ରୀ ରାଇରଙ୍ଗପୁର ରେଳ ଷ୍ଟେସନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଷ୍ଟେସନରେ ଯାତ୍ରୀ ସୁବିଧାରେ ଅଭାବ ଥିବା କଥା ସାମ୍ନାକୁ ଆସିଛି। ଟ୍ରେନକୁ ଅପେକ୍ଷାରତ ଯାତ୍ରୀ ପ୍ଲାଟଫର୍ମରେ ମୌଳିକ ସୁବିଧା ନ ପାଇ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହେଉଛି।

ବାଦାମପାହାଡ଼ ଓ ଟାଟାନଗର ଟ୍ରେନ୍ ରାଇରଙ୍ଗପୁର ଦେଇ ଚଳାଚଳ କରିଥାଏ। ଟାଟା ନିକଟସ୍ଥ ବ୍ୟବସାୟିକ କେନ୍ଦ୍ର ସ୍ଥଳ ଥିବାରୁ ଅନେକ ଲୋକେ ଉକ୍ତ ଟ୍ରେନ ଉପରେ ନିର୍ଭରଶୀଳ ଅଟନ୍ତି। କିନ୍ତୁ ଟ୍ରେନ ଚଳାଚଳ ସମୟ ସାରଣୀ ନିୟମିତ ବିଳମ୍ବ ପାଇଁ ଯାତ୍ରୀ ଘଣ୍ଟା ଘଣ୍ଟା ଧରି ଷ୍ଟେସନରେ ଅପେକ୍ଷା କରି ରହୁଛନ୍ତି। କିନ୍ତୁ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିବା ଯାତ୍ରୀଙ୍କୁ ଯମ ଯନ୍ତ୍ରଣା ସଦୃଶ ସାଜିଛି। ରେଳ ଷ୍ଟେସନରେ ପାନୀୟ ଜଳ, ଯାତ୍ରୀ ପ୍ରତୀକ୍ଷା ପାଇଁ ବସିବା ବ୍ୟବସ୍ଥା, ସ୍ୱଚ୍ଛତା ଓ ଯାତ୍ରୀ ସୁରକ୍ଷା ବ୍ୟବସ୍ଥା ଭଳି ମୌଳିକ ସୁବିଧା ପ୍ରଦାନ କରାଯାଉନାହିଁ। ନୂତନ ଅମୃତ ଭାରତ ରେଳ ଷ୍ଟେସନ ନିର୍ମାଣ କାର୍ଯ୍ୟ ହେଉଥିବାରୁ ପୁରୁଣା ରେଳ ଷ୍ଟେସନ ମରାମତି ପ୍ରତି ମନ ନିବେଶ କରୁନାହାଁନ୍ତି। ସାଧାରଣ ଯାତ୍ରୀଙ୍କ ପାଇଁ ଏହା ଏକ




ବଡ଼ ସମସ୍ୟା ସାଜିଛି। ନୂତନ ଷ୍ଟେସନ ସମ୍ପୂର୍ଣ୍ଣ ନିମନ୍ତେ ଆହୁରି ସମୟ ଲାଗିବାକୁ ଥିବାବେଳେ ସେ ପର୍ଯ୍ୟନ୍ତ ଲୋକେ ପୁରୁଣା ଷ୍ଟେସନରୁ ଯାତ୍ରା କରିବା ଯନ୍ତ୍ରଣାଦାୟକ ସାଜିଛି। ଏଥିପ୍ରତି ବିଭାଗୀୟ ଉଦାସୀନତା ଦେଖିବାକୁ ମିଳୁଛି। ଜିଆରପି ଥାନା ନ ଥିବାରୁ ଢିଲା ସୁରକ୍ଷା ବ୍ୟବସ୍ଥା ଆହୁରି ବଡ଼ ସମସ୍ୟା ସାଜିଛି। ସନ୍ଧ୍ୟା ହେଲେ ଷ୍ଟେସନରେ ଅପରାଧିକ କାର୍ଯ୍ୟକଳାପର ମଧ ଭୟ ରହିଛି। ରାଇରଙ୍ଗପୁର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିଜ ଅଞ୍ଚଳ ହୋଇଥିବାବେଳେ ଉନ୍ନତିମୂଳକ କାମ ଜାରି ରହିଛି। ତେବେ ରାଇରଙ୍ଗପୁର ରେଳ ଷ୍ଟେସନରେ ମୌଳିକ ସୁବିଧା

■ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ

ନ ମିଳିବା ଏକ ଲଜ୍ଜାଜନକ ଘଟଣା ଅଟେ। ଏ ନେଇ ରେଳ ବିଭାଗ ଗମ୍ଭୀରତାର ସହ ନେଇ ଯାତ୍ରୀଙ୍କ ସୁବିଧାକୁ ପ୍ରାଥମିକତା ଦେଇ ଶୀଘ୍ର ସମସ୍ୟାର ସମାଧାନ କରିବାର ଆବଶ୍ୟକତା ରହିଛି। ପ୍ଲାଟଫର୍ମରେ ପିଇବା ପାଣି, ସ୍ୱଚ୍ଛତା, ପରିଷ୍କାର ଶୌଚାଳୟ ବ୍ୟବସ୍ଥା, ଯାତ୍ରୀଙ୍କ ପାଇଁ ଯଥେଷ୍ଟ ବସିବା ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଫଳରେ ଯାତ୍ରୀଟି ସୁବିଧାରେ ଯାତ୍ରା କରିପାରିବ।

## ଅନ୍ଧାରୀ ଜୀବନ କାଟୁଛନ୍ତି ସାରୁଡ଼ାବାସୀ

ତେଲକୋଇ, ୧୭।୩(ସମିସ): ସ୍ୱାଧୀନତାର ସାତ ଦଶନ୍ଧି ବିତିଗଲାଣି। ସରକାର ପରେ ସରକାର ବଦଳି ଶାସନ ଭାର ସମ୍ଭାଳିଛନ୍ତି; କିନ୍ତୁ ଗରିବ ଆଦିବାସୀଙ୍କ ଭାଗ୍ୟ ବଦଳି ପାରିନାହିଁ। ବିଦ୍ୟୁତ୍ ଭଳି ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ ହୋଇ ଅନ୍ଧାରୀ ଜୀବନ କାଟୁଛନ୍ତି ସାରୁଡାବାସୀ। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ଉପାନ୍ତ କାଳିଆହତା ପଞ୍ଚାୟତ ଅନ୍ତର୍ଗତ ସାରୁଡା ଗ୍ରାମ। ୭୦ରୁ ଉର୍ଦ୍ଧ୍ୱ ଜୁଆଙ୍ଗ, ମୁଣ୍ଡା ତଥା ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ଗାଁକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପକ୍କା ରାସ୍ତା ହୋଇଛି। ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ପାଉଥିବା ବେଳେ ଆଜିଯାଏଁ ବିଜୁଳି ଆଲୁଅ ତାଙ୍କ ପାଇଁ ସାତ ସପନ ପାଲଟିଛି। ମୋବାଇଲ ଫୋନ ଚାର୍ଜ କରିବା ପାଇଁ ୧ କିମି ଦୂର କେରାଙ୍ଗ, ୨ କିମି ଗଲଦା ଓ ୧୦ କିମି ଦୂର କାଳିଆହତା ଆସିବାକୁ ପଡୁଛି। ରାତିରେ ଗାଁ ଅନ୍ଧାର ହୋଇ ପଡିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଗାଁରେ ଜଙ୍ଗଲୀ ଜୀବଜନ୍ତୁ ତଥା ସରୀସୃପ ଭୟ ରହିଛି। ସଞ୍ଜ ନଇଁବା ମାତ୍ରେ ଘର ଭିତରେ ଜୀବନ କାଟିବାକୁ ପଡୁଛି ଗ୍ରାମବାସୀଙ୍କୁ। ପିଲାଙ୍କ ପାଠପଢା କଥା ପଚାରେ କିଏ? କାଠ ନିଆଁର ସାହାରାରେ ରାତ୍ରୀ ଭୋଜନ। ସରକାରଙ୍କ ବିଜୁଜ୍ୟୋତି, ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତ୍ କରଣ, ଦୀନଦୟାଲ କୁଟୀର ଜ୍ୟୋତି ଭଳି ଅନେକ ଯୋଜନାରେ ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଉଦ୍ୟମ କରାଯାଇଛି; କିନ୍ତୁ ସାରୁଡାବାସୀ ସେସବୁ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ତଥା ରାଜନେତା ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରି କିଛି ଲାଭ ହେଉନାହିଁ। ନିର୍ବାଚନ ବେଳେ ଗାଁକୁ ବିଦ୍ୟୁତ୍ କରଣ କରାଯିବ ବୋଲି କେବଳ ଅନେକ ପ୍ରତିଶ୍ରୁତି ମିଳୁଛି। ନିର୍ବାଚନ ସରିଗଲେ କେହି ତାଙ୍କ କଥା ଶୁଣି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ନିର୍ବାଚନରେ ମଧ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଗ୍ରାମବାସୀ ଶାସକ ଦଳ ନିକଟରେ ଦାବି କରିଥିଲେ।



ଏପରିକି ନିର୍ବାଚନ ବର୍ଜନ କରିବାକୁ ମଧ ଚେତାବନୀ ଦେଇଥିଲେ। ତେବେ, ସ୍ଥାନୀୟ ନେତୃବର୍ଗ ନିର୍ବାଚନ ପରେ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତାହା ସମ୍ଭବ ହେଉଛି କି ନାହିଁ ଆଗାମୀ ଦିନରେ ଜଣାପଡିବ। ୧୨ ବର୍ଷ ତଳେ ଗାଁକୁ ସୌରଶକ୍ତି ପ୍ରକଳ୍ପ ମାଧ୍ୟମରେ ଆଲୋକୀକରଣ କରାଯାଇଥିଲା। ନିମ୍ନମାନର ଯନ୍ତ୍ରାଂଶ ତଥା ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇ ଯାଇଛି ବୋଲି ଗ୍ରାମର ଠାକୁର ଟୁଡୁ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ବିଦ୍ୟୁତ୍ ସେବା ଯୋଗାଇ ନ ଦେଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

**ସରକାର ବଦଳିବା ପରେ ନବୀନଙ୍କ ଅବଦାନ ସାଜିଛି ସାତସପନ**

## ଦୁର୍ଗମ ଅଞ୍ଚଳରେ ନାହିଁ ଲକ୍ଷ୍ମୀ ବସ୍ ସେବା

- ଯାତାୟାତ ପାଇଁ ଲୋକେ ଭୋଗୁଛନ୍ତି ନାନାଦି ସମସ୍ୟା
- ଲକ୍ଷ୍ମୀ ବସ୍ ଚଳାଚଳ ଦାବିରେ ଗ୍ରାମବାସୀଙ୍କ ଧାରଣା

ରାଇରଙ୍ଗପୁର,୧୭।୩(ସମିସ): ଗ୍ରାମରୁ ସହରକୁ ଦୂରତା କମାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଲକ୍ଷ୍ମୀ ବସ ଯୋଜନା ବିଜତଳା ବ୍ଲକର ଦୁର୍ଗମ ଅଞ୍ଚଳରେ ଏବେ ଅପହଞ୍ଚ ହୋଇଛି। ପୂର୍ବରୁ ୫ ଟଙ୍କାରେ ଘରୁ ବାହାରି ସହର ଯାଉଥିବାବେଳେ ମହିଳାଙ୍କ ନିମନ୍ତେ ଅଧିକ ସୁବିଧା ଉପଲବ୍ଧ ଥିଲା। କିନ୍ତୁ ଆଦିବାସୀ ବହୁଳ ବିଜାତଳା ବ୍ଲକ୍‌ରେ ସୁଗମ ଯୋଗାଯୋଗ ବ୍ୟବସ୍ଥା ସରକାର ବଦଳିବା ପରେ ସାତସପନ ହୋଇଛି। ଯାତାୟାତ ପାଇଁ ଲୋକେ ନାନାଦି ସମସ୍ୟା ଭୋଗୁଥିବାରୁ ଲକ୍ଷ୍ମୀ ବସ ଚଳାଚଳ ଦାବିରେ ଗ୍ରାମବାସୀ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ବିଜତଳା ବ୍ଲକ୍‌ର ମଡେଇକଚା ପଞ୍ଚାୟତ ଦୁର୍ଗମ ଗ୍ରାମ ଅଟେ। ଯେଉଁଠିକି ଗମନାଗମନ ପାଇଁ କୌଣସି ମାଧ୍ୟମ ନ ଥିବାବେଳେ ଲକ୍ଷ୍ମୀ ବସ ଏକମାତ୍ର ସାହାରା ଅଟେ। କିନ୍ତୁ ତାହା ଗ୍ରାମକୁ ଚଳାଚଳ କରୁନାହିଁ। ଯାହାକୁ ନେଇ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଇରଙ୍ଗପୁର ମୁଖ୍ୟାଳୟକୁ କୌଣସି ବସ ଯୋଗାଯୋଗ ନ ଥିବାବେଳେ ମାଇଲ ମାଇଲ ବାଟ ଚାଲିକି କିମ୍ବା ବାଇକରେ ଆସିବାକୁ ପଡୁଛି। ନିର୍ବାଚନ ସମୟରେ ଭୋଟ ନେବାକୁ ନେତାମାନେ ଉକ୍ତ ଦୁର୍ଗମ ଅଞ୍ଚଳକୁ ଆସିଥିବାବେଳେ ନିର୍ବାଚନ ଜିତିବା ପରେ ଦୁର୍ଗମ ଅଞ୍ଚଳର ସମସ୍ୟା ବାବଦରେ ସାଂସଦ ଓ ବିଧାୟକ ଭୁଲିଯାଇଛନ୍ତି। ପୂର୍ବ ସରକାରଙ୍କ ଲକ୍ଷ୍ମୀ ବସ ସେବା ଏକ ଯୁଗାନ୍ତକାରୀ ପଦକ୍ଷେପ ଥିବାବେଳେ ଉପାନ୍ତ ଅଞ୍ଚଳର ଉକ୍ତ ଗ୍ରାମଗୁଡ଼ିକ ପାଇଁ ବରଦାନ ସାଜିଥିଲା। ଲୋକେ ସ୍ୱଳ୍ପ ଖର୍ଚ୍ଚରେ ଗ୍ରାମରୁ ସହରକୁ ଯାତାୟାତ କରିବା ସହ ଲାଭବାନ ହେଉଥିଲେ। କିନ୍ତୁ ବିଜତଳା ବ୍ଲକର ଉକ୍ତ ଉପାନ୍ତ ଗ୍ରାମରେ ଲକ୍ଷ୍ମୀ ବସ ସେବା ପାଇଁ ସରକାର ମନ ନିବେଶ କରୁନାହାଁନ୍ତି। ଗମନାଗମନ ଅଭାବରୁ ଉକ୍ତ ଗ୍ରାମକୁ ବିକାଶ ଅପହଞ୍ଚ ହୋଇ ରହିଛି। ଯାତାୟାତ ଭଳି ମୌଳିକ ସୁବିଧା ଯୋଗାଇବାରେ ରାଜ୍ୟର ବିଜେପି ସରକାର ବିଫଳ ହୋଇଛନ୍ତି। ଏ ନେଇ ବାମନଘାଟି ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣିରେ ପୂର୍ବରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି। କିନ୍ତୁ କୌଣସି ସମାଧାନ ହେଲାନାହିଁ। ଯାହାକୁ ନେଇ ଗ୍ରାମବାସୀ ଧାରଣା ଦେଇଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ଘଟଣାସ୍ଥଳକୁ ବିଜାତଳା ବିଡିଓ, ରାଇରଙ୍ଗପୁର ଏସଡିପିଓ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରୀ ପ୍ରମୁଖ ଯାଇ ଆନ୍ଦୋଳନରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଗ୍ରାମକୁ ଲକ୍ଷ୍ମୀ ବସ୍ ଚଳାଚଳ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଖବର ଲେଖା ଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।



## ୧୫ତମ ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଗଡ଼ପଳାଶୁଣି ଚାମ୍ପିଅନ



ତେଲକୋଇ, ୧୭।୩(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଦେଉଳଡିହା ବାପୁଜୀ କ୍ଲବ୍ ଆନୁକୂଲ୍ୟରେ ୧୫ତମ ପଞ୍ଚଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦଯାପନୀ ମ୍ୟାଚ ଗଡପଳାଶୁଣି ଓ ଦେଉଳଡିହା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଡପଳାଶୁଣି ଦଳ ଚାମ୍ପିଅନ ହୋଇଥିବା ବେଳେ ଦେଉଳଡିହା ରନର୍ସ ଅପ୍ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦୁ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରମେଶଚନ୍ଦ୍ର ପ୍ରଧାନ, ପୂର୍ବତନ ସମିତିସଭ୍ୟ ତପନ ପ୍ରଧାନ, ଶିକ୍ଷକ ଶ୍ରୀଧର ଖୁଣ୍ଟିଆ ଯୋଗ ଦେଇଥିଲେ। ଜିତେନ୍ଦ୍ର ସାହୁ, ଜ୍ଞାନରଞ୍ଜନ ଦାଶ, ସଞ୍ଜୀବ ସାହୁ ଓ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

## ରମେଶ ସାହୁଙ୍କ ପରଲୋକ



ତୁରୁମୁଙ୍ଗା, ୧୭।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ କଇଣ୍ଡା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ରମେଶ ସାହୁଙ୍କ ୭୫ ବର୍ଷ ବୟସରେ ପରଲୋକ ଘଟିଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବାବେଳେ ସୋମବାର ରାତି ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ଖବର ପ୍ରସାରିତ ହେବା ପରେ କଇଣ୍ଡା ଏବଂ ଏହାର ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ସହ ବହୁ ବିଶିଷ୍ଟବ୍ୟକ୍ତି ବିଶେଷ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ବୋହୂ ନାତି ନାତୁଣୀ ଉପସ୍ଥିତ ଥିବା ବେଳେ ବୈତରଣୀ ନଦୀ କୂଳରେ ବଡ଼ପୁଅ କ୍ଷୀରୋଦ ସାହୁ ମୁଖାଗ୍ନି ଦେଇଥିଲେ।

## ହରିଣ ଶିକାର ଅଭିଯୋଗରେ ୩ ଶିକାରୀ କୋର୍ଟ ଚାଲାଣ

ଠାକୁରମୁଣ୍ଡା,୧୭।୩(ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ହରିଣ ଶିକାର ଘଟଣାରେ ଠାକୁରମୁଣ୍ଡା ରେଞ୍ଜ କର୍ମଚାରୀ ୩ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛନ୍ତି। କୋର୍ଟ ଚାଲାଣ ହୋଇଥିବା ୩ ଜଣ ଶିକାରୀ କେଶଡ଼ିହା ପଞ୍ଚାୟତ ଅନ୍ତର୍ଗତ ମିଟୁଆଣି ଗ୍ରାମର ଅଶୋକ ପାତ୍ର, ରବୀନ୍ଦ୍ର ବେହେରା, ମାନସିଂ ହୋ। ଶିମିଳିପାଳ ଜଙ୍ଗଲରୁ ଚାଲି ଆସିଥିବା ଏକ ହରିଣକୁ ଦେଖି ପିଛା କରି ସଂପୃକ୍ତ ୩ ଜଣ ପଥର ଓ ଠେଙ୍ଗା ସାହାଯ୍ୟରେ ହରିଣକୁ ମାରି ଦେଇଥିଲେ। କୌଣସି ସୂତ୍ରରୁ ସୂଚନା ପାଇ କେଶଡ଼ିହା ଫରେଷ୍ଟ ବିଟ କର୍ମଚାରୀ ପହଞ୍ଚି ଅନୁସନ୍ଧାନ କରିବା ପରେ ସଂପୃକ୍ତ ଶିକାରୀ ୩ ଜଣ ଗୋଟିଏ ସ୍ଥାନରେ ଥିବାବେଳେ ସେମାନଙ୍କୁ ଧରିଥିଲେ। ହରିଣକୁ ମାରିବା ପରେ ମାଂସ ଓ ଚମଡା ନେବାକୁ ସେମାନେ କିଛି ଦୂରରେ ମୃତ ହରିଣକୁ ଲୁଚାଇ ରଖିଥିଲେ। ବନ କର୍ମଚାରୀ ହରିଣକୁ ଜବତ କରିଥିଲେ।



## ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଉଦଳା,୧୭।୩(ସମିସ): କପ୍ତିପଦା ଉପଖଣ୍ଡସ୍ତରୀୟ ୯୧ତମ ଓଡ଼ିଶା ଦିବସ ଉଦଳାରେ ପାଳନ ଉପଲକ୍ଷେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ, ବିଭିନ୍ନ ବିଭାଗୀୟ ଅଧିକାରୀ, ବେସରକାରୀ ସଦସ୍ୟ, ବିଭିନ୍ନ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା, ଗଣମାଧମ ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନା କରାଯାଇ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ଓଡ଼ିଶା ଦିବସ ଦିନ ପ୍ରତ୍ୟୁଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ସହରାଞ୍ଚଳରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯିବା ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ରଭାତ ଫେରୀ ଶୋଭାଯାତ୍ରାରେ ବାହାରି ସକାଳ ୭ ଘଟିକା ସୁଦ୍ଧା ଉତ୍କଳ ଗୌରବ ମଧୁସୂଦନଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ହେବେ। ଛାତ୍ରଛାତ୍ରୀଙ୍କ ଗହଣରେ ଉପସ୍ଥିତ ଅତିଥି ବୃନ୍ଦ ଉତ୍କଳ ଗୌରବ ମଧୁସୂଦନ, ବୀର ବିର୍ସା ମୁଣ୍ଡା, ଅଟଳବିହାରୀ ବାଜପେୟୀ, ଡଃ ବି.ଆର. ଆମ୍ବେଦକର ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିସାରିବା ପରେ ଶେଷରେ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ଓ ମହାବିଦ୍ୟାଳୟ ପରିସରରେ ସାଧାରଣସଭା ଆୟୋଜନ କରାଯିବ।

ଏ ଅବସରରେ ଉଚ୍ଚପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବାକୁ ସ୍ଥିର ହୋଇଛି। ଉପଖଣ୍ଡର ଚାରୋଟି ବ୍ଲକ ସ୍ତରରେ ଉକ୍ତ ପ୍ରତିଯୋଗିତା ପୂର୍ବରୁ ଆୟୋଜନ କରି ପ୍ରତ୍ୟେକ ବିଭାଗରୁ ସର୍ବଶ୍ରେଷ୍ଠ ଜଣେ କୃତୀ ପ୍ରତିଯୋଗୀଙ୍କ ନାମ ସମ୍ପୃକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ନୋଡ଼ାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ନୋଡ଼ାଲ ମହାବିଦ୍ୟାଳୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବେ। ସାଧାରଣ ସଭା ପରିସରରେ ଉପରୋକ୍ତ କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା କରାଯାଇ ଉପଖଣ୍ଡସ୍ତରୀୟ ସର୍ବଶ୍ରେଷ୍ଠ କୃତୀ ପ୍ରତିଯୋଗୀ ଚୟନ କରାଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଗଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଡେପୁଟୀ କଲେକ୍ଟର ପ୍ରତୀକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଅଜିତ ମହାପାତ୍ର, କରୁଣାକର ମହାନ୍ତ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଭବାନୀ ପଣ୍ଡା, ଇଭାନ ଦଳେଇ ଓ ଦୁଷ୍ମନ୍ତ ନାଏକ ପ୍ରମୁଖ ଯୋଗ ଦେଇଥିଲେ।



- ଚାଟରା କାଡା କେନାଲ କାର୍ଯ୍ୟକୁ ନେଇ ଅସନ୍ତୋଷ

## ଜିଲ୍ଲାପାଳଙ୍କୁ ଫେରାଦହେଲେ ଗ୍ରାମବାସୀ

ଆନନ୍ଦପୁର, ୧୭।୩ (ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ କାଡା କେନାଲ ନିର୍ମାଣ ଚାଲିଥିବା ବେଳେ ଚାଷୀଙ୍କ ଅଭିଯୋଗ ଓ ସମସ୍ୟା ସମାଧାନ କରିବା ପାଇଁ ବିଭାଗୀୟ କାର୍ଯ୍ୟାଳୟ ନଥିବାରୁ ଚାଷୀମାନେ ଅସୁବିଧାର ସମୁଖୀନ ହେଉଥିବା ଜଣାଯାଇଛି। କାଡା ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ହେଲେ ଆବଶ୍ୟକ ଅଞ୍ଚଳରେ ହେଉନି କେନାଲ ନିର୍ମାଣ। ଚାଷୀମାନଙ୍କ ମତାମତ ଓ ପାଣିପଞ୍ଚାୟତକୁ ଉପେକ୍ଷା କରାଯାଉଥିବା ଗୁରୁତର ଅଭିଯୋଗ ହୋଇଛି କେନ୍ଦୁଝର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ। ଏନେଇ ଆଜି ମଧ ଗ୍ରାମବାସୀ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରି ସବିଶେଷ ଆଲୋଚନା କରିଥିବା ଜଣାଯାଇଛି। ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତର ପାଇକଚାଟ୍ରା ଗ୍ରାମରେ ଥିବା ଏମ୍ଆଇ ପ୍ରୋଜେକ୍ଟକୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଆସୁଥିବା ସତ୍ତ୍ୱେ ଉନ୍ନତ ମାନର କାମ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିବା ବେଳେ, ଗତ ସୋମବାର ଆନନ୍ଦପୁର ବ୍ଲକରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଜଣାଇଥିଲେ। ତଥାପି କୌଣସି ସ୍ପଷ୍ଟ ପଦକ୍ଷେପ ନ ହେବାରୁ, ପୁନର୍ବାର ଆଜି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ସରକାର ଚାଷୀମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଚାଷୀ ପାଣିର ଅଭାବ ହେତୁ ଚାଷ କରିପାରୁନାହାନ୍ତି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଚାଷୀଙ୍କୁ ସୁବିଧାରେ ପାଣି ଯୋଗାଇବା, କିନ୍ତୁ କିଛି ଅସାଧୁ ଠିକାଦାରଙ୍କ ଅବହେଳା ଓ ଅନିୟମିତତା ପାଇଁ ଏହି ପ୍ରକଳ୍ପର ଲାଭ ଚାଷୀମାନେ ପାଇ ପାରୁନାହାନ୍ତି। ତେବେ ଏହି ଅଭିଯୋଗ ପରେ ପ୍ରଶାସନ କେତେ ଶୀଘ୍ର ପଦକ୍ଷେପ ନେଇ ଚାଷୀଙ୍କ ପାଇଁ ପାଣିର ସୁବିଧା କରି ପାରୁଛି ତାହା ଦେଖିବାକୁ ବାକି ରହିଲା।



## ଶିକ୍ଷକ ଦମ୍ପତିଙ୍କ ଘରୁ ଲୁଟ୍

ହାଟଡ଼ିହୀ,୧୭।୩(ସମିସ): କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ସୁଲଣ ଗାଁ ସଂଲଗ୍ନ କେନାଲ ନିକଟରେ ଘର କରି ରହୁଥିବା ଶିକ୍ଷକ ମଧୁସୂଦନ ଜେନା ଓ ତାଙ୍କ ଶିକ୍ଷୟିତ୍ରୀ ପତ୍ନୀଙ୍କ ସମ୍ପତ୍ତି ଲୁଟ୍ ହୋଇଛି। ଦିବା ୧୦ଟା ବେଳେ ଘରେ ତାଲା ପକାଇ ସ୍କୁଲ ଯାଇଥିଲେ। ଫେରି ଦେଖନ୍ତି ତ ଘରେ ପଡ଼ିଥିବା ତାଲା ଭଙ୍ଗାଯାଇଛି। ବିଭିନ୍ନ ଜିନିଷ ଫିଙ୍ଗା ଫୋପଡ଼ା ହୋଇଥିବା ବେଳେ ଆଲମାରୀ ମେଲାମୁକୁଳା ପଡ଼ିଥିବାର ଦେଖିଥିଲେ ଦମ୍ପତି। ନଗଦ ଦେଢ଼ ଲକ୍ଷ ଟଙ୍କା ସହ ୪ଭରି ସୁନା ଅଳଙ୍କାର ଚୋରି ହୋଇଥିବା ଜାଣି ଶିକ୍ଷକ ମଧୁସୂଦନ ଜେନା ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

## ବିଜେପି କର୍ମୀଙ୍କ ସହାୟତା



ବିଶୋଇ,୧୭।୩ (ସମିସ): ସୋମବାର କାଳବୈଶାଖୀ ପ୍ରଭାବରେ ବିଶୋଇ ବ୍ଲକ ଅଞ୍ଚଳର ୮ଟି ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ବିଶୋଇ ବ୍ଲକର ଅସନା ପଞ୍ଚାୟତର ରାଇକଳାକଚା ଗ୍ରାମର ୩ଟି ପରିବାର, ନୂଆଗାଁ ଗ୍ରାମର ୨ଟି ଓ ଜଗନ୍ନାଥପୁର ପଞ୍ଚାୟତ ବୁଡୁରକଲା ଗ୍ରାମର ୩ଟି ପରିବାରଙ୍କ ଘର ଭାଙ୍ଗିବା ସହ ବହୁ ମୂଲ୍ୟବାନ ସାମଗ୍ରୀ ନଷ୍ଟ ହୋଇଥିଲା। ଏହି ବିପନ୍ନ ପରିବାର ନିକଟରେ ଆଜି ବିଜେପି ଟିମ ପହଞ୍ଚି ସହାୟତାର ହାତ ବଢାଇଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ଡାଲି, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ବିଜେପି ସଭାପତି ଜୁରିଲାଲ ମହାନ୍ତଙ୍କ ନେତୃତ୍ୱରେ ମଣଦା ମଣ୍ଡଳ ସଭାପତି ପ୍ରଭାତ ଗିରି, ନୂଆଗାଁ ପଞ୍ଚାୟତ ସଭାପତି ରଥୁ ମହାନ୍ତଙ୍କ ସମେତ ବିଜେପିର ଅନ୍ୟ କର୍ମୀ ସହାୟତା କରିଥିଲେ।

- ଘୂର୍ଣ୍ଣିଝଡ଼ରେ ଭାଙ୍ଗିଛି ୨୯୮ ଘର, ୩୮ରେ ପହଞ୍ଚିଲା ଆହତ ସଂଖ୍ୟା

## ୨୨ ଶହ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଣ

ବାରିପଦା,୧୭।୩(ସମିସ): କରଞ୍ଜିଆ ଉପଖଣ୍ଡ ଅଞ୍ଚଳରେ ଘୂର୍ଣ୍ଣିଝଡରେ ୩ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିବାବେଳେ ୨୯୮ ଘର ଭାଙ୍ଗିଛି। ଏଥିରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଆହତ ସଂଖ୍ୟା ବୃଦ୍ଧି ପାଇ ୩୮ରେ ପହଞ୍ଚିଛି। ବିପନ୍ନ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯାଉଛି। ଡାକ୍ତରୀ ଟିମ୍, ଦମକଳ ବାହିନୀ, କୃଷି, ଉଦ୍ୟାନ କୃଷି, ଜଳ ଓ ପରିମଳ ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି। ବୁଧବାର ସୁଦ୍ଧା ସମସ୍ତ ଆକଳନ ଶେଷ ହେବା ପରେ ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗକୁ ସମସ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜିଲ୍ଲା ଜରୁରିକାଳୀନ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ପ୍ରକାଶ କରିଛନ୍ତି।



କରଞ୍ଜିଆ ବ୍ଲକ ଅଧୀନ ବଳା ଓ ତାଟୋ ଦୁଇଟି ପଞ୍ଚାୟତର ୮ଟି ଗ୍ରାମରେ ରବିବାର ଅପରାହ୍ନରେ ଘୂର୍ଣ୍ଣିଝଡ ତାଣ୍ଡବ ରଚିଥିଲା। ଏଥିରୁ କେହି ବର୍ତ୍ତିପାରି ନ ଥିବାବେଳେ ଗାଁଗଣ୍ଡା ଧ୍ୱସ୍ତବିଧ୍ୱସ୍ତ ହୋଇଥିଲା। ଛପର ଉଡିଯାଇଥିବାବେଳେ ଲୋକେ ଖୋଲା ଆକାଶ ତଳେ ରହି ବଳକା ସମ୍ପତ୍ତିକୁ ଜଗି ରହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବାବେଳେ ଖୁବଶୀଘ୍ର ବିପନ୍ନ ପରିବାରକୁ ସହାୟତା ରାଶି ଯୋଗାଇ ଦିଆଯିବ। ଏପରିକି ମଙ୍ଗଳବାର ସୁଦ୍ଧା ୧୭୦ ରୋଲ ପଲିଥିନ ବଣ୍ଟା ଯାଇଥିବାବେଳେ ୭ଟି ଆଶ୍ରୟସ୍ଥଳୀରେ ୨୨ ଶହ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ, କରଞ୍ଜିଆ ଓ ରାଇରଙ୍ଗପୁର ଉପଜିଲ୍ଲାପାଳ, ତହସିଲଦାର, ଆଇଟିଡିଏ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ୨୪ ଘଣ୍ଟିଆ ସେବା ଯୋଗାଇ ଦେଉଛନ୍ତି।

## ଜାତୀୟ ପରାମର୍ଶଦାତା ପରିଷଦ ପ୍ରସ୍ତୁତି ବୈଠକ



ରାଇରଙ୍ଗପୁର,୧୭।୩(ସମିସ): ଅଖିଳ ଭାରତୀୟ ଆଦିବାସୀ କଂଗ୍ରେସର ପ୍ରଥମ ଜାତୀୟ ପରାମର୍ଶଦାତା ପରିଷଦର ସଭା ୧୮ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହେବ। ଏ ନେଇ ଜାତୀୟ ଅଧକ୍ଷ ଡଃ ବିକ୍ରାନ୍ତ ଭୁରିଆଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଲ୍ ଇଣ୍ଡିଆ ଆଦିବାସୀ କଂଗ୍ରେସ କମିଟିର ଜାତୀୟ କାର୍ଯ୍ୟାଳୟ ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଯୋଗ ଦେଇଛନ୍ତି। କଂଗ୍ରେସ ଜାତୀୟ ଅଧକ୍ଷ ମଲ୍ଲିକାର୍ଜୁନ ଖଡ୍ଗେ, ଲୋକସଭାରେ ବିପକ୍ଷ ନେତା ରାହୁଲ ଗାନ୍ଧୀ, କଂଗ୍ରେସର ଜାତୀୟ ସଂଗଠନ ମହାସଚିବ କେସି ବେଣୁଗୋପାଳ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସଭାର ଗୁରୁତ୍ୱ ନେଇ ସମସ୍ତଙ୍କ ସକ୍ରିୟ ଭାଗୀଦାର ନେଇ ଆଲୋଚନା ହୋଇଛି। ବିଭିନ୍ନ ରାଜ୍ୟରେ ଆଦିବାସୀ ସମାଜର ସାମାଜିକ-ଆର୍ଥିକ ଉନ୍ନତି ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଚର୍ଚ୍ଚା ହେବ। ଏଥିରେ ଶ୍ରୀ ପୂର୍ତ୍ତିଙ୍କୁ ମଧ ସ୍ଥାନ ପ୍ରଦାନ କରାଯାଇଛି।

**ଭରଡ଼ା ଛକ-ପଦ୍ମପୋଖରୀ ରାସ୍ତା**

## ମନ୍ଥର ଗତିରେ ଚାଲିଛି କାମ; ଧୂଳିଧୂଆଁରେ ଅତିଷ୍ଠ ଅଞ୍ଚଳବାସୀ

କପ୍ତିପଦା,୧୭।୩ (ସମିସ): ଭରଡା ଛକଠାରୁ ପଦ୍ମପୋଖରୀ ରାସ୍ତା କାମ ନିମ୍ନମାନର ହେଉଛି। ଧୂଳିଧୂଆଁରେ ଅତିଷ୍ଠ ଜନସାଧାରଣ। ଦିନଦ୍ୱିପ୍ରହରେ ଶୀତ ରାତିର ଭ୍ରମ ସୃଷ୍ଟି କରୁଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କପ୍ତିପଦା ଭରଡା ଛକଠାରୁ ପଦ୍ମପୋଖରୀ ରାସ୍ତା ପାଇଁ ୨୯୭୦.୬୮ ଲକ୍ଷ ଟଙ୍କାର ଅନୁଦାନ ଆସିଥିବାବେଳେ ଏହା ଗତବର୍ଷ ଅକ୍ଟୋବର ୧୬ ତାରିଖରୁ ଆରମ୍ଭ ହୋଇ ୨୦୨୭ ଏପ୍ରିଲ ୧୫ ତାରିଖରେ ସରିବାର ଫଳକ ଲାଗିଛି। ଏମ୍ଏସଏସ ବିବି ନାମକ ଏକ ଠିକା ସଂସ୍ଥା ଏହି କାମ କରୁଥିବାବେଳେ କାମ ଅତି ନିମ୍ନମାନର ହେଉଛି। ମୋରମ କିମ୍ବା କ୍ରସରଗୁଣ୍ଡ ପକାଇ କାମ କରିବା ପରିବର୍ତ୍ତେ ଜଙ୍ଗଲ ଜମିରେ ଥିବା ମାଟି ଆଣି ରାସ୍ତାରେ ପକାଯାଉଛି। ନୟନଜୋରିକୁ ଓସାର କରିବା ପାଇଁ ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ମାଟିକୁ ଜେସିବି ସାହାଯ୍ୟରେ ଟାଣି ପକାଯାଉଛି। ଫଳରେ ସବୁବେଳେ ଭାରିଯାନ ଯା'ଆସ କରୁଥିବାବେଳେ ଧୂଳି ଧୂଆଁରେ ଘରଦ୍ୱାର ପୂରିଯାଉଛି। ଦୀର୍ଘଦିନ ଧରି ଏଭଳି କାର୍ଯ୍ୟ ଚାଲୁଥିଲେ ବି କେହି ବିଭାଗୀୟ ଅଧିକାରୀ କାମ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି। ରାସ୍ତାର ଦୁଇ ପାଶ୍ୱର୍ରେ ଥିବା ଗାଁରେ ଲୋକେ ଅତିଷ୍ଠ ହୋଇଗଲେଣି। ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି ଧୂଳିରେ ଯକ୍ଷ୍ମା ଭଳି ରୋଗରେ ପୀଡିତ ହେବା ସମ୍ଭାବନା ରହିଛି। କାମ ହେଉଥିବା ରାସ୍ତାରେ ପ୍ରତ୍ୟେକ ଦିନ ପାଣି ପକାଇବା ବ୍ୟବସ୍ଥା ଥିବାବେଳେ ଥରେ ବି ପାଣି ଦିଆଯାଉ ନ ଥିବା ଦେଖିବାକୁ ମିଳିଛି। ସେମିତି ଡାଇଭର୍ସନ ନ ଥାଇ ମନଇଚ୍ଛା ରାସ୍ତା କାଟି ଦିଆଯିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଠିକାଦାର ନିଜେ ଉପସ୍ଥିତ ରହୁ ନ ଥିବାବେଳେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ମନମାନୀ ଲୋକଙ୍କୁ ଅସୁବିଧାରେ ପକାଉଛି। ଏ ବାବଦରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ବି ଶେଷରେ ଫୋନସୁଇଚ ଅଫ କରିଦେଉଛନ୍ତି। ତେବେ ବିଗତ ଦିନରେ ଏହି ରାସ୍ତା ନିର୍ମାଣ ପାଇଁ ଅନେକ ଧର୍ମଘଟ ଓ ରାସ୍ତାରୋକ କରାଯାଇଥିଲା। ଦୁଇ ଦୁଇଟା ଟେଣ୍ଡର ବାତିଲ ପରେ ଏହି ରାସ୍ତା କାମ ଆରମ୍ଭ ହୋଇଛି। ଗୋଟିଏ ପାଖରୁ ଆରମ୍ଭ ନ ହୋଇ ପୂରା ରାସ୍ତାକୁ ତାଡି ଦେବା ଯୋଗୁଁ ଏହି ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ଖରାଦିନ ହୋଇଥିବାବେଳେ ଘରେଘରେ ଖାଦ୍ୟ ପାନୀୟରେ ଧୂଳି ଜମି ଜନଜୀବନ ପ୍ରଭାବିତ ହୋଇଛି। ତୁରନ୍ତ ରାସ୍ତାରେ ପାଣି ପକାଇ ଧୂଳି ବନ୍ଦ କରା ନ ଗଲେ, ୫ଟି ପଞ୍ଚାୟତର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



# ଗ୍ୟାସ ସିଲିଣ୍ଡର ରଖି ସିପିଏମ୍‌ର ପ୍ରତିବାଦ ସଭା



ଜଳେଶ୍ୱର,୧୭।୩ (ସମିସ) : ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ହାଟ ଛକ ଠାରେ ଗ୍ୟାସର ଅସହ୍ୟ ଦରବୃଦ୍ଧି ଓ ଯୋଗାଣରେ ବ୍ୟର୍ଥତା ବିରୋଧରେ ଅଭିନବ ଉପାୟରେ ଗ୍ୟାସ ସିଲିଣ୍ଡର ଥୋଇ ପ୍ରତିବାଦ କରାଯାଇଥିଲା। ଅଳ୍ପ ଦିନ ତଳେ ଠିକ୍ ଏହି ସ୍ଥାନରେ ଯୁଦ୍ଧ ବିରୋଧରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଦଳ ତରଫରୁ ସତର୍କ କରାଇ କୁହାଯାଇଥିଲା ରନ୍ଧନ ଗ୍ୟାସ ଓ ତୈଳ ଦରର ବୃଦ୍ଧି ଘଟିବ। ଆଜି ତାହାହିଁ ହୋଇଛି। ଏକାଥରକେ ସିଲିଣ୍ଡର ପିଛା ଷାଠିଏ ଟଙ୍କା ବୃଦ୍ଧି କରିଛନ୍ତି ସରକାର। ଏହି ଦରବୃଦ୍ଧି ଗରୀବ ଓ ମଧ୍ୟବିତ୍ତଙ୍କ ଉପରେ ପ୍ରଚଣ୍ଡ ପ୍ରହାର ବୋଲି ସିପିଏମ ମନେ କରେ। କେବଳ ଏତିକି ନୁହେଁ ଗ୍ୟାସର ଅଭାବ ପରିଲକ୍ଷିତ ହୋଇଛି ବଜାରରେ। ସିଲିଣ୍ଡରଟିଏ ପାଇବା ପାଇଁ ଦିନ ତମାମ ଲାଇନରେ ଛିଡା ହେବାକୁ ପଡୁଛି। ସରକାରଙ୍କର ଦୂରଦୃଷ୍ଟିର ଅଭାବ ଯୋଗୁଁ ଏଭଳି ସଙ୍କଟ ସୃଷ୍ଟି ହୋଇଛି ବୋଲି ଦଳ ତରଫରୁ ଅଭିଯୋଗ କରାଯିବା ସହିତ ସରକାରୀ ବ୍ୟର୍ଥତା ଲୋକଙ୍କୁ ହନ୍ତସନ୍ତ କରିମାରୁଛି। ଏପଟେ ରାଜ୍ୟବାସୀ ରନ୍ଧନ ଗ୍ୟାସ ନପାଇ ଚରମ ଦୁର୍ଦ୍ଦଶା ଭୋଗୁଥିବା ବେଳେ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗରେ ନିର୍ବାଚନୀ ସଭାରେ ଭାଷଣ ଦେଇ ସେ ରାଜ୍ୟକୁ ଦେଶର ଏକ ନମ୍ବର ରାଜ୍ୟ କରିବାକୁ ପ୍ରତିଶ୍ରୁତି ଦେବା ରାଜ୍ୟବାସୀଙ୍କ ପ୍ରତି ଉପହାସ। ବର୍ଦ୍ଧିତ ଗ୍ୟାସ ଦର ପ୍ରତ୍ୟାହାର କରିବା ସହିତ ଗ୍ୟାସର ଯେଉଁ ସଙ୍କଟ ଦେଖାଦେଇଛି ତାକୁ ଦୂର କରିବା ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ପ୍ରତିବାଦ ସଭାରେ ଦଳ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଜଳେଶ୍ୱର ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ବାମପନ୍ଥୀ ନେତା ଦିଲ୍ଲୀପ ଗିରି, ଦିପ୍ତିମାନ ଆଚାର୍ଯ୍ୟ, ନାରୀନେତ୍ରୀ ମମି ପଣ୍ଡା, ଶ୍ରମିକ ନେତା ପଲ୍ଟୁ ଦାସ, କୃଷକ ନେତା ରବିନ୍ଦ୍ର କୁମାର ବାରିକ,ଜୀବନ ପରିଡ଼ା, ଲକ୍ଷ୍ମୀଧର ପଲାଇ, ରାଜୀବ ପଣ୍ଡା, ଚନ୍ଦନ ଶତପଥୀ, ସବିତା ଭୂୟାଁ, ବିରଜା ପାଠୀ,ସାଇମା ବିବି ପ୍ରମୁଖ ବକ୍ତବ୍ୟ ଦେଇ ସରକାର ଆପଣେଇ ଥିବା ତ୍ରୁଟିପୂର୍ଣ୍ଣ ନୀତିକୁ ତୀବ୍ର ସମାଲୋଚନା କରିବା ସହିତ ଏହାର ପ୍ରତିବାଦ ନିମନ୍ତେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

### ଗ୍ୟାସ୍‌ର ବ୍ୟାପକ କଳାବଜାର

# ଦଲାଲ ପାଖରେ ବନ୍ଧା ପଡ଼ିଛି ଗ୍ୟାସ୍ ବହି

ବସ୍ତା ବ୍ଲକ, ୧୭।୩ (ସମିସ)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପ୍ରଭାବ ଏଲପିଜି ଗ୍ୟାସ ବଜାରରେ ପଡ଼ିଥିବା କୁହା ଯାଉଛି। ଗତ କିଛି ଦିନ ଧରି ସହରଠାରୁ ଘର ହାଣ୍ଡିଶାଳ ପର୍ଯ୍ୟନ୍ତ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଗ୍ୟାସ ମିଳୁ ନ ଥିବାରୁ ଖାଉଟି ହନ୍ତସନ୍ତ ହେବା ସହିତ ଅସନ୍ତୋଷ ଦେଖା ଦେଇଛି। ସରକାରଙ୍କ ଉଜ୍ଜ୍ୱଳା ଯୋଜନାରେ ସାମିଲ ହୋଇ ଏବେ ହଜାର ହଜାର ଲୋକେ ଗ୍ୟାସ ଉପରେ ନିର୍ଭରଶୀଳ ଅଛନ୍ତି। ସେମାନଙ୍କୁ ଗ୍ୟାସରୁ ସବସିଡି ମିଳୁଛି। ଗୋଟିଏ ଗ୍ୟାସ କାର୍ଡ ରେ ବର୍ଷକୁ ୧୨ଟି ଟାଙ୍କି ନେଇ ପାରିବାର ନିୟମ ରହିଛି। ଏବେ ଗ୍ୟାସ ଟାଙ୍କି ଅଭାବ ଥିବା କୁହା ଯାଉଥିବା ବେଳେ ଖାଉଟିଙ୍କ ପାଇଁ ସମସ୍ୟା ବଢ଼ି ଯାଇଛି। ଅନ୍ୟ ପକ୍ଷେ ଗ୍ୟାସ ଟାଙ୍କି ବ୍ୟାପକ କଳା ବଜାର ହେଉଥିବା ଦେଖିବାକୁ ମିଳୁଛି। ଘରୋଇ ଟାଙ୍କି ୨୭ ଶହ ଟଙ୍କାରେ ବିକ୍ରି ହେଉଛି। ଏହି ଟାଙ୍କି ସବୁ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର ହେଉଛି। ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି ଖୋଲା ବଜାରରେ ଗ୍ୟାସ ଟାଙ୍କି ବିକ୍ରି କରୁଥିବା ଦଲାଲ ଙ୍କ ପାଖରେ ଲୋକଙ୍କ ଖାତା ବନ୍ଧା ପଡିଛି। ଏହାର କାରଣ ଅନେକ ପରିବାରର ବର୍ଷ କୁ ସର୍ବାଧିକ ୪ ଟି ଟାଙ୍କି ବ୍ୟବହାର ହେଉଥିବାରୁ ତାଙ୍କ ନାମରେ ଦଲାଲ ମାନେ ଗ୍ୟାସ ଏଜେନ୍ସିକୁ ହାତ କରି ଟାଙ୍କି ଉଠାଉଛନ୍ତି। ଏହି ଟାଙ୍କିକୁ ଖୋଲା ବଜାର ରେ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। କେବଳ ସବସିଡି ଟଙ୍କା ପାଇ କାର୍ଡଧାରୀ ସନ୍ତୁଷ୍ଟ ହେଉଛନ୍ତି। ହୋଟେଲ ଠାରୁ ରେଷ୍ଟୁରାଣ୍ଟ ପର୍ଯ୍ୟନ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ କମର୍ସିଆଲ ଟାଙ୍କି ବ୍ୟବହାର ର ନିୟମ ଥିବା ବେଳେ ବର୍ଷ ବର୍ଷ ଧରି ଏହି ନିୟମର ଖୋଲା ଖୋଲି ହେଉଥିବା ବେଳେ ପ୍ରଶାସନ ସବୁ ଜାଣି ଅଜଣା ପାଲଟିଛି। ଏପରିକି ଗ୍ୟାସ ଏଜେନ୍ସିର ଗାଡ଼ି ଖୋଲା ଦୋକାନୀ କୁ ଟାଙ୍କି ଦେଉଥିବା ଦେଖିବାକୁ ମିଳିଛି। ଯାହା ଫଳରେ ବାହାଘର ହେଉ କି ଏକାଦଶାହ ସବୁଠି ଘରୋଇ ଟାଙ୍କିରେ ରୋଷେଇ ହେଉଛି। ମାଳ ମାଳ ଉଠା ଦୋକାନୀ, ଫାଷ୍ଟ ଫୁଡ୍ ଦୋକାନୀ, ଚାହା କଫି ଷ୍ଟଲ, ଜଳଖିଆ ଦୋକାନୀ, ହୋଟେଲ, ଢ଼ାବା ସବୁ ଠାରେ ସମାନ ଘଟଣା ଦେଖିବାକୁ ମିଳିଛି। ଏବେବି ଅନେକ ବେସରକାରୀ ଭାବେ ବିକ୍ରି କରୁଥିବା ଦୋକାନୀଙ୍କ ପାଖରେ ଗ୍ୟାସ ଟାଙ୍କି ମହଜୁଦ ରହିଥିବା ବେଳେ ସେମାନେ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଦିନକୁ ଦିନ ଗ୍ୟାସ ସମସ୍ୟା ଜଟିଳ ହେବାକୁ ଲାଗିଛି। ବିଶେଷ କରି ଉଜ୍ଜଳା ଯୋଜନାରେ ପାଇଥିବା ହିତାଧିକାରୀଙ୍କ ଗ୍ୟାସ ସିଲିଣ୍ଡର କଳାବଜାରକୁ ଅଧିକ ପ୍ରୋତ୍ସାହନ ଦେଉଥିବା ଆଲୋଚନା ହେଉଛି। ଗ୍ୟାସ କଳାବଜାର ରୋକିବାକୁ ସାଧାରଣରେ ଦାବି ହୋଇଛି।

### ● ନୂଆଦିଲ୍ଲୀରେ ଭବ୍ୟ ଓଡ଼ିଶା ପର୍ବ

# ମନ ମୋହିଲେ ଓଡ଼ିଆ ଯୁବ ଦମ୍ପତି ଶ୍ରୀମନ୍ତ ଓ ନିବେଦିତା

ଖଇରା, ୧୭।୩ (ସମିସ): ଓଡ଼ିଆ ସମାଜ ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ପ୍ରତିଭା ଉତ୍ସବରେ ଯୋଗ ଦେଇ ଥିବା ଅନେକ ସଙ୍ଗୀତ ପ୍ରତିଯୋଗୀଙ୍କ ଭିତରେ ଚମତ୍କାର ପ୍ରଦର୍ଶନ କରି କୃତିତ୍ୱର ସହ ଓଡ଼ିଶା ପର୍ବ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାର ଭବ୍ୟ ମଞ୍ଚରେ ଯୁଗଳ ଦମ୍ପତି ଗୀତ ପରିବେଷଣ କରିବାର ସୁଯୋଗ ପାଇବା ସହ ତିନି ଦିବସୀୟ ଅନୁଷ୍ଠିତ କାର୍ଯ୍ୟକ୍ରମ ର ଶେଷ ସନ୍ଧ୍ୟାରେ ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନ ଜିଣି ପାରି ଥିଲେ ଓଡିଶା ର ଖଇରା ଅଂଚଳର ଯୁବ ଦମ୍ପତି ଶ୍ରୀମନ୍ତ ବିଶ୍ୱାଳ ଓ ତାଙ୍କ ପତ୍ନୀ ନିବେଦିତା ଜେନା। ଓଡ଼ିଆ ସଂଗୀତକୁ ଦିଲ୍ଲୀ ଏନସିଆରରେ ପ୍ରତ୍ୟେକ ଟି ଓଡ଼ିଆଙ୍କ ପାଖରେ ପହଞ୍ଚାଇବାର ନିରନ୍ତର ପ୍ରୟାସକୁ ସମ୍ମାନ ଜଣାଇ ଓଡ଼ିଆ ସମାଜ ପକ୍ଷରୁ ସମ୍ମାନୀତ ଓଡିଶା ପର୍ବର ମଞ୍ଚ ରେ ଓଡ଼ିଆ ସମାଜ ର ଅଧ୍ୟକ୍ଷ ସିଦ୍ଧାର୍ଥ ପ୍ରଧାନଙ୍କ କରକମଳରେ ଓଡ଼ିଆ ସମାଜ ତରଫରୁ ସମ୍ମାନ ଓ ପ୍ରଶଂସା ପତ୍ର ତଥା ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର କୁପାରୀ ଗ୍ରାମର ବାସିନ୍ଦା ଶ୍ରୀମନ୍ତ ବିଶ୍ୱାଳ ଦୀର୍ଘ ବର୍ଷ ଧରି ହରିୟାଣା ଗୁରଗ୍ରାମରେ ଅବସ୍ଥାପିତ। ସହଧର୍ମିଣୀ ନିବେଦିତା ଜେନା ଖଇରା ବ୍ଲକ ଅର୍ଜୁନପୁର ଗ୍ରାମର ମୁରଲୀଧର ଜେନା ଓ ସୁକାନ୍ତି ଜେନାଙ୍କ ଝିଅ।

# ବାରୁଣୀ ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଲେ



ରାଜଘାଟ, ୧୭।୩ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର ବେଣାପୁରା ଗ୍ରାମ ସ୍ଥିତ ସୁବର୍ଣ୍ଣରେଖା ନଦୀରେ ପାରମ୍ପାରିକ ପବିତ୍ର ବାରୁଣୀ ସ୍ନାନ ଉପଲକ୍ଷେ ଆଜି ହଜାର ହଜାର ଶ୍ରଦ୍ଧାଳୁ ବୁଡ ପକାଇଥିଲେ। ବେଣାପୁରା ଠାରେ ଥିବା ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ଓ ମହାଦେବ ପୀଠରେ ପାରମ୍ପରିକ ପୂଜା ଅର୍ଚ୍ଚନା ସାଙ୍ଗକୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚଳିତ ବର୍ଷ ୨୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରସିଦ୍ଧ ବାରୁଣୀ ମେଳା ଚାଲିବ ବୋଲି କମିଟି ସଭାପତି ସର୍ବେଶ୍ୱର ପତି, ସମ୍ପାଦକ ନରେଶ ମହାନ୍ତି ଓ ଗ୍ରାମ ମୁଖ୍ୟ ମାନସ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି। ସେହିପରି ସିଂଲା ଥାନା ଅନ୍ତର୍ଗତ ବଙ୍ଗୋପସାଗର ବେଳାଭୂମି କଷାଫଳ ମୁହାଣ ଠାରେ ଭୋର ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁ ପବିତ୍ର ବାରୁଣୀ ସ୍ନାନ ଉପଲକ୍ଷେ ବୁଡ଼ ପକାଇଥିଲେ। ବେଳାଭୂମି ଠାରେ ଥିବା ଆରାଧ୍ୟ ଦେବତା ଶ୍ରୀଶ୍ରୀ ସାରଙ୍ଗ ଦେବ ପୀଠରେ ଶ୍ରଦ୍ଧାଳୁମାନେ ପାରମ୍ପାରିକ ପୂଜାର୍ଚ୍ଚନା କରିଥିଲେ।

## ଚୌମୁଖ ଡଗରାରେ ମହାବାରୁଣୀ ଯାତ୍ରା

କାଳିପଦା: ପବିତ୍ର ତିଥି ଅନୁସାରେ ଗୁରୁବାର ବାଲିଆପାଳ ବ୍ଲକ ଚୌମୁଖ ଡଗରା ମହା ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ବାରୁଣୀ ଯାତ୍ରା ଅବସରରେ ଉଭୟ ସମୁଦ୍ର ଘାଟ ସମୁଦ୍ର ଜଳରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ବାରୁଣୀ ଯାତ୍ରା ସକାଶେ ଗତ କାଲିଠୁ ପ୍ରବଳ ଜନ ଗହଳି ଲାଗି ରହିଥିଲା। ଅନୁକୂଳ ପାଣି ପାଗ ଯୋଗୁଁ ବାଳ ସୂର୍ଯ୍ୟଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି। କିମ୍ବଦନ୍ତୀ ଅନୁସାରେ ବାରୁଣୀ ଦିନର ପୁଣ୍ୟ ତିଥିରେ ପ୍ରାତଃ ସମୟରେ ସମୁଦ୍ରରେ ବୁଡ଼ ପକାଇ ସୂର୍ଯ୍ୟଦେବଙ୍କୁ ଦର୍ଶନ କଲେ ସମସ୍ତ ପାପରୁ ମୁକ୍ତି ମିଳେ। ଈଶ୍ୱରଙ୍କ ସାନ୍ନିଧ ଲାଭ କରିହୁଏ। ଚଳିତ ବର୍ଷ ବାରୁଣୀ ଯାତ୍ରା ଉପଲକ୍ଷେ ଚୌମୁଖ ପଞ୍ଚାୟତ ପକ୍ଷରୁ ସାତ ଦିନ ଧରି ମେଳା ଓ ମହୋତ୍ସବର ଆୟୋଜନ କରାଯାଇଛି। ମୀନା ବଜାର ସାଙ୍ଗକୁ ନାଗର ଦୋଳି ଆଦି ବସିଛି। ମେଳା ଅବସରରେ ସଭା, କଳାକାର, ନୃତ୍ୟ ଶିଳ୍ପୀ ସମାବେଶ, ସାଂସ୍କୃତିକ କାର୍ଯ୍ୟକ୍ରମ, ଆୟୋଜନ କରାଯାଇଛି।



## କାଳବୈଶାଖୀରେ ୩ ଦୋକାନ ଭାଙ୍ଗିଲା

ଚନ୍ଦନେଶ୍ୱର, ୧୭।୩ (ସମିସ): ଭୋଗରାଇର ବ୍ଲକ ଉଦୟପୁରର ବେଳାଭୂମିରେ ଆଜି ହଠାତ ଅଦିନିଆ କାଳ ବୈଶାଖୀ ପ୍ରଭାବରେ ୩ରୁ ଅଧିକ କେବିନ ଓ ଦୋକାନ ଭାଙ୍ଗିବା ସହିତ ଦୋକାନରେ ପ୍ରସ୍ତୁତ ହୋଇ ଥିବା ମାଛ, କଙ୍କଡା ଓ ଚିଙ୍ଗୁଡ଼ି ଇତ୍ୟାଦି ଖାଦ୍ୟ ସାମଗ୍ରୀ ସମେତ ଲକ୍ଷାଧିକ ଟଙ୍କାର ଦୋକାନ ନଷ୍ଟ ହୋଇଯାଇଛି। ଏହି କାଳ ବୈଶାଖୀ ପ୍ରଭାବରେ ବ୍ୟବସାୟୀ ଶୈଳେଶ ପଟ୍ଟାୟତ, ନିମାଇଁ ପଟ୍ଟାୟତ, ଲମ୍ବୋଦର ବେହେରା, ମଡ଼ିଆ ପଟ୍ଟାୟତ, ସଞ୍ଜୟ ପଟ୍ଟାୟତ, ଧ୍ରୁବ ପଟ୍ଟାୟତଙ୍କର ଲକ୍ଷାଧିକ ଟଙ୍କା କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନେ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି।

# ଦୁଇଦିବସୀୟ ଆନ୍ତଃରାଜ୍ୟ କୌଶିକ ରାୟ କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୧୭।୩ (ସମିସ): ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ ବାସନ୍ତୀ କ୍ଲବ ପକ୍ଷରୁ ଦୁଇଦିବସୀୟ ଆନ୍ତଃରାଜ୍ୟ କୌଶିକ ରାୟ କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ନୀଳଗିରିର ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡ଼ାରେ ରାଜ୍ୟର ୬୪ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ରାଜ୍ୟ ତଥା ଜିଲ୍ଲାର ବରିଷ୍ଠ କ୍ରୀଡାବିତ୍ ମାନଙ୍କୁ ଉତ୍ତରୀୟ ,ପୁଷ୍ପଗୁଚ୍ଛ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଦିବସରେ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୀଳଗିରି ଏନ୍‌ଏସିର ପ୍ରଥମ ନଗରପାଳ ସ୍ୱର୍ଗତ କ୍ଷିତିଶ ଚନ୍ଦ୍ର ରାୟଙ୍କ ଧର୍ମପତ୍ନୀ କଳ୍ପନା ରାୟ ଯୋଗ ଦେଇଥିବା ବେଳେ ସମ୍ମାନିତଅତିଥି ଭାବେ କିର୍ତିକ ରାୟ, କୁମାର ରାୟ, ପରମେଶ୍ୱର ପଣ୍ଡା, ଅଜୟ ରାଉଳ , ତପନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ବିବେକ ପ୍ରଧାନ, ରସାନନ୍ଦ ବାରିକ୍ ଏବଂ ତାଙ୍କର ସହଯୋଗୀ ମାନେ ପ୍ରଥମସ୍ଥାନ ଅଧିକାର କରି ଚମ୍ପିୟାନ ହେବା ସହିତ ମାନପତ୍ର ଏବଂ ୨୫ହଜାର ଟଙ୍କାର ଅର୍ଥରାଶି ପାଇଥିବା ବେଳେ ଉପବିଜେତାଦଳ ଭାବେ ଚନ୍ଦନ କୁମାର ମହାପାତ୍ର , ସମୀର ରଞ୍ଜନ ଦାସ ଏବଂ ତାଙ୍କର ସହଯୋଗୀମାନେ ମାନପତ୍ର ସହ ୨୦ହଜାର ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାସନ୍ତୀ କ୍ଲବ୍‌ର ସୁଶାନ୍ତ ମହାପାତ୍ର, ବିରଜା ବେହେରା, ସୁଧା ରଞ୍ଜନ ବେହେରା , ଗୟାଧର ବେହେରା, ପରମେଶ୍ୱର ପଣ୍ଡା, ଭବାନୀ ପଣ୍ଡା, ଜଗବନ୍ଧୁ ବେହେରା, ସଞ୍ଜୀବ କୁମାର ବେହେରା, ବିବେକ ସାହୁ, ସୁରଜ କୁମାର ନନ୍ଦ, ଦୟା ଶଙ୍କର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



# ଶିକ୍ଷକ ଭବନରେ ୧୫ ମାସ ହେଲା ଝୁଲୁଛି ତାଲା

ସିମୁଳିଆ, ୧୭।୩ (ସମିସ): ରାଜନୈତିକ ହସ୍ତକ୍ଷେପ ଓ ଶିକ୍ଷକ ମାନଙ୍କ ମଧ୍ୟରେ ଫାଟ ଯୋଗୁଁ ସିମୁଳିଆ ଶିକ୍ଷକ ଭବନରେ ୧୫ ମାସ ହେଲା ପଡ଼ିଛି। ଏହାକୁ ନେଇ ଶିକ୍ଷକ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଗତ ୨୦୨୪ ଡିସେମ୍ବର ୭ରେ ଶିକ୍ଷକ ଭବନ ରେ ଶିକ୍ଷକ ସମନ୍ୱୟ ସମିତିରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଦିନ ଧାର୍ଯ୍ୟ ହୋଇଥିବା ବେଳେ ହଠାତ ସେହିଦିନ କେତେଜଣ ଶିକ୍ଷକ ଏହାକୁ ବିରୋଧ କରି ତାଲା ପକାଇ ଦେଇଥିଲେ। ଫଳରେ ଶିକ୍ଷକ ମାନେ ଦୁଇ ଗୋଷ୍ଠୀ ରେ ବିଭକ୍ତ ହୋଇ ଯାଇଥିଲେ। ଗୋଟିଏ ଗୋଷ୍ଠୀକୁ ରାଜନୈତିକ ଦଳ ସମର୍ଥକ କରିବାରୁ ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ହେବା ବଦଳରେ ଶିକ୍ଷକ ଭବନରେ ୧୫ ମାସ ହେଲା ତାଲା ଝୁଲିଛି। ସମନ୍ୱୟ ଶିକ୍ଷକ ସଙ୍ଘର ବୈଠକ ତାଲା ପଡ଼ିଥିବା ଘର ସମ୍ମୁଖରେ ବସି ସେହିଦିନ କଳ୍ପତରୁ ଦାଶକୁ ସଭାପତି ଓ ଶରତ ଚନ୍ଦ୍ର ନାୟକଙ୍କୁ ସମ୍ପାଦକ ଘୋଷଣା କରିଥିଲେ। ସେହିପରି ଅପର ଗୋଷ୍ଠୀ ର ଜାମୁଝଡି ହାଇସ୍କୁଲ ପରିସରରେ ବୈଠକ ବସି ରବିନାରାୟଣ ପଣ୍ଡାଙ୍କୁ ସଭାପତି ନିର୍ବାଚିତ କରିଥିଲେ। ଇତି ମଧ୍ୟରେ ୧୫ ମାସ ବିତି ଯାଇଥିଲା ବେଳେ ଶିକ୍ଷକ ସଙ୍ଘରୁ ତାଲା ଖୋଲା ଯାଉନାହିଁ କି ଶିକ୍ଷକ ମାନେ ବୈଠକ କରି ପାରୁନାହାନ୍ତି। ଏ ବିଷୟରେ ସମନ୍ୱୟ ଶିକ୍ଷକ ସଙ୍ଘର ସଭାପତି କଳ୍ପତରୁ ଦାଶ ଶିକ୍ଷକ ସଙ୍ଘ ତାଲା ପକାଇବା ଓ ୧୫ ମାସ ହେଲା ତାଲା ଖୋଲା ନ ଯିବା ଘଟଣାକୁ ନିନ୍ଦା କରିବା ସହିତ ଘଟଣା ର ଶୀଘ୍ର ସମାଧାନ କରିବାକୁ ଦାବି କରିଥିଲେ। ଶିକ୍ଷକ ମାନେ ନିଜ ଭିତରେ ଆଲୋଚନା କରି ଶିକ୍ଷକ ଭବନର ତାଲା ଖୋଲି ଦେବାକୁ ନିବେଦନ କରିଥିଲେ।



# ଜଳେଶ୍ୱର ଜିକେ ଭଞ୍ଜ ହସ୍ପିଟାଲରେ ସେଫ୍ଟି ଅଫିସର ନିଯୁକ୍ତ ଦାବି

ଜଳେଶ୍ୱର,୧୭।୩ (ସମିସ): ଜଳେଶ୍ୱର ଜି.କେ ଭଞ୍ଜ ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଦିଲ୍ଲୀପ ପାତ୍ରଙ୍କ ସହିତ କ୍ରିୟାନୁଷ୍ଠାନ କମିଟିର ଆଞ୍ଚଳିକ କମିଟିର ସମ୍ପାଦକ ଦିଲ୍ଲୀପ କୁମାର ଗିରି, ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ଡକ୍ଟର ଅଜିତ କୁମାର ମହାନ୍ତି, କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ବାରିକ, ଡାକ୍ତର ଦିଲ୍ଲୀପ ପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ପ୍ରକାଶ ଥାଉକି କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ୧୦ ଜଣ ରୋଗୀ ଅକାରଣରେ ମୃତ୍ୟୁ ବରଣ କରିଛନ୍ତି। ଏ ମୃତ୍ୟୁରେ ଜଡ଼ିତ ଥିବା ବ୍ୟକ୍ତି ବିଶେଷକୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି। ଭଞ୍ଜର ହସପିଟାଲରେ ମେଡିସିନ ବିଭାଗ, ସ୍ତ୍ରୀ ଏବଂ ପ୍ରସୂତି ବିଭାଗ, ସର୍ଜନୀ ବିଭାଗ ରେ ପଦବୀ ଖାଲି ପଡ଼ିଛି। ଏମବିବିଏସ୍ ୧୫ ଜଣ ଆବଶ୍ୟକ ଥିଲା ବେଳେ ମାତ୍ର ୩ ଜଣ ଅଛନ୍ତି ୧୨ ଟି ପଦ ଖାଲି ଅଛି।୨୫ ଟି ନର୍ସ ଆବଶ୍ୟକ ଥିବା ବେଳେ ମାତ୍ର ୯ ଜଣ ନର୍ସ ଅଛନ୍ତି, କ୍ଲର୍କ ନାହାଁନ୍ତି, ଡିଏମଏଲ୍ଟି ରେ ମାତ୍ର ୨ ଜଣ ଅଛନ୍ତି। ଜଳେଶ୍ୱରରେ ଟ୍ରମା ସେଣ୍ଟର ତଥା ଆବଶ୍ୟକ ପଦବୀ ପୁରଣ ନ ହେଲେ ଆଗାମୀ ଦିନରେ କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି କମିଟି।



# ସିପିଏମ୍ ଆଞ୍ଚଳିକ କମିଟିର ବୈଠକ



ନୀଳଗିରି, ୧୭।୩ (ସମିସ): ନୀଳଗିରି ସି ପି ଆଇ (ଏମ) ପାର୍ଟୀ କାର୍ଯ୍ୟାଳୟ ରେ ସିପିଆଇ (ଏମ) ଆଞ୍ଚଳିକ କମିଟି ବୈଠକ ସାଥୀ ସତ୍ୟଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମତଃ ଇଶ୍ୱରପୁର ଫାଣ୍ଡି ଅଫିସର ନ ଥିବାରୁ ଉକ୍ତ ଫାଣ୍ଡି ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଯାହାକି ଜନସାଧାରଣ ଅନେକ ସମସ୍ୟା ର ସମ୍ମୁଖୀନ ହେବା ସହିତ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଦ୍ୱିତୀୟତଃ କୁଲଡିହା ଅଭୟାରଣ୍ୟ ଆଖପାଖ ଅଞ୍ଚଳରେ ରହୁଥିବା ଆଦିବାସୀ ମାନଙ୍କ ମଧ୍ୟରେ ପ୍ରାଶାସନିକ ମନମାନିର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେତୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ପ୍ରଶାସନ ପକ୍ଷରୁ ସାତ ଦିନ ଭିତରେ ଇଶ୍ୱରପୁର ଫାଣ୍ଡି ଅଫିସର ନିଯୁକ୍ତି ତତ୍ ସହିତ କୁଲଡିହା ଅଭୟାରଣ୍ୟରେ ବସବାସ କରୁଥିବା ଆଦିବାସୀ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ବନ୍ଦ ନହୁଏ, ତା ହେଲେ ଦଳ ତରଫରୁ ଆନ୍ଦୋଳନ କରାଯିବ। ଉକ୍ତ ବୈଠକରେ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାଶ, ଅମରେନ୍ଦ୍ର ନାୟକ, ଗଙ୍ଗାଧର ମହାନ୍ତି, କାଳିଆ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ନିମ୍ନମାନର ରାସ୍ତା କାମ ଅଭିଯୋଗ

ଚନ୍ଦନେଶ୍ୱର, ୧୭।୩ (ସମିସ) : ଭୋଗରାଇ ବ୍ଲକର ହୁଗୁଳି ପଞ୍ଚାୟତ ଅଧୀନ ବାଡ଼ସରିଷା ଗାଁରେ ପଂଚାୟତ ସମିତି ପକ୍ଷରୁ ୫ମ ଏସଏଫସିରେ ୨ଲକ୍ଷ ୫୦ହଜାର ଟଙ୍କାରେ ନିର୍ମିତ ଗାଡର୍‌ୱାଲ ଏବଂ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାର ୪ଲକ୍ଷ ୫୫ହଜାର ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା କାର୍ଯ୍ୟ ବହୁ ନିମ୍ନ ମାନର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗାଁ ଲୋକେ ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣାଙ୍କୁ ଅଭିଯୋଗ କରିଛନ୍ତି। ସାହାବାଜିପୁର ପଂଚାୟତ ଅଧୀନ ଭଟ୍ଟପୁର ଗାଁ ଛକରୁ ଦକ୍ଷିଣ ସରିଷା ଲକ୍ଷ୍ମୀନାରାୟଣ ମନ୍ଦିର ଭାୟା ବାଡ଼ସରିଷା ରାସ୍ତାଟି ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ। ଦୀର୍ଘ ଦିନରୁ ଏହି ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା। ହୁଗୁଳି ପଂଚାୟତ ପକ୍ଷରୁ ଗାର୍ଡୱାଲ ସହିତ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେଲା। ଭଟ୍ଟପୁର ଛକ ଠାରୁ ଗାଡର୍‌ୱାଲ ଓ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଗାଁ ଲୋକେ ଅଭିଯୋଗ ଆଣିଛନ୍ତି। କାର୍ଯ୍ୟରେ ସିମେଣ୍ଟର ବ୍ୟବହାର କମ ହେବା ସହିତ ମୋଟେଇରେ ମଧ୍ୟ ଟଂଚକତା କରା ଯାଇଛି। ରାସ୍ତା ନିର୍ମାଣ ବେଳେ ଗାଁ ଲୋକେ ପାଟିତୁଣ୍ଡ କରିବା ସହିତ କାମକୁ ବନ୍ଦ ମଧ୍ୟ କରିଥିଲେ। ଉପଯୁକ୍ତ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗାଁ ଲୋକେ ଦାବି କରିଛନ୍ତି।

# ମଣ୍ଡିରେ ଧାନ ଦେବା ପାଇଁ ବାଧକ ସାଜିଛି ଲିଗାଲହେୟାର ସାର୍ଟିଫିକେଟ

ବାଲିଆପାଳ, ୧୭।୩ (ସମିସ)



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧୀନରେ ୨୮ ପଞ୍ଚାୟତରେ ଥିବା ୧୬ଟି ସେବା ସମବାୟ ସମିତି ମଧ୍ୟରୁ ପ୍ରତାପପୁର ସମବାୟ ସମିତି ଅନ୍ୟତମ। ପ୍ରତାପପୁର, ଅଁଳାଡିହା, ବେତଗଡିଆ,ଜଗତିପୁର,ବଡାଶ ଏହି ପାଞ୍ଚଟି ପଞ୍ଚାୟତର ପ୍ରାୟ ୨୧୦୦ରୁ ଉଦ୍ଧର୍‌ୱ ଚାଷୀ ରହିଥିବା ବେଳେ ଚଳିତ ବର୍ଷ ଖରିଫ ଧାନ ପାଇଁ ୧୭୬୦ ଜଣ ଚାଷୀଙ୍କର ପଞ୍ଜିକୃତ ହୋଇଛି। ଅନ୍ୟ ହିତାଧିକାରୀ ପଞ୍ଜିକୃତରୁ ବାଦ ପଡିବାର କାରଣ ସେମାନଙ୍କ ନାମରେ ଟୋକନ ଆସିନାହିଁ। ୨୦୨୫ ରେ ସରକାରଙ୍କ ନୂଆ ନିୟମ ଅନୁଯାୟୀ ନିଜ ନାମରେ ଥିବା ଜମି ପଟ୍ଟା ମାଧ୍ୟମରେ ମଣ୍ଡିରେ ଧାନ ବିକ୍ରୀ ପାଇଁ ପଞ୍ଜିକୃତ କରିପାରିବା ସହିତ ସହମତି ପତ୍ର ମାଧ୍ୟମରେ ଧାନ ଖାତା ଖୋଲାଯାଇ ପାରିବ। ମାତ୍ର ବହୁ ହିତାଧିକାରୀ ତହସିଲ କାର୍ଯ୍ୟାଳୟରୁ ନିରାଶ ହେବା, ପାରିବାରିକ ସମସ୍ୟା, ପରିବାରର ଅନ୍ୟ ସଦସ୍ୟମାନେ ବାହାରେ ରହୁଥିବାରୁ ଲିଗାଲହେୟାର ସାର୍ଟିଫିକେଟ ଏଯାବତ ୭୦ ପ୍ରତିଶତ ହୋଇପାରିନାହିଁ। ଯଦିଓ ରାଜସ୍ୱ ବିଭାଗ ପକ୍ଷରୁ ବାପାଙ୍କ ନାମରେ ଥିବା ସମ୍ପତ୍ତିରୁ ସମସ୍ତ ଅଂଶିଦାରଙ୍କ ନାମରେ ନାମିତ କରାଯାଉଛି ତାହା ବାଲିଆପାଳ ବ୍ଲକ ରେ ୨୦/୩୦ ପ୍ରତିଶତ ଲୋକଙ୍କ ହୋଇଛି ଏବଂ ଅନ୍ୟ ମାନଙ୍କ ପ୍ରକ୍ରିୟା ଜାରି ରହିଛି ବୋଲି ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ କହିଛନ୍ତି। ମାତ୍ର ଏଠାରେ ଚାଷୀ ମଣ୍ଡିରେ ଧାନ ଦେବାରୁ ବଞ୍ଚିତ ହୋଇଥିବା ଚାଷୀ ମାନେ ବାଧ୍ୟ ହୋଇ କମ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଏ ନେଇ ସୋମବାର କିଛି ଜଣ ଚାଷୀ ଏକତ୍ରିତ ହୋଇ ପ୍ରତାପପୁର ସମବାୟ ସମିତିରେ ପହଞ୍ଚି ଦାବି ପତ୍ର ପ୍ରଦାନ କରିଥିଲେ। ବାଦ ପଡିଥିବା ଟୋକନ ପାଇନଥିବା ଚାଷୀ ମଣ୍ଡିରେ ଧାନ ଦେବାର ସରଳୀକରଣ କରାଇବା ପାଇଁ ସରକାରଙ୍କୁ ଦେବେନ୍ଦ୍ର ରାଉତ, ବିଜୟ କୁମାର ସାହୁ, ଶାନ୍ତନୁ ମହାପାତ୍ର,ସାନୁଜ ପାତ୍ର, ଅଜୟ କୁମାର ମହାପାତ୍ର, ରାଜେନ୍ଦ୍ର ବାରିକ, ଅଜିତ କୁମାର ପାତ୍ର, ପରମେଶ୍ୱର ସାମନ୍ତ ରାୟ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ବାଲିଆପାଳ ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ରଣା କହିଛନ୍ତି ଚାଷୀ ମାନେ ସୁବିଧାରେ ମଣ୍ଡିରେ ପଞ୍ଜିକୃତ କରିପାରିବେ ତାହା ସମସ୍ତ ସମବାୟ ସମିତିର ସେକ୍ରେଟାରୀ ମାନଙ୍କ ଟ୍ରେନିଂ ପ୍ରଦାନ କରାଯାଇଛି। ମଣ୍ଡିରେ ଧାନ ଦେବାର ବ୍ୟବସ୍ଥା ଅଳ୍ପ ଦିନ ରହିଥିବାରୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସାମ୍ବାଦିକ ମିହିର ମହାପାତ୍ରଙ୍କ ପରଲୋକ



ବାଲେଶ୍ୱର,୧୭।୩ (ସମିସ): ବାଲେଶ୍ୱର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ମିହିର ମହାପାତ୍ରଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ବୟସ ହୋଇଥିଲା। ଆଜି ଭୁବନେଶ୍ୱରର ଏକ ହସ୍ପିଟାଲ୍‌ରେ ଚିକିତ୍ସା ହେଉଥିବା ସମୟରେ ତାଙ୍କର ବିୟୋଗ ଘଟିଥିଲା। ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆ ଯାଇ ସତ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ଦିବଂଗତ ସାମ୍ବାଦିକ ସ୍ମୃତି କମିଟି ଓ ଗଣମାଧ୍ୟମ ମନଙ୍କ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ରଞ୍ଜନ କୁମାର ବାଗ, ମନୋଜ ବିଶ୍ୱାଳ, ହରିଶଙ୍କର ଜେନା, ସମୀର ଆଚାର୍ଯ୍ୟ, ବଂଶିଧର ଜେନ, କିଶୋର ଦାଶ, ରାଜେନ୍ଦ୍ର ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ମହାନ୍ତି, ରତିନ୍ଦ୍ର ଛାଟଇ, କଳିଙ୍ଗ ସାହୁ, ରମଣୀ ରଂଜନ ଦାସ, ଆଲୋକ ବାରିକଙ୍କ ସମେତ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ମିହିର ମହାପାତ୍ର ନେତାଜୀ ଜୟନ୍ତୀ କମିଟି, ରାଜୀବ ଗାନ୍ଧୀ ଅନୁଷ୍ଠାନ,ପ୍ରେସ୍ କ୍ଲବ, ପ୍ରେସ ଫୋରମ୍, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ, ବାଲେଶ୍ୱର ପ୍ରେସ ଇମ୍ପ୍ରେସ ସଂଗଠନର ସକ୍ରିୟ କର୍ମକର୍ତ୍ତା ଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଐତିହ୍ୟ

- ୧୯୩୭- ଟେକ୍ସାସ୍‌ର ଏକ ସ୍କୁଲ୍‌ରେ ବିସ୍ଫୋରଣ ହେବାରୁ ୨୯୪ ଲୋକଙ୍କ ମୃତ୍ୟୁ।
- ୧୯୪୪- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ ହିନ୍ଦ୍ ଫୌଜ ବର୍ମା ସୀମା ପାର୍ କଲା।
- ୧୯୭୧- ପେରୁରେ ଭୂସ୍ଖଳନ ଯୋଗୁଁ ୨୦୦ ଲୋକଙ୍କ ପ୍ରାଣହାନି।
- ୨୦୦୯ - କେନ୍ଦ୍ର ମନ୍ତ୍ରିମଣ୍ଡଳ ମେଘାଳୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ସୁପାରିଶ କଲା।

# ଭିକାରିମୁକ୍ତ ଦେଶ



ବିଶ୍ୱର ପ୍ରାୟ ପ୍ରତ୍ୟେକ ଦେଶରେ ଭିକାରି ଦେଖାଯାନ୍ତି। ହେଲେ ସ୍ୱିଜରଲ୍ୟାଣ୍ଡ ଏପରି ଏକ ଦେଶ ଯେଉଁଠି ରାସ୍ତାଘାଟରେ ଜଣେ ବି ଭିକାରି ଦେଖିବାକୁ ମିଳନ୍ତି ନାହିଁ। ଏହି ଦେଶ ବିଶ୍ୱର ସବୁଠୁ ସମୃଦ୍ଧ ଏବଂ ଖୁସି ଦେଶ ଭାବେ ଜଣାଶୁଣା। ଏଠାକାର ମଜଭୁତ ଆର୍ଥିକ ବ୍ୟବସ୍ଥା, ସାମାଜିକ ସୁରକ୍ଷା ଯୋଜନା ଏଠାରେ ଗରିବୀକୁ ପୂରାପୂରି ଶେଷ କରି ଦେଇଛି। ସେହିପରି ଏଠାରେ କାହାରି ଚାକିରି ଚାଲିଗଲେ, ତାଙ୍କୁ ସରକାର ତାଙ୍କର ପୂର୍ବ ଦରମାର ପ୍ରାୟ ୮୦ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରନ୍ତି। ଏହାସହ ସ୍ଥାନୀୟ ସରକାରଙ୍କ ତରଫରୁ ନୂଆ ଚାକିରି ପାଇବା ପାଇଁ ସ୍ୱତନ୍ତ୍ର ତାଲିମ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପରିଚାଳିତ କରାଯାଏ। ଏହାଦ୍ୱାରା ଲୋକେ ନୂଆ କୌଶଳ ଶିଖି ପୁଣି ଥରେ ନୂତନ କର୍ମକ୍ଷେତ୍ରକୁ ଫେରିଥାନ୍ତି। ସ୍ୱିଜରଲ୍ୟାଣ୍ଡ ୟୁରୋପର ସବୁଠୁ ଧନୀ ଦେଶ ଭାବେ ଜଣାଯାଏ। ଏଠାକାର ହାରାହାରି ଆୟ ଢେର୍ ଅଧିକ। ଏହି ଦେଶରେ କୌଣସି ବ୍ୟକ୍ତିଙ୍କର ଯେପରି ଘର ସମସ୍ୟା ରହିବ ନାହିଁ ତାହା ସରକାର ସୁନିଶ୍ଚିତ କରାଇଥାନ୍ତି। ଏହାବାଦ୍ ଘର ନ ଥିବା ଲୋକଙ୍କୁ ସରକାରୀ ଯୋଜନାରେ ରହିବା ପାଇଁ ସୁବିଧା ଯୋଗାଇ ଦିଆଯାଏ। କେବଳ ଘର ନୁହେଁ, ସ୍ୱାସ୍ଥ୍ୟ ସେବାକୁ ମଧ୍ୟ ଏଠାରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ନାଗରିକ ଶୃଙ୍ଖଳା ଉପରେ ମଧ୍ୟ ବହୁତ ଗୁରୁତ୍ୱ ଦିଆଯାଇଥାଏ। ଏହି କାରଣରୁ ଏଠାରେ ରାସ୍ତାଘାଟ ବହୁତ ସଫା ଏବଂ ବ୍ୟବସ୍ଥିତ ଥାଏ। ସ୍ୱିଜରଲ୍ୟାଣ୍ଡରେ ଯେଉଁ ଲୋକଙ୍କ ପାଖେ ରହିବାକୁ ଘର, ଖାଇବା ପିଇବାର ସୁବିଧା ଏବଂ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହେବା ସହିତ ସେମାନଙ୍କ ଆୟ ହାରାହାରି ଆୟ ଠାରୁ କମ୍ ହୋଇଥାଏ ସେମାନଙ୍କୁ ଗରିବ ବୋଲି ବିବେଚନା କରାଯାଏ। ଏହି କାରଣରୁ ଏହି ଦେଶରେ ସାଧାରଣ ସ୍ଥାନମାନଙ୍କରେ ଭିକାରି ଦେଖିବାକୁ ମିଳନ୍ତିନି। ତେଣୁ କୌଣସି ଭିକାରି ଏଠାରେ ଭିକ ମାଗନ୍ତି ନାହିଁ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ସ୍ଥାନୀୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ସରକାରୀ ଯୋଜନା ଏଠାକାର ନାଗରିକମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରିଛି।

# 'ଧୁରନ୍ଧର-୨'ରେ ୟାମୀ!



ବଲିଉଡ୍ ଅଭିନେତା ରଣବୀର ସିଂହଙ୍କ ଅଭିନୀତ ସିନେମା 'ଧୁରନ୍ଧର' ବକ୍ସ ଅଫିସ୍‌ରେ ରେକର୍ଡ ଆୟ କରିଥିଲା। ଏହାର ସିକ୍ୱେଲକୁ ନେଇ ମଧ୍ୟ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ ୟାମୀ ଗୌତମ ନଜର ଆସିବେ ବୋଲି ଏବେ ଜଣାପଡ଼ିଛି। ଏକ୍ସରେ @KshitizCritic ପକ୍ଷରୁ ସେୟାର୍ କରାଯାଇଥିବା ଏକ ପୋଷ୍ଟରେ 'ଧୁରନ୍ଧର ୨'ରେ ଡାକ୍ତର ଭୂମିକାରେ 'ୱାଇଜି' ନଜର ଆସିବେ ବୋଲି ଲେଖାଯାଇଛି। ଏଥିରୁ ଦର୍ଶକେ 'ୱାଇଜି' ଅର୍ଥ ୟାମୀ ଗୌତମ ଏଥିରେ ନଜର ଆସିବେ ବୋଲି ଅନୁମାନ ଲଗାଉଛନ୍ତି। ତେବେ 'ଧୁରନ୍ଧର ୨'ର କାହାଣୀରେ ଟ୍ୱିଷ୍ଟ ଆଣିବା ପାଇଁ ଏକ ହସ୍ପିଟାଲ୍ ସିନ୍ ରଖାଯାଇଛି। ୟାମୀଙ୍କ ଭୂମିକା ଫିଲ୍ମର ନାୟକଙ୍କ ମିଶନ୍‌କୁ ପ୍ରଭାବିତ କରୁଥିବା କୌଣସି ମୁଖ୍ୟ ଘଟଣାକ୍ରମ ସହ ଯୋଡ଼ି ହୋଇ ରହିଛି ବୋଲି କିଛି ରିପୋର୍ଟରେ କୁହାଯାଇଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଅନ୍ୟପଟେ ଭିକି କୌଶଳ ମଧ୍ୟ ସିନେମାରେ ଅତିଥି କଳାକାର ଭାବେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ସିନେମାଟି ମୁକ୍ତିଲାଭ କରିବା ପରେ ହିଁ ୟାମୀ ଏଥିରେ ଅଭିନୟ କରୁଛନ୍ତି କି ନାହିଁ ତାହା ଉପରୁ ପରଦା ଉଠିବ।



# ବିଜୁଳି, ମୋବାଇଲ ବିନା ୨୫ ବର୍ଷ

ଆଜିକାଲି ବିଦ୍ୟୁତ୍, ମୋବାଇଲ୍ ବିନା ଜୀବନ କଳ୍ପନା କରିବା ଅସମ୍ଭବ। ଏପରିସ୍ଥଳେ ତେଲେଙ୍ଗାନା ଭଦ୍ରାଦ୍ରୀ କୋଥାଗୁଡେମ୍ ଜିଲ୍ଲାର ଗୁରୁଙ୍ଗୁଟଲା ରେଡ୍ଡିଙ୍କ ପରିବାର ଦୀର୍ଘ ୨୫ ବର୍ଷ ଧରି ପାହାଡ଼ ଉପରେ ରହି ଆସୁଛନ୍ତି। ଏହି ପରିବାରର ସଦସ୍ୟମାନେ ବିଜୁଳି, ଆଧୁନିକ ଜୀବନଶୈଳୀଠୁ ଦୂରେଇ ରହି ଚାଷବାସ ଓ ଜଡ଼ିବୁଟି ସାହାଯ୍ୟରେ ଜୀବନ ଜିଉଁଛନ୍ତି। ଏହି ସ୍ଥାନ ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶର ସୀମାରେ ଅବସ୍ଥିତ। ଏହି ଅଞ୍ଚଳ କନ୍ଥଲମ ବନ ଅଞ୍ଚଳରେ ଥିବା ପାହାଡ଼ଗୁଡ଼ିକରେ ଆସିଥାଏ। ଏଠାରେ ପୂର୍ବରୁ ଚାଳିଶ ଆଦିବାସୀ ପରିବାର ରହୁଥିଲେ। ୧୯୯୦ରେ ସ୍ଥାନୀୟ ଅଞ୍ଚଳର ପ୍ରଶାସନିକ ଅଧିକାରୀମାନେ ଏହି ପରିବାରଗୁଡ଼ିକୁ ପାହାଡ଼ ତଳେ ରହିବା ପାଇଁ ପରାମର୍ଶ ଦେଇଥିଲେ। କାରଣ ଜଙ୍ଗଲରେ ବିଦ୍ୟୁତ୍, ପାଣି ଏବଂ ଶିକ୍ଷା ଭଳି ଅନ୍ୟ ସୁବିଧା ଯୋଗାଇବା ଖୁବ୍ କଠିନ ଥିଲା। ୨୦୦୦ ମସିହାରେ ସେଥିରୁ ୩୯ଟି ପରିବାର ପାହାଡ଼ ତଳେ ଥିବା କଲୋନୀରେ ରହିଲେ। ହେଲେ ଗୁରୁଙ୍ଗୁଟଲାଙ୍କ ପରିବାର ତଳେ ଆସି ରହିବାକୁ ମନା କଲେ। ଫଳରେ ଏହି ଆଦିବାସୀ ପରିବାର ଦୀର୍ଘ ୨୫ ବର୍ଷ ଧରି ଏହି ସ୍ଥାନରେ ରହି ଆସୁଛନ୍ତି। ବିଦ୍ୟୁତ୍ ଓ ପାଣି ବିନା ଉକ୍ତ ପରିବାର କୃଷିକାର୍ଯ୍ୟ ଏବଂ ଜଡ଼ିବୁଟି ସାହାରାରେ ଜୀବନ ଅତିବାହିତ କରୁଛନ୍ତି। ଗୁରୁଙ୍ଗୁଟଲା ନିଜ ପତ୍ନୀ ଏବଂ ପୁଅ ସହ ସେଠାରେ ରହୁଛନ୍ତି। ଅଧିକାରୀମାନେ ଭାବିଥିଲେ ଯେ, ସମୟ ସହ ସେମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିବ ଏବଂ ସେମାନେ ତଳକୁ ଆସିବେ। ହେଲେ ସେପରି କିଛି ଘଟିଲାନି।

ଗୁରୁଙ୍ଗୁଟଲାଙ୍କ କହିବାନୁଯାୟୀ, ତାଙ୍କ ଜନ୍ମ ଏହି ଜଙ୍ଗଲରେ ହୋଇଛି ଏବଂ ସେ ଏହି ସ୍ଥାନରେ ମରିବାକୁ ଚାହାଁନ୍ତି। ସେହିପରି ସ୍ୱାମୀ ଯେଉଁଠି ରହିବେ ସେଠାରେ ରହିବା ପାଇଁ ତାଙ୍କ ପତ୍ନୀ ମଧ୍ୟ ଜିଦ୍ ଧରିଛନ୍ତି। ଏଥିସହ ତାଙ୍କ ପୁଅ ମଧ୍ୟ ପିତାମାତାଙ୍କ ସହ ରହିବା ପାଇଁ ସ୍ଥିର କରିଛି। ଏହିପରି ଭାବେ ସେମାନେ ଆଧୁନିକ ଦୁନିଆରୁ ଦୂରେଇ ନିଜର ଏକ ସ୍ୱତନ୍ତ୍ର ଦୁନିଆ ତିଆରି କରିଛନ୍ତି। ଅନ୍ୟପଟେ ସେମାନଙ୍କର ପାଞ୍ଚୋଟି ଝୁମ୍ପୁଡ଼ି ରହିଛି। ତିନିଟିରେ ସେମାନେ ରହୁଥିବାବେଳେ ଗୋଟିଏରେ କୁକୁଡ଼ା, କୁକୁର ଭଳି ପୋଷା ପ୍ରାଣୀ ଏବଂ ଅନ୍ୟଟିରେ କାଠ ରଖିଥାନ୍ତି। ରାତିରେ ଆଲୋକ ପାଇଁ ନିଆଁ ଜାଳନ୍ତି। ବର୍ଷାରେ ଝୁମ୍ପୁଡ଼ିରୁ ପାଣି ଝରିଲେ ମନ୍ଦିରରେ ଲାଗିଥିବା ବ୍ୟାନର ଆଣି ଛାତ ଉପରେ ପକାନ୍ତି। ଏଥିସହ ସେମାନେ ନିଜେ ଚାଷ କରି ଖାଆନ୍ତି। ନଦୀ ପାଣି ପିଅନ୍ତି। ସେହିପରି କୌଣସି ରୋଗ ହେଲେ ଗଛ ପତ୍ର ଏବଂ ଜଡ଼ିବୁଟି ବ୍ୟବହାର କରନ୍ତି। ଜଙ୍ଗଲୀ ଜନ୍ତୁମାନେ ମଧ୍ୟ ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ ବୋଲି ଏହି ପରିବାର ଦାବି କରନ୍ତି। ଦିନରାତି ବିଷୟରେ ଜାଣିପାରୁଥିଲେ ସୁଦ୍ଧା ତାରିଖ ଓ ସମୟ ବିଷୟରେ ଜାଣିପାରନ୍ତି ନାହିଁ ବୋଲି ଏହି ପରିବାରର ଲୋକେ କୁହନ୍ତି। ପ୍ରଶାସିନକ ଅଧିକାରୀମାନେ ସେମାନଙ୍କୁ ଆଣିବା ପାଇଁ ଗଲାବେଳେ ସେମାନେ ଜଙ୍ଗଲରେ ଲୁଚି ଯାଆନ୍ତି। ଏହି ପରିବାର ନିଜ ଇଚ୍ଛାନୁସାରେ ଜଙ୍ଗଲରେ ଜିଉଁଛନ୍ତି ସେମାନଙ୍କୁ ତଳକୁ ନେଇ ଆସିଲେ ଦୁଃଖୀ ହେବେ ବୋଲି ଜଙ୍ଗଲ ଛାଡ଼ି ତଳେ ରହୁଥିବା ପରିବାରଗୁଡ଼ିକ ମତ ଦିଅନ୍ତି।





# ପ୍ରମ୍ପ୍ଟ ଇଞ୍ଜିନିୟରିଂ କୋର୍ସ



**ପ୍ରମ୍ପ୍ଟ ଇଞ୍ଜିନିୟରିଂର ସମ୍ବନ୍ଧ ଏଆଇ ଏବଂ ମେସିନ ଲର୍ଣ୍ଣିଂ ସହିତ ରହିଛି। ଏବେ ଏଆଇ ଯୁଗରେ ପ୍ରମ୍ପ୍ଟ ଇଞ୍ଜିନିୟରିଂ କୋର୍ସ ଓ ଏହା ସହିତ ସମ୍ବନ୍ଧିତ ଚାକିରିର ଚାହିଦା ବେଶି ବୋଲି କୁହାଯାଉଛି।**

ପ୍ରମ୍ପ୍ଟ ଇଞ୍ଜିନିୟରିଂର ଅର୍ଥ ହେଉଛି ଏଆଇ ଟୁଲ୍ ଯେଭଳି ଠିକ୍ ଉତ୍ତର ଦେବ, ସେଥିଲାଗି ଠିକ୍ ପ୍ରଶ୍ନ ଓ ଇନଷ୍ଟ୍ରକସନ ପ୍ରସ୍ତୁତ କରିବା। ଫଳରେ ଏଆଇ ଟୁଲ୍ ଏହାକୁ ବୁଝି ଉତ୍ତର ଦେଇଥାଏ। ଏଥିରେ ଠିକ୍ ଶବ୍ଦକୁ ଚୟନ କରିବା, ସ୍ପଷ୍ଟ ନିର୍ଦ୍ଦେଶ (ପ୍ରମ୍ପ୍ଟ) ଦେବା ଏବଂ ଆବଶ୍ୟକ ପ୍ରଶ୍ନକୁ ବିସ୍ତୃତ ଭାବେ ବୁଝିବା ସାମିଲ ଥାଏ। ଯଦି ପ୍ରମ୍ପ୍ଟ ଠିକ୍ ଭାବେ ଲେଖା ଯାଇଥିବ, ଏଆଇ ଟୁଲ୍ ଆବଶ୍ୟକତା ଅନୁସାରେ, ଭଲ ଆଉଟପୁଟ୍ ଦେଇଥାଏ।

**କ'ଣ ଶିଖିବେ**

ପ୍ରମ୍ପ୍ଟ ଇଞ୍ଜିନିୟରିଂରେ ଏଆଇକୁ ଠିକ୍ ଭାବେ ନିର୍ଦ୍ଦେଶ କିଭଳି ଦିଆଯିବ, ତାହା ଶିଖିପାରିବେ। ଡାଟା କିଭଳି ଇନପୁଟ୍ କରାଯିବ, ତାହା ଶିକ୍ଷା ଦିଆଯାଏ। ଏଆଇର ସୀମା କ'ଣ ଏବଂ ଏଥିରେ ଏଥିକଲ ଠିକ୍ ଭାବେ କିଭଳି ବ୍ୟବହାର କରାଯିବ, ତାହା ଜାଣି ହୁଏ। ପ୍ରମ୍ପ୍ଟ ଇଞ୍ଜିନିୟରିଂ ଶିଖିକି ଏଆଇ ସହିତ ସ୍ମାର୍ଟ, ସହଜ ଓ ସୁରକ୍ଷିତ ଉପାୟରେ କାମ କରିପାରିବେ।

**ଚାକିରି:** ପ୍ରମ୍ପ୍ଟ ଇଞ୍ଜିନିୟରିଂ ପରେ ଟେକ୍, ହେଲଥ କେୟାର୍, ଫାଇନାନ୍ସ, ଏଜୁକେସନ ଆଦି ପ୍ରତ୍ୟେକ କ୍ଷେତ୍ରରେ କାମ କରିବାର ସୁଯୋଗ ମିଳେ। ବର୍ତ୍ତମାନ ଗୁଗଲ, ମାଇକ୍ରୋସଫ୍ଟ, ଆମାଜନ ଏଆଇ ଏବଂ ଏମଏଲ ଉପରେ ବହୁ ନିବେଶ କରୁଛନ୍ତି।

ଏହି ସବୁ କମ୍ପାନିକୁ ଏମିତି ବିଶେଷଜ୍ଞ ଆବଶ୍ୟକ, ଯେଉଁମାନେ ସେମାନଙ୍କ ଏଆଇ ମଡେଲକୁ ପ୍ରଶିକ୍ଷଣ ଦେଇପାରିବେ। ଯେଉଁମାନେ ଏଆଇ ଟୁଲ୍ ତଥା ମଡେଲକୁ ବୁଝିବାକୁ ଚାହାନ୍ତି, ସେମାନେ ପ୍ରମ୍ପ୍ଟ ଇଞ୍ଜିନିୟରିଂ କରିପାରିବେ।

# ନିରବତାରେ କାମ



**ବର୍ତ୍ତମାନ କାର୍ଯ୍ୟ ସଂସ୍କୃତିରେ ଏକ ନୂଆ ଟ୍ରେଣ୍ଡ ସାମ୍ନାକୁ ଆସିଛି। ଏହାକୁ 'ସାଇଲେଣ୍ଟ କୋ-ୱାର୍କିଂ' କୁହାଯାଉଛି। ଏଥିରେ ବିନା ପାଟିତୁଣ୍ଡରେ ଧ୍ୟାନର ସହକାରେ କାମ କରାଯାଏ। ଫ୍ରିଲାନ୍ସର ଏବଂ ଟେକ୍ ପ୍ରଫେସନାଲ ଏହି ମଡେଲକୁ ଅଧିକ ଆପଣାଉଛନ୍ତି। କାରଣ ନିରବତାରେ କାମ କରିବା ଦ୍ୱାରା କାର୍ଯ୍ୟ କ୍ଷମତା ବୃଦ୍ଧି ପାଉଛି ଏବଂ ଶାନ୍ତିଭଙ୍ଗ କମ୍ ହେଉଛି। ତେଣୁ ଏହାକୁ କାମ କରିବାର ନୂଆ ତଥା ପ୍ରଭାବୀ ଉପାୟ ବୋଲି କୁହାଯାଉଛି।**

ଏହାକୁ ମୌନ ୱାର୍କ ସ୍ପେସ୍ ମଧ୍ୟ କୁହାଯାଏ। କାର୍ଯ୍ୟ କ୍ଷେତ୍ରରେ କମ୍ ପାଟିତୁଣ୍ଡ ହେଉଥିବାରୁ ଏହା ପ୍ରତି ସମସ୍ତେ ଟାଣି ହେଉଛନ୍ତି। ଏମିତି ବି ଦାବି କରାଯାଉଛି ଯେ, ଏହାଦ୍ୱାରା କାର୍ଯ୍ୟାଳୟରେ ଭଲ ପରିବେଶ ସୃଷ୍ଟି ହେବା ସହ ଲୋକେ ଶୀଘ୍ର କାମ କରୁଛନ୍ତି। ତେବେ ସାଇଲେଣ୍ଟ କୋ-ୱାର୍କ ସ୍ପେସ୍ ହେଉଛି ଅଫିସ୍ ଏବଂ ଲାଇବ୍ରେରୀର ଏକ ସ୍ମାର୍ଟ ମେଳ। ଏଥିରେ କେବଳ କାମ କରାଯାଏ ଏବଂ କୌଣସି କଥାବାର୍ତ୍ତା ନ ଥାଏ। ଏହି ଟ୍ରେଣ୍ଡକୁ ଆପଣାଉଥିବା ଲୋକେ ନିଜ ଲାପଟପ୍ ଏବଂ ହେଡ୍‌ଫୋନ୍ ସହିତ ଆସନ୍ତି। ଗୋଟିଏ ସିଟ୍ ବାଛି ଘଣ୍ଟା ଘଣ୍ଟା କାମ କରନ୍ତି। ଏହା ଏମିତି ନିରୋଳା ପରିବେଶ ସୃଷ୍ଟି କରେ ଯେ, ଫୋନ୍ ରିଙ୍ଗ ଟୋନ୍ ଶୁଣିବାକୁ ମିଳି ନ ଥାଏ ଏବଂ ଅଫିସ୍ ଗସିପ୍‌ର ଶବ୍ଦ ନ ଥାଏ। ଏହି ଶାନ୍ତ ପରିବେଶର ଉଦ୍ଦେଶ୍ୟ ହେଉଛି କାମ କରୁଥିବା ବ୍ୟକ୍ତିର ସମ୍ପୂର୍ଣ୍ଣ ଧ୍ୟାନ ତା'ର ସ୍କ୍ରିନ୍ ଏବଂ ଟାସ୍କ ଉପରେ ରହିବ। ଯଦ୍ୱାରା କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ।

ତେବେ ଏହା ପଛରେ ଅନେକ ଠୋସ୍ କାରଣ ଥିବା କୁହାଯାଉଛି। ବିଶେଷଜ୍ଞଙ୍କ ଅନୁସାରେ, କୋଡିଂ, ରାଇଟିଂ, ଡାଟା ଆନାଲିସିସ୍ ଭଳି କାମରେ ଗଭୀର ଏକାଗ୍ରତାର ଆବଶ୍ୟକତା ଅଛି। ତା'ସହ ଶାନ୍ତ ପରିବେଶରେ ଏହା କାମର ଗତିକୁ ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରେ। ଏହାବାଦ୍ ଅଫିସ୍ ପାଟିତୁଣ୍ଡରୁ ସୃଷ୍ଟି ହେଉଥିବା ଚାପ, ମୁଣ୍ଡବିନ୍ଧା କମ୍ ହୁଏ। ଏପରିକି ଆଖପାଖରେ କଥାବାର୍ତ୍ତା ପାଟିତୁଣ୍ଡ ନ ହେବା ଦ୍ୱାରା ଧ୍ୟାନ ଭଗ୍ନ ହେବାର ଆଶଙ୍କା କମ୍ ହୁଏ। ସେଥିପାଇଁ କୋଡିଂ ଡେଭଲପର, କଣ୍ଟେଣ୍ଟ ରାଇଟର, ଡିଜାଇନର, ଡାଟା ଅନାଲିଷ୍ଟ ଫ୍ରିଲାନ୍ସର, ଷ୍ଟାର୍ଟଅପ୍ ପ୍ରଫେସନାଲ ଏବଂ ରିମୋଟ ୱାର୍କ କରୁଥିବା ଲୋକ ଦ୍ରୁତ ବେଗରେ ଏହି ମଡେଲକୁ ଆପଣାଉଛନ୍ତି।

ଏହି ୱାର୍କ ସ୍ପେସ୍‌କୁ ମୁଖ୍ୟତଃ ଦୁଇ ପ୍ରକାରରେ ଡିଜାଇନ କରାଯାଇଛି। ପ୍ରଥମତଃ ହେଉଚି କ୍ୱାଇଟ୍ ଜୋନ୍। ଯାହାକି ବଡ଼ ହଲ୍ ଭଳି ହୋଇଥାଏ। ଯେଉଁଠି କଥାବାର୍ତ୍ତା ଉପରେ କଠୋର କଟକଣା ରହିଥାଏ। ଦ୍ୱିତୀୟଟି ହେଉଛି ସାଇଲେଣ୍ଟ ପଡ଼। ଏଥିରେ ଛୋଟ ଛୋଟ କାଚର ସାଉଣ୍ଡ ପ୍ରୁଫ୍ କ୍ୟାବିନ୍ ଥାଏ ଏବଂ ଏହା ପୂରା ଗୋପନୀୟତା ପ୍ରଦାନ କରେ। ଏଠାରେ କାମ କରୁଥିବା ଲୋକଙ୍କ ପାଇଁ କିଛି ଜରୁରି ନିୟମ ଅଛି। ଫୋନ ସବୁବେଳେ ସାଇଲେଣ୍ଟ ମୋଡରେ ରଖିବା, କଲ୍ ପାଇଁ ବାହାରକୁ ଯିବା ମନା। ଏଥିରେ ୫୦ ମିନିଟ୍ କାମ ଏବଂ ୧୦ ମିନିଟ୍ ବ୍ରେକ୍ ନିଆଯାଏ। ଶାନ୍ତ ପରିବେଶରେ କାମ କରିବା ଦ୍ୱାରା ଧ୍ୟାନ କେନ୍ଦ୍ରିତ ରହେ। କାମ ସମୟରେ ପୂରା ହେବାର ଆଶଙ୍କା ବଢ଼ିଯାଏ।

# ସିଡ୍ୟୁଲ ମେସେଜ ଫିଚର୍



ଏଣିକି ମଧ୍ୟରାତ୍ରିରେ ଜନ୍ମଦିନ ଶୁଭେଚ୍ଛା ଜଣାଇବା ଲାଗି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଲୋକଙ୍କୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ହ୍ୱାଟ୍ସଆପ୍ ଏମିତି ଏକ ଫିଚର୍ ଆଣିବ, ଯେଉଁଥିରେ ବ୍ୟବହାରକାରୀ ସ୍ଥିରୀକୃତ ସମୟରେ ମେସେଜ ପଠାଇପାରିବେ। ଏ ଲାଗି ସିଡ୍ୟୁଲ ମେସେଜ ଫିଚର୍‌କୁ ପରିଚିତ କରାଇବ। ଏହି ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ପୂର୍ବରୁ ମେସେଜ ଟାଇପ୍ କରିକି ନିର୍ଦ୍ଧାରିତ ତାରିଖ ଓ ସମୟ ପାଇଁ ସେଟ୍ କରାଯାଏ। ଠିକ୍ ସମୟ ଆସିବା ପରେ ମେସେଜ ଆପେ ଆପେ ରିସିଭର ପାଖରେ ପହଞ୍ଚି ଯିବ। ଏ ଲାଗି ବ୍ୟବହାରକାରୀଙ୍କୁ ପୁଣି ଥରେ ଆପ୍ ଖୋଲିବାକୁ ପଡ଼ିବ ନାହିଁ। ଏବେ ହ୍ୱାଟ୍ସଆପ୍ ଏହି ଫିଚର୍ ଉପରେ କାମ ଚଳାଇଛି। ତେବେ ଆଇଓଏସ୍‌ରେ ହ୍ୱାଟ୍ସଆପ୍ ସିଡ୍ୟୁଲ ମେସେଜ ଭଳି ସୁବିଧା ପୂର୍ବରୁ ଅଛି। ହେଲେ ଏହାକୁ ସର୍ଟକଟ୍ ଆପ୍ ମାଧ୍ୟମରେ ଅଟୋମେସନ କରିବାକୁ ପଡ଼ିଥାଏ। ଏହି ଉପାୟ ଜଟିଳ ହୋଇଥିବା ବେଳେ ସମସ୍ତଙ୍କ ପାଇଁ ସହଜ ବି ନୁହେଁ। ଅନ୍ୟପଟେ ଏବେ ଏହା ବିଟା ଟେଷ୍ଟିଂ ପାଇଁ ଉପଲବ୍ଧ ନାହିଁ।

# ଟିମ୍ ସହ ମିଶି କରନ୍ତୁ କାମ

**ଅନେକ ସମୟରେ ଅଫିସ୍‌ରେ କାର୍ଯ୍ୟଭାର ବଢ଼ିଥାଏ। ଯଦି ଅଫିସ୍ କାମ ଘରକୁ ଆଣିବାକୁ ଚାହୁଁ ନାହାନ୍ତି, ତାହେଲେ କର୍ମଚାରୀଙ୍କୁ ନିଜ ଟିମ୍ ସହ ମିଶି କାମ କରିବା ଦରକାର। ସେଥିପାଇଁ ନିମ୍ନ ପ୍ରଦତ୍ତ ଦିଗ ଉପରେ ଗୁରୁତ୍ୱ ଦିଅନ୍ତୁ।**

- ପ୍ରଥମେ ସହଜ ଓ ସରଳ କାମକୁ ଶୀଘ୍ର ଶେଷ କରିବା ଦରକାର।
- ବସ୍ ତଥା କ୍ଲାଏଣ୍ଟଙ୍କ ସହ କାମ କରିବା ନେଇ ଡେଡ୍‌ଲାଇନ୍ ସେଟ୍ କରନ୍ତୁ। ଏହାଦ୍ୱାରା ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ପୂରଣ ହେବ।
- କାମ ଉପରେ ଫୋକସ୍ କରିବା ପାଇଁ ନିଜ ଡେସ୍କକୁ ଠିକ୍ ଭାବେ ସଜାଡ଼ି ରଖନ୍ତୁ।
- ଭଲ କାମ କରିବା ପାଇଁ ନିଜକୁ ଚ୍ୟାଲେଞ୍ଜ କରନ୍ତୁ। ଏହା ଦ୍ୱାରା ଭଲ କାର୍ଯ୍ୟ କରିବେ।
- ଟିମ୍ ସହ ମିଶି କାମ ପୂରା କରିବାକୁ ଚେଷ୍ଟା କରନ୍ତୁ। ଏହାବାଦ୍ ଟିମ୍ ଲିଡର୍‌ଙ୍କ ପରାମର୍ଶ ମଝିରେ ମଝିରେ ନିଅନ୍ତୁ।
- ଗ୍ରୁପ୍‌ରେ ସକ୍ରିୟ ରୁହନ୍ତୁ। କିଏ କ'ଣ କହୁଛି, ସେକଥା ଭଲଭାବେ ଶୁଣନ୍ତୁ।



# ଆଇପିଏଲ୍ ଲାଗି ଜୋର୍‌ଦାର୍ ପ୍ରସ୍ତୁତି



ନୂଆଦିଲ୍ଲୀ,୧୭।୩(ଏଜେନ୍ସି)

ଭାରତୀୟ କ୍ରିକେଟ ସମର୍ଥକଙ୍କ ନଜର ଏବେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବା ଆଇପିଏଲ୍ ଉପରେ। ୨୦୨୬ର ଆଇପିଏଲ୍ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ। ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଆଇପିଏଲ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ପାଇବା ପରେ ଉଦ୍‌ଘାଟନୀ ମୁକାବିଲାକୁ ଏଠାରେ କରାଇବାକୁ ଘୋଷଣା କରାଯାଇଛି। ଏହା ଫଳରେ ଆଇପିଏଲ ଖେଳାଯାଉଥିବା ଏକ ବଡ଼ କେନ୍ଦ୍ରରେ ମ୍ୟାଚ୍ ହେବା ନେଇ ଯେଉଁ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଦୂରୀଭୂତ ହୋଇଯାଇଛି। ଏବେ ପ୍ରାୟ ସମସ୍ତ ଦଳ ସେମାନଙ୍କ ହୋମ୍ ବେସ୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଚେନ୍ନଇରେ ଏମ୍‌ଏସ୍ ଧୋନି, ମୁମ୍ବଇରେ ରୋହିତ ଶର୍ମା, ନୂଆଦିଲ୍ଲୀରେ ଋଷଭ ପନ୍ତ୍‌ଙ୍କ ପରି ଖେଳାଳି ଜୋରଦାର ଅଭ୍ୟାସରେ ମାତିଛନ୍ତି। ଧୋନି ଚଳିତ ସିଜନରେ ସମସ୍ତ ମ୍ୟାଚ୍ ଖେଳିବେ ବୋଲି କୁହାଯାଉଛି। ପନ୍ତ୍ ଫିଟ୍ ରହିବା ଲାଗି ଓଜନର କମାଇବା ଘଟଣା ବେଶ ଚର୍ଚ୍ଚରେ ରହିଛି। ଜୟପୁରରେ ବୈଭବ ସୂର୍ଯ୍ୟବଂଶୀ ଚଳିତ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ସ୍କୋର କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

### ଚେନ୍ନଇରେ ଏମ୍‌ଏସ୍ ଧୋନି

ଚେନ୍ନଇରେ ମହେନ୍ଦ୍ର ସିଂ ଧୋନି ଆଗୁଆ କ୍ୟାମ୍ପରେ ଯୋଗଦେଇଛନ୍ତି। ସମସ୍ତ ନବାଗତ ଖେଳାଳିଙ୍କୁ ସେ ଦିଗଦର୍ଶନ ଦେବା ସହ ଆଇପିଏଲ୍‌ରେ କିପରି ଭଲ ପ୍ରଦର୍ଶନ କରିପାରିବ ସେ ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ରବୀନ୍ଦ୍ର ଜାଡେଜାଙ୍କୁ ଯେପରି ଦଳରୁ ବିଦା କରାଗଲା ତାହାକୁ ନେଇ ଧୋନି ଅସନ୍ତୋଷ ଜାହିର କରିଛନ୍ତି। ବିଶେଷ ରିପୋର୍ଟରୁ ଜଣାଯାଇଛି, ଧୋନି ଚଳିତବର୍ଷ ତାଙ୍କର ଶେଷ ଆଇପିଏଲ୍ ବୋଲି ମ୍ୟାନେଜ୍‌ମେଣ୍ଟକୁ ସୂଚାଇଦେଇଛନ୍ତି। ସେହିପରି ପୂର୍ବତନ ଖେଳାଳି ଏବି ଡିଭିଲର୍ସ ଧୋନିଙ୍କ ବ୍ୟାଟିଂ ଅର୍ଡରକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆହତ ହୁଅନ୍ତୁ ଅବା ଅନ୍ୟ କିଛି କାରଣ ଲାଗି ଧୋନି ନଂ-୮ରେ ବ୍ୟାଟିଂ କରୁଥିଲେ। ଏଭଳି ସ୍ଥାନରେ ସେ ବ୍ୟାଟିଂ କରିବା ଅନୁଚିତ୍ କିମ୍ବା ଆଦୌ ନ ଖେଳିବା ଉଚିତ ବୋଲି ଡି ଭିଲର୍ସ କହିଛନ୍ତି। ଆରମ୍ଭରୁ ଅସନ୍ତୋଷ ମଧ୍ୟରେ ଚେନ୍ନଇ ସୁପର କିଙ୍ଗ୍‌ସର ପ୍ରସ୍ତୁତି ଆରମ୍ଭ ହୋଇଛି।

ଫାଷ୍ଟ ବୋଲରଙ୍କ ଅଭାବରେ କୋଲକାତା ନାଇଟ୍ ରାଇଡର୍ସ ଅଡୁଆରେ ପଡ଼ିଛି। ସନ୍‌ରାଇଜର୍ସର ନିୟମିତ ଅଧିନାୟକ ତଥା ଅଷ୍ଟ୍ରେଲୀୟ ଖେଳାଳି ପ୍ୟାଟ କମିନ୍ସ କେବେ ଦଳ ସହ ଯୋଗଦେବେ ସେ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଫଳରେ ଇଶାନ କିଶାନଙ୍କୁ ଦଳ କାମଚଳା ଅଧିନାୟକ ଦାୟିତ୍ୱ ଦେବ ବୋଲି ଆଶା କରାଯାଉଛି। ଏସବୁ ମଧ୍ୟରେ ମାର୍ଚ୍ଚ ୨୮ରୁ ନିରବଚ୍ଛିନ ଭାବେ ଆଇପିଏଲର ଆୟୋଜନ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।






### ଅଡୁଆରେ କେକେଆର୍

ଚଳିତ ସିଜନରେ ଏକାଧିକ ନବାଗତ ଖେଳାଳିଙ୍କୁ ନେଇ ଖେଳୁଥିବା କେକେଆର୍ ବା କୋଲକାତା ନାଇଟ୍ ରାଇଡର୍ସ ଆରମ୍ଭରୁ ଅସୁବିଧାର ସମ୍ମୁଖୀନ ହୋଇଛି। ରାଜନୈତିକ କାରଣ ଯୋଗୁଁ ବାଂଲାଦେଶୀ ଫାଷ୍ଟ ବୋଲର ମୁସ୍ତାଫିଜୁର ରହେମାନଙ୍କୁ ଦଳ ବିଦା କରିଥିଲା। ଏହା ପରେ ଆହତ ଯୋଗୁଁ ହର୍ଷିତ ରାଣାଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଅନ୍ୟତମ ଫାଷ୍ଟ ବୋଲର ମାଥିଶା ପତିରାଣା ଏଯାଏ ପୂରା ଫିଟ୍ ହୋଇନାହାନ୍ତି। ଏହି ୩ଜଣ ଫାଷ୍ଟ ବୋଲରଙ୍କ ଅନୁପସ୍ଥିତିରେ କୋଲକାତା ଜିମ୍ବାୱେର ଫାଷ୍ଟ ବୋଲର ବ୍ଲେସିଂ ମୁଜାରବାନିଙ୍କୁ ଦଳରେ ସାମିଲ କରିଛି। ଅନ୍ୟ କୌଣସି ବୋଲରଙ୍କୁ ନିଆଯିବ ନାହିଁ ବୋଲି କେକେଆର୍ ପକ୍ଷରୁ କୁହାଯାଇଛି।

### ମୁମ୍ବଇରେ ରୋହିତ ଶର୍ମା

ସେହିପରି ମୁମ୍ବଇରେ ରୋହିତ ଶର୍ମା ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ତାଙ୍କ ସହ ଅନ୍ୟ କିଛି ଖେଳାଳି ମଧ୍ୟ ଅଭ୍ୟାସ କରୁଛନ୍ତି। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ଜାତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏଯାଏ ଅଭ୍ୟାସକୁ ଆସି ନାହାନ୍ତି। ବିଦେଶୀ ଖେଳାଳିମାନେ ଏଯାଏ ଆସିନାହାନ୍ତି। ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୨୮ରୁ ଆରମ୍ଭ ହେବ ବୋଲି ସ୍ଥିର ହୋଇଛି। ଏଣୁ ଖେଳାଳିମାନେ ସପ୍ତାହକ ଆଗରୁ ଆସିବେ ବୋଲି ଜଣାଯାଇଛି। ଆଉ ଏକ ସମସ୍ୟା ହେଉଛି ଇରାନ ବନାମ ଆମେରିକା-ଇଜ୍ରାଏଲ ଯୁଦ୍ଧ। ଏହି ଯୁଦ୍ଧ ଯୋଗୁ ବିମାନ ସେବା ବ୍ୟାହତ ହୋଇଛି। ଏଣୁ ଯାତାୟତରେ ଅସୁବିଧା ହେଉଛି।

## କମିନ୍ସ, ହାଜ୍‌ଲେଉଡ୍‌ଙ୍କ ଖେଳିବା ନେଇ ଆଶଙ୍କା

ହାଇଦ୍ରାବାଦ୍,୧୭।୩(ଏଜେନ୍ସି): ଆଘାତ ସମସ୍ୟାରୁ ମୁକୁଳି ନ ଥିବାରୁ ଅଷ୍ଟ୍ରେଲିଆର ଦୁଇ ଫାଷ୍ଟ ବୋଲର ପ୍ୟା୍ କମିନ୍ସ ଓ ଜୋଶ ହାଜ୍‌ଲେଉଡ୍‌ଙ୍କ ଚଳିତବର୍ଷ ଆଇପିଏଲ୍‌ରେ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଉଭୟ ଖେଳାଳି ଫିଟ୍ ହୋଇ ନ ଥିବାରୁ ଦଳ ସହ କେବେ ଯୋଗଦେବେ ତାହା ଏଯାଏ ସ୍ପଷ୍ଟ କରିନାହାନ୍ତି। ଏଣୁ ହାଇଦରାବାଦ୍‌ର ନେତୃତ୍ୱ ନେଉଥିବା କମିନ୍ସଙ୍କ ସ୍ଥାନରେ ଦଳ ଇଶାନ କିଶାନଙ୍କୁ ଅଧିନାୟକ ଦାୟିତ୍ୱ ଦେବ ବୋଲି ସୂଚନା ମିଳିଛି। ପିଠିରେ କମିନ୍ସ ଯେଉଁ ଆଘାତ ପାଇଥିଲେ, ସେଥିରୁ ସେ ପୂରା ଫିଟ୍ ହୋଇ ନ ଥିବାରୁ ଆଇପିଏଲ୍ ଖେଳିବାକୁ ଆସିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁଙ୍କୁ ପ୍ରଥମଥର ଚାମ୍ପିଅନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଜୋଶ ହାଜ୍‌ଲେଉଡ୍ ମଧ୍ୟ ଏଯାଏ ଫିଟ୍ ହୋଇ ନାହାନ୍ତି। ୫ମାସ ହେଲା ସେ କୌଣସି କ୍ରିକେଟ ଖେଳି ନାହାନ୍ତି। ଏଣୁ ତାଙ୍କର ଆଇପିଏଲ୍‌ରେ ଖେଳିବା ନେଇ ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

■ ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍

## ଶୀର୍ଷରେ ମନ୍ଧାନା ସ୍ଥିର; ହରମନପ୍ରୀତ୍ ଉଠିଲେ

ଦୁବାଇ, ୧୭ ।୩ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ୭୯୦ ରେଟିଂ ପଏଣ୍ଟ ସହ ମନ୍ଧାନା ପୂର୍ବଭଳି ବ୍ୟାଟିଂ ତାଲିକାରେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ସେହିଭଳି ଅଧିନାୟିକା ହରମନପ୍ରୀତ୍ କୌର ଗୋଟିଏ ପାହାଚ ଉପରକୁ ଉଠି ୭ମ ସ୍ଥାନ ଲାଭ କରିଛନ୍ତି। ଟପ୍-୨୦ରେ ତୃତୀୟ ଭାରତୀୟ ବ୍ୟାଟର୍ ଭାବେ ଜେମିମା ରୋଡ୍ରିଗ୍ସ ୧୨ତମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ନ୍ୟୁଜିଲାଣ୍ଡର ଦୁଇ ବ୍ୟାଟର ମ୍ୟାଡି ଗ୍ରୀନ ଓ ଆମେଲିଆ କେର୍ ଯଥାକ୍ରମେ ୫ଟି ଓ ଦୁଇଟି ସ୍ଥାନ ଉପରକୁ ଉଠି ଟପ୍-୨୦ରେ ପ୍ରବେଶ କରିଛନ୍ତି। ସଦ୍ୟ ର୍‍ୟାଙ୍କିଙ୍ଗରେ ଗ୍ରୀନ ୧୭ତମ ଓ କେର୍ ୨୦ତମ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟ, ଅଷ୍ଟ୍ରେଲିଆର ବେଥ୍ ମୁନୀ, ଆସଲେ ଗାର୍ଡନର ଏବଂ ଇଂଲଣ୍ଡର ନାଟାଲୀ ସ୍କିଭର ବ୍ରଣ୍ଟ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନ ମଧ୍ୟରେ ସ୍ଥିର ରହିଛନ୍ତି।

■ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ

## ଦ୍ୱିତୀୟ ଟି-୨୦ ଜିତିଲା ନ୍ୟୁଜିଲାଣ୍ଡ

ହାମିଲଟନ,୧୭।୩(ଏଜେନ୍ସି): ଓପନର ଡେଭନ କନୱେଙ୍କ ଦମ୍‌ଦାର ଅର୍ଦ୍ଧଶତକ ଓ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ୬୮ ରନ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ସମାନସ୍ତରରେ ରହିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଜିତିଥିଲା। ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍ ଅକ୍‌ଲାଣ୍ଡରେ ମାର୍ଚ୍ଚ ୨୦ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ୪୯ ବଲରୁ ୫ ଚୌକା ଓ ୨ ଛକା ସହ ୬୦ ରନ୍ କରିଥିବା ବିଜୟୀ ନ୍ୟୁଜିଲାଣ୍ଡର କନୱେଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଆଜିଠୁ କଳିଙ୍ଗରେ ଜାତୀୟ ପାରା ଆଥ୍‌ଲେଟିକ୍ସ

ଭୁବନେଶ୍ୱର, ୧୭ ।୩ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ବୁଧବାରଠୁ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୪ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ପାରା ଆଥ୍‌ଲେଟିକ୍ସ ସଂଘ ଆନୁକୂଲ୍ୟରେ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ୨୮ଟି ରାଜ୍ୟର ୧୪୬୦ ପାରା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଯେଉଁଥିରେ ବିଏଓ୍ଏଫ୍ ଓ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସ୍‌ସିବି)ର କ୍ରୀଡ଼ାବିତ୍‌ମାନେ ମଧ୍ୟ ଭାଗନେବେ। ଏଥିରେ ୧୪୫ଟି ମେଡାଲ୍ ଇଭେଣ୍ଟ ଅନୁଷ୍ଠିତ ହେବ। ପାରା ଅଲିମ୍ପିକ ଚାମ୍ପିଅନ ମାରିୟାପ୍ପାନ ଥଙ୍ଗାଭେଲୁ, ସୁମିତ ଆଣ୍ଟିଲ, ନବଦୀପ୍ ସିଂହ, ପ୍ରବୀଣ କୁମାର, ଦେବେନ୍ଦ୍ର ସିଂହ ଗୁରଜାରଙ୍କ ଭଳି ଅନ୍ତର୍ଜାତୀୟ ତାରକାଙ୍କୁ ଦେଖିବାକୁ ମିଳିବ। ସେହିଭଳି ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶାର ୪୦ ଜଣିଆ ଦଳ ଅଂଶଗ୍ରହଣ କରିବ। ଏଫ୍-୫୫ ଜାଭେଲିନ ଥ୍ରୋ'ର ଜାତୀୟ ରେକର୍ଡ ଅଧିକାରିଣୀ ସୁଚିସ୍ମିତା ପରିଡ଼ା, ଏସିଆନ ପାରା ଗେମ୍ସ ପଦକ ବିଜୟିନୀ ଜୟନ୍ତୀ ବେହେରା ପ୍ରମୁଖ ଏଠାରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିବା ଲକ୍ଷ୍ୟରେ ରହିଛନ୍ତି।

## ମେକ୍ସିକୋରେ ଖେଳିପାରେ ଇରାନ

ଜୁରିକ, ୧୭ ।୩ (ଏଜେନ୍ସି): ଆମେରିକା ଓ ଇସ୍ରାଏଲ୍ ମିଳିତ ଭାବେ ଗତ କିଛି ସପ୍ତାହ ଧରି ଇରାନ ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛନ୍ତି। ଯେଉଁଥି ପାଇଁ ଇରାନ ଆମେରିକା-ମେକ୍ସିକୋ ଓ କାନାଡାରେ ମିଳିତ ଭାବେ ଆୟୋଜିତ ହେବାକୁ ଥିବା ଆଗାମୀ ଫିଫା ବିଶ୍ୱକପରୁ ଓହରିଯିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଇରାନର ସମସ୍ତ ମ୍ୟାଚ୍ ଆମେରିକା ପରିବର୍ତ୍ତେ ଆୟୋଜନ କରିବା ନେଇ ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଏଥିଲାଗି ଫିଫା ଓ ଇରାନ ସରକାର ଓ ଫୁଟବଲ ସଂଘ ମଧ୍ୟରେ ଆଲୋଚନା ଚାଲିଛି। ଜୁନ ୧୧ରୁ ଫୁଟବଲ ବିଶ୍ୱକପ୍ ଆରମ୍ଭ ହେବ।

● ଓସିଏ କ୍ଲବ ଲିଗ୍

## ଦେବବ୍ରତଙ୍କ ଶତକ; ସନ୍‌ସାଇନ ବିଜୟୀ

ଭୁବନେଶ୍ୱର, ୧୭ ।୩ (ସମିସ): କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ଓସିଏ କ୍ଲବ କ୍ରିକେଟ୍‌ର ଦ୍ୱିତୀୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ଦେବବ୍ରତ ପ୍ରଧାନଙ୍କ ଶତକୀୟ ପାଳି ବଳରେ ସନ୍‌ସାଇନ କ୍ଲବ ୬୯ ରନରେ ରୋଭର୍ସ ଆଥ୍‌ଲେଟିକ୍ କ୍ଲବକୁ ପରାସ୍ତ କରିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ସନସାଇନ ୫୦ ଓଭରରେ ୬ ୱିକେଟ୍ ହରାଇ ୩୨୨ ରନ କରିଥିଲା। ଦେବବ୍ରତ ୧୨୭ ଓ ଆର୍ଯ୍ୟଶ୍ରୀ ଭଞ୍ଜ ଅପରାଜିତ ୮୮ ରନର ପାଳି ଖେଳିଥିଲେ। ଜବାବରେ ରୋଭର୍ସ ଦଳ ବିଦ୍ୟାଧର ବେହେରା (୭୫ ରନ)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୪୪ ଓଭରରେ ୨୫୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦେବବ୍ରତ ଶ୍ରେଷ୍ଠ ଖେଳାଳି ବାବଦକୁ ୫ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଦିବସରେ ଅନୁଷ୍ଠିତ ଅନ୍ୟ ମ୍ୟାଚରେ ସହିଦ ସ୍ପୋର୍ଟିଂ କ୍ଲବ ୯୭ ରନରେ ୟୁନିୟନ ସ୍ପୋର୍ଟିଂ କ୍ଲବକୁ, ଜଗତପୁର ଆଥ୍‌ଲେଟିକ ସଂଘ ୩ ୱିକେଟ୍‌ରେ ଏଲଆଇସି ସ୍ପୋର୍ଟ୍ସ କ୍ଲବକୁ ଏବଂ ସନସାଇନ ଗ୍ରାଉଣ୍ଡରେ ବିଶ୍ୱଭାରତୀ ଦଳ ୬ ୱିକେଟ୍‌ରେ ଆମେଚର କ୍ଲବକୁ ହରାଇଛି। ଆମେଚର ଦଳର ଦୀପାଂଶୁ ସିଂହ (୩ ୱିକେଟ), ଜଗତପୁରର ଯୋଗେଶ୍ୱର ବାଗ୍ (୫୯ ରନ ଓ ୨ ୱିକେଟ) ଏବଂ ସହିଦ ସ୍ପୋର୍ଟିଂର ଓମ୍ ଟି ମୁଣ୍ଡେ (୭୨ ରନ ଓ ୧ ୱିକେଟ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଅନ୍ତହେଲା ବିବାଦୀୟ ବିତର୍କ

## ସଲମାନଙ୍କ ରନ୍‌ଆଉଟ ବୈଧ: ଏମ୍‌ସିସି

ଲଣ୍ଡନ,୧୭।୩(ଏଜେନ୍ସି): ପାକିସ୍ତାନର ବ୍ୟାଟର ସଲମାନ ଅଲି ଆଘାଙ୍କ ରନ୍‌ଆଉଟକୁ ନେଇ ଚାଲିଥିବା ବିବାଦୀୟ ବିତର୍କର ଅନ୍ତଘଟିଛି। ଏହାକୁ ବୈଧ ଘୋଷଣା କରିଛି ବିଶ୍ୱକ୍ରିକେଟ ଆଇନର ରକ୍ଷକ ଭାବେ ଜଣାଶୁଣା ଏମ୍‌ସିସି (ମେରିଲବୋର୍ଣ୍ଣ କ୍ରିକେଟ କ୍ଲବ୍)।



ଏହା ଫଳରେ ସଲମାନଙ୍କ ଆଉଟକୁ ନେଇ ବିବାଦ ବଢ଼ିବାକୁ ଯାଉଥିଲାବେଳେ ଏମ୍‌ସିସିର ହସ୍ତକ୍ଷେପ ଯୋଗୁଁ ଏହାର ପରିସମାପ୍ତି ଘଟିଛି। ଏମ୍‌ସିସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଅମ୍ପାୟାର ଚାହିଁଥିଲେ ଏହାକୁ ଭିନ୍ନ ଭାବେ ଗ୍ରହଣ କରିପାରିଥାନ୍ତେ। କିନ୍ତୁ ନନ୍‌ଷ୍ଟ୍ରାଇକର ଏଣ୍ଡରେ ୱିକେଟ ଯେତେବେଳେ ଭାଙ୍ଗିଲା, ଠିକ୍ ସେତିକିବେଳେ ବ୍ୟାଟର ତାଙ୍କ କ୍ରିଜ୍‌ରେ ନ ଥିଲେ। ଏଣୁ ଆଉଟ ହେବାରେ କୌଣସି ତ୍ରୁଟି ନାହିଁ ବୋଲି ଏମ୍‌ସିସି ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ବଲକୁ ଅମ୍ପାୟାର ଡେଡ୍ ଘୋଷଣା ନ କରିବା ନେଇ ମଧ୍ୟ ଏମ୍‌ସିସି ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବଲ ଯେତେବେଳେ ଖେଳରେ ଥିଲା, ସେତେବେଳେ ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ବ୍ୟାଟର କ୍ରିଜ୍ ଛାଡିଥିଲେ। ସେ ପ୍ରତିପକ୍ଷ ଫିଲ୍ଡର ମେହଦୀ ହାସନ ମିରାଜଙ୍କ ସହ ଧକ୍କା ଖାଇବା ପରେ କ୍ରିଜ୍‌କୁ ଆସିବାକୁ ଚେଷ୍ଟା କରିଥିଲେ। ସେହିପରି କୌଣସି ବ୍ୟାଟର ଫିଲ୍ଡିଂ ସାଇଡ୍‌ର ବିନାଅନୁମତିରେ ବଲ୍‌କୁ ଅଟକାଇପାରିବେ ନାହିଁ। ଏଭଳି କଲେ ତାଙ୍କ ବଲ୍‌କୁ ଅଟକାଇବା ଦୋଷରେ ଆଉଟ ହେବାକୁ ପଡ଼ିପାରେ। ବ୍ୟାଟର ବଲ୍‌କୁ ନ ଅଟକାଇ ନିଜ କ୍ରିଜ୍‌କୁ ସୁରକ୍ଷିତ ଫେରିବା ଉପରେ ଗୁରୁତ୍ୱ ଦେବା ଉଚିତ ଥିଲା। ଏହା ଫଳରେ ସଲ୍‌ମାନ ଅଲି ଆଘାଙ୍କ ରନ୍‌ଆଉଟକୁ ନେଇ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ତାହା ଏମ୍‌ସିସିର ସ୍ପଷ୍ଟୀକରଣ ପରେ ଏକପ୍ରକାର ଶେଷ ହୋଇଛି।

ଢାକାରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ପାକିସ୍ତାନର ସଲମାନ୍ ଅଲି ଆଘା ଏପରି ଏକ ବିବାଦୀୟ ଆଉଟର ଶିକାର ହୋଇଥିଲେ। ଏହି ଘଟଣାଟି ପାକିସ୍ତାନ ଇନିଂସ ୩୯ତମ ଓଭରରେ ଘଟିଥିଲା। ଏହି ଓଭର ବୋଲିଂ କରୁଥିବା ମେହଦୀ ହାସନ ମିରାଜଙ୍କ ଚତୁର୍ଥ ବଲ୍‌କୁ ଷ୍ଟ୍ରାଇକର ମହମ୍ମଦ୍ ରିଜୱାନ ଜେଣ୍ଟଲ ପୁସ୍ କରିଥିଲେ। ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ସଲମାନ ବ୍ୟାକ୍‌ଅପ୍ ନେଉଥିଲାବେଳେ ତାଙ୍କ ପ୍ୟାଡ୍‌ରେ ବଲ ବାଜିଥିଲା। ଏହା ପରେ ସେ କ୍ରିଜକୁ ଫେରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ମେହଦୀ ହସନ ଦ୍ରୁତଗତିରେ ବଲ୍‌କୁ ସଂଗ୍ରହ କରି ୱିକେଟ ଭାଙ୍ଗିଦେଇଥିଲେ। ୱିକେଟ ଭାଙ୍ଗିବା ପରେ ଫିଲ୍ଡରମାନେ ରନ୍‌ଆଉଟ ଅପିଲ କରିଥିଲେ। ଅମ୍ପାୟାର ତାହାକୁ ତୃତୀୟ ଅମ୍ପାୟାରଙ୍କୁ ରେଫର କରିଥିଲେ। ତୃତୀୟ ଅମ୍ପାୟାର ସଲ୍‌ମାନଙ୍କୁ ଆଉଟ ଦେଇଥିଲେ। ଏହି ନିଷ୍ପତ୍ତିରେ ସଲ୍‌ମାନ ନିରାଶ ହୋଇଥିଲେ ଓ ଅସନ୍ତୋଷ ପ୍ରକାଶ କରି ପାଭିଲିୟନ ଫେରିଥିଲେ। କିଛି ଏହାକୁ ଠିକ୍ ବୋଲି ସ୍ୱୀକାର କରିଥିଲାବେଳେ ପାକିସ୍ତାନ ବୋର୍ଡ ଓ ଖେଳାଳିଙ୍କ ସମେତ ସମର୍ଥକମାନେ ବଲକୁ ଫିଲ୍ଡ ଅମ୍ପାୟାର ଡେଡ୍ ଘୋଷଣା କରିବାର ଥିଲାବୋଲି କହିଥିଲେ। ଏ ସମ୍ପର୍କରେ ଏମ୍‌ସିସି ସ୍ପଷ୍ଟୀକରଣ ଦେବା ପରେ ବିବାଦୀୟ ବିତର୍କର ଶେଷ ହୋଇଛି।

ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ୍

## ସେମିଫାଇନାଲ୍‌ରେ ମୁକ୍ତେଶ୍ୱର

ଭୁବନେଶ୍ୱର, ୧୭ ।୩ (ସମିସ): ଆୟୋଜକ ମୁକ୍ତେଶ୍ୱର କ୍ଲବ ୩ୟ ଦଳ ଭାବେ ବିଜେବି ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ




ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଲଢ଼େଇରେ ୪ ୱିକେଟରେ ସହିଦ୍ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ସ୍ପୋର୍ଟିଂ ୪୦ ଓଭରରେ ୨୧୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦିବ୍ୟଜ୍ୟୋତି ଦାସ ପଟ୍ଟନାୟକ ୧୧୭ ବଲରେ ୧୦୧ ରନର ଶତକୀୟ ପାଳି ଖେଳିଥିଲେ। ମୁକ୍ତେଶ୍ୱରର ପ୍ରତୀକ ସ୍ୱାଇଁଙ୍କୁ ୩ଟି ଏବଂ ଶ୍ରୀରାଜ ପଟ୍ଟନାୟକ, ଆଶୁତୋଷ ମାରାଣ୍ଡି ଓ ଅଭିନବ ନନ୍ଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ମୁକ୍ତେଶ୍ୱର ଦଳ ୩୮ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନୁରାଗ ଷଡ଼ଙ୍ଗୀ ୯୩ ବଲରେ ଅପରାଜିତ ୯୬ ରନର ଇନିଂସ ଖେଳି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ହିମାଂଶୁ ବିଷ୍ଟ ମଧ୍ୟ ୨୯ ରନର ଉପଯୋଗୀ ପାଳି ଖେଳିଥିଲେ। ମ୍ୟାଚ୍ ବିଜୟୀ ପାଳି ଲାଗି ଅନୁରାଗ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପ୍ରକାଶ ଦାସ, ଅଶୋକ ପଣ୍ଡା ଓ ପ୍ରିୟଦର୍ଶୀ ପଲ୍ ଅତିଥି ଭାବେ ଯୋଗଦେଇଥିଲେ। ବୁଧବାର ଶେଷ କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟିଂ ଓ ରାଉରକେଲା ୟୁଥ୍ କ୍ରିକେଟ୍ ସାମ୍ନାସାମ୍ନି ହେବେ।

ଏଲ୍‌ଏଲ୍‌ସିସି କପ୍

## କ୍ୱାର୍ଟରରେ ପାରାମାଉଣ୍ଟ



ଭୁବନେଶ୍ୱର, ୧୭ ।୩ (ସମିସ): ସ୍ଥାନୀୟ ଆଇଆର୍‌ସି ଭିଲେଜରେ ଚାଲିଥିବା ଏଲଏଲ୍‌ସିସି ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପାରାମାଉଣ୍ଟ ସ୍ପୋର୍ଟିଂ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ୩୮ ରନରେ ଟାଉନ କ୍ଲବକୁ ମାତ୍ ଦେଇଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ୩୫ ଓଭରରେ ୮ ୱିକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ସୁସଙ୍କେତ ରାଉତରାୟ ୬୨ ଓ ପ୍ରୀତମ ରାଉତ ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଟାଉନ କ୍ଲବର ଆଦର୍ଶ ବିଶ୍ୱାଳ, ଅଜିତ ପ୍ରଧାନ ଓ ସୁକାଶ ବେହେରାଙ୍କୁ ୨ଟି ଲେଖାଏ ମିଳିଥିଲା। ଜବାବରେ ଟାଉନ କ୍ଲବ ୫ ୱିକେଟରେ ୧୭୬ ରନରେ ସୀମିତ ରହିଥିଲା। ବିଜୟୀ ପାରାମାଉଣ୍ଟ ଦଳର ଶାଜେିବ ଆଲାମ ୭ ଓଭରରେ ୫ ମେଡେନ ସହ ୧୬ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ। ଏହି ବୋଲିଂ ଲାଗି ଆଲାମଙ୍କୁ ଆୟୋଜକ କ୍ଲବର ଯୁଗ୍ମ ସମ୍ପାଦକ ଅଜୟ କୁମାର ସାହୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫୁଟବଲ୍

## ରାଧାରମଣର ବିଜୟ ଅଭିଯାନ

ଭୁବନେଶ୍ୱର, ୧୭ ।୩ (ସମିସ): ଦେବେନ୍ଦ୍ର ମେମୋରିଆଲ୍ ପ୍ରଥମ ଅଲ୍ ଓଡ଼ିଶା ଫୁଟବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। କଟକର ରାଧା ରମଣ କ୍ଲବ ବିଜୟରୁ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ରାଧାରମଣ ଦଳ ୩-୧ ଗୋଲରେ ଓଡ଼ିଶା ପୁଲିସ ଟିମ୍‌କୁ ହରାଇଦେଇଛି। ଓଡ଼ିଶା ପୁଲିସର ରାଇସେନ ଟୁଡୁ ୩ୟ ମିନିଟରେ ଏକ ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଏହାପରେ ରାଧାରମଣ ଦଳ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲା। ରାଧାରମଣ କ୍ଲବ ପକ୍ଷରୁ ସଞ୍ଜିତ ଖୋରା, ଏଡୱିନ ତିର୍କୀ ଓ ଅମନ ବତ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇ ଦଳକୁ ୩-୧ରେ ବିଜୟୀ କରାଇଥିଲେ। ଏଡୱିନ ତିର୍କୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୩ ହଜାର ଟଙ୍କା ପୁରସ୍କାର ପାଇଥିଲେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଉଦଘାଟନୀ ଉତ୍ସବରେ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ବତନ ଫୁଟବଲର୍ ତଥା ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରାଜେନ୍ଦ୍ର ପ୍ରସାଦ ସିଂ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ଅଶୋକ ମହାନ୍ତି, ଫାଓ ସଭାପତି ଟଙ୍କଧର ତ୍ରିପାଠୀ, ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।




## ଜାତୀୟ ଯୁବ ଭଲିବଲ କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର,୧୭।୩(ସମିସ): ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ କିଟ୍ ୟୁନିଭର୍ସିଟିଜ୍ ପରିସରରେ ଚାଲିଥିବା ୨୬ତମ ଜାତୀୟ ଯୁବ୍ ଭଲିବଲ ଚାମ୍ପିଅନସିପ୍‌ରେ ପୁଲରେ ପ୍ରଥମ ସ୍ଥାନ ଅଧିକାର କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପୁରୁଷ ଦଳ ପ୍ରଥମେ ଛତିଶଗଡକୁ ୩-୦ ସେଟ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶକୁ ୩-୧ ସେଟ୍‌ରେ ହରାଇ ପୁଲ୍‌ରେ ପ୍ରଥମ ହୋଇଥିଲା। ସେହିପରି ମହିଳା ଦଳ ଆଜି ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ପଶ୍ଚିମବଙ୍ଗକୁ ୩-୧ ଓ ଦ୍ୱିତୀୟ ମ୍ୟାଚ୍‌ରେ ହିମାଚଳ ପ୍ରଦେଶକୁ ୩-୦ ସେଟ୍‌ରେ ପରାସ୍ତ କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS